ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୬/୨୦୨୦ (୧୨ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 6/2020 ★★★★★★
୪୬ଶ ଭାଗ ୨୮୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-


Presenting

# SONET

## WILD BY DESIGN


| 1.5*l* CRDi Diesel Engine with 6 Speed Advance AT | Smart Pure Air Purifier with Virus Protection | 26.03 CM (10.25") Advanced HD Touchscreen Navigation | BOSE Premium 7-Speaker Sound System |
|---|---|---|---|
| First-in-segment | First-in-world | First-in-segment | First-in-segment |




## PRE-BOOK YOUR SONET TODAY!

Visit www.kia.com/in [Book Kia Sonet] | Call 1800 108 5000 | Contact your nearest Kia Dealership now

The aggressive stance and muscular build of the Sonet are complemented by an array of segment-first features, state-of-the-art connectivity, classy interior and much more. So ruling the urban streets comes to it naturally. It's thrilling and it's here.

First-in-segment


**1.5*l* CRDi Diesel Engine with 6 Speed Advance AT** that offers the power of diesel in advanced automatic

First-in-world

**Smart Pure Air Purifier with Virus Protection** ensures you breathe the cleanest of air inside

First-in-segment

**26.03 cm (10.25") Advanced HD Touchscreen Navigation** for amazing connectivity & entertainment

First-in-segment

**BOSE Premium 7-Speaker Sound System with LED Sound Mood Light** for an immersive experience

First-in-segment

**Ventilated Front Seats** cool you down in hot & humid conditions

Best-in-segment


**UVO** with 57 smart, connected features, like OTA map updates & AI Voice Command

**Host of other new features:** New-age Transmission - iMT (Intelligent Manual Transmission) | Largest 392*l* Boot Space** | Front and Rear Parking Sensors | Six Airbags with ESC, HAC, ESS, ACN & VSM | Kia Signature Tiger Nose Grille | Crown Jewel LED Headlamps with Heartbeat LED DRLs | Heartbeat LED Tail Lamps | Electric Sunroof | Sportier Dual Muffler Design | 10.7 cm (4.2") Advanced Color Instrument Cluster | Multi-drive Modes & Traction Control | Wireless Smartphone Charger with Cooling Function | R16-40.64 cm (16") Premium Crystal Cut Alloys | Highline Tyre Pressure Monitor | MT Remote Engine Start | Driving Rear View Monitor | Electric Folding Outside Mirrors | Smart Key with Push Button Start | Red Front Brake Calipers

**Close to you, no matter where you are.**
Kia has a nationwide network of dealerships and service centres to ensure ready spare parts and service availability for complete peace of mind.

| 160 | 265 | 206 | 192 |
|---|---|---|---|
| City Coverage | Consumer Touchpoints | Sales Points | Service Points |

KIA Service Promise to Care
Connected • Adaptive • Responsive • Engage

• Nationwide Kia Care network with easy availability of Genuine Spare Parts • 3 Years Warranty for Unlimited Kms & up to 5th Year optional Extended Warranty • 3 Years 24/7 Roadside Assistance • Kia Link service support app & IoT based workshops with Live Vehicle Tracking for digital experience • Scratch Care program for one-time free repair* • My Convenience, the most unique customised maintenance program*

**For more information contact: 1800 108 5000 | kiacare@kiamotorsindia.in**
@KiaMotorsIN @KiaMotorsIN Kia Motors India @KiaMotorsIN

Scan to discover more

*T&C Apply. **VDA method. Visit your nearest Kia dealership for more details. The product shown is for representation purpose only, actual features, colors and specifications as shown may not be part of standard fitment and may vary. UVO functionality is dependent on mobile network strength. Smartwatch and mobile phone are not provided with the vehicle. Kia Motors India Pvt. Ltd. reserves the right to make any changes with respect to the trims, colors, specifications and other details of any model as mentioned or to discontinue any model or to modify/discontinue any service without prior notice. Kia urges you to follow traffic rules, these are meant to keep you safe on roads. No liability accepted for errors and printing errors.

INNOCEAN-109/20

KIA
The Power to Surprise

FOR INFORMATION CONTACT: BHUBANESHWAR: CONSORTIUM MOTORS PRIVATE LIMITED, PH: 7064111999 SAMBALPUR: CONSORTIUM MOTORS PRIVATE LIMITED, PH: 7064111999 ANGUL: CONSORTIUM MOTORS PRIVATE LIMITED, PH: 7064111999

## ମସ୍‌ଜିଦ୍‌ରେ ବିସ୍ଫୋରଣରେ ୧୨ ମୃତ

ବାଂଲାଦେଶ ରାଜଧାନୀ ଢାକାସ୍ଥିତ ଏକ ମସ୍‌ଜିଦ୍‌ରେ ବିସ୍ଫୋରଣ ଘଟି ୧୨ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ୨୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ନମାଜ ପାଠ ସମୟରେ ମସ୍‌ଜିଦ୍‌ରେ ଗ୍ୟାସ ଲିକ୍ ହେବାରୁ ଏକ ସଙ୍ଗରେ ୬ଟି ଏୟାର କଣ୍ଡିସନର ବିସ୍ଫୋରଣ ହୋଇଥିଲା। ସେଠାରେ ଉପସ୍ଥିତ ଥିବା ଜଣେ ଶିଶୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଭାବେ ଆହତ ହୋଇଥିବା ଅନ୍ୟ ୧୧ଜଣଙ୍କ ଶନିବାର ମୃତ୍ୟୁ ଘଟିଛି।

# ଚାଇନା ସହ ଯୁଦ୍ଧ ହେଲେ ଭାରତକୁ ସମର୍ଥନ କରିବେ ୭ ଦେଶ

ନୂଆଦିଲ୍ଲୀ,୫।୯



ଭାରତ ଓ ଚାଇନା ମଧ୍ୟରେ ଏଲ୍‌ଏସିରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଯଦି ଦୁଇଦେଶ ମଧ୍ୟରେ ଯୁଦ୍ଧ ହୁଏ ତେବେ ଭାରତକୁ ୭ ଦେଶ ସମର୍ଥନ କରିବେ। ସେମାନଙ୍କ ମଧ୍ୟରେ ଆମେରିକା, ଜାପାନ, ଅଷ୍ଟ୍ରେଲିଆ, ଫ୍ରାନ୍ସ, ବ୍ରିଟେନ୍ ଓ ଜର୍ମାନୀ ଆଦି ଦେଶ ରହିଛନ୍ତି। ରୁଷ୍ ବର୍ତ୍ତମାନ ସୁଦ୍ଧା ଭାରତର ସମର୍ଥନ ନେଇ ସକାରାତ୍ମକ ମନୋଭାବ ପୋଷଣ କରିଛି। ତେବେ ରୁଷ୍ ସମ୍ପୂର୍ଣ୍ଣ ହଁ ନ କହି ଚୁପ୍ ରହିଛି। ସେହିପରି ଚାଇନାକୁ ପାକିସ୍ତାନ ଏବଂ ଉତ୍ତରକୋରିଆର ସମର୍ଥନ ମିଳିବା ନିଶ୍ଚିତ ବୋଲି କୁହାଯାଉଛି। ଭାରତ ପାଖରେ ୧୪୪୪ ହଜାର ସେନା ଯବାନ ରହିଛନ୍ତି। ଅପରପକ୍ଷରେ ଚାଇନା ପାଖରେ ୨୧୮୩ ହଜାର ସୈନ୍ୟବଳ ରହିଛି। ଭାରତ ମିତ୍ରଶକ୍ତିଙ୍କ ପାଖରେ ୩୧୫୧୧୬୦ ସୈନ୍ୟ ରହିଛନ୍ତି। ଭାରତ ପାଖରେ ଗୋଟିଏ ଏୟାର କ୍ରାଫ୍ଟ କ୍ୟାରିୟର ରହିଛି। ଚାଇନା ପାଖରେ ୨ଟି ଏୟାର କ୍ରାଫ୍ଟ କ୍ୟାରିୟର ଅଛି। ମିତ୍ରଶକ୍ତି ପାଖରେ ୨୭ ଏୟାର କ୍ରାଫ୍ଟ କ୍ୟାରିୟର ରହିଛି। ଭାରତ ପାଖରେ ୧୬ ବୁଡ଼ାଜାହାଜ ଥିବାବେଳେ ଚାଇନା ପାଖରେ ୭୪ଟି ଅଛି। ମିତ୍ରଶକ୍ତି ପାଖରେ ୧୦୮ ବୁଡ଼ାଜାହାଜ ରହିଛି। ଚାଇନା ପାଖରେ ୧୨୩୨ ଯୁଦ୍ଧ ବିମାନ ରହିଛି। ଭାରତ ପାଖରେ ଏହାର ସଂଖ୍ୟା ୫୩୮ ଅଛି। ମିତ୍ରଶକ୍ତି ପାଖରେ ୨୯୮୪ ଯୁଦ୍ଧ ବିମାନ ରହିଛି। ଭାରତ ପାଖରେ ୪୨୯୪ ଟ୍ୟାଙ୍କ ଅଛି। ଅପରପକ୍ଷରେ ଚାଇନା ପାଖରେ ୩୫୦୦ ଟ୍ୟାଙ୍କ ରହିଛି। ସେହିପରି ମିତ୍ରଶକ୍ତି ପାଖରେ ୧୧୬୪୪ ଟ୍ୟାଙ୍କ ଅଛି। ମିତ୍ରଶକ୍ତିଙ୍କ ଯୋଗୁ ଭାରତର ସାମରିକ ଶକ୍ତି ଚାଇନା ତୁଳନାରେ ଯଥେଷ୍ଟ ବୃଦ୍ଧି ପାଇବ ବୋଲି କୁହାଯାଉଛି।

## ୫ ଭାରତୀୟ ଯୁବକଙ୍କୁ ବନ୍ଧକ ରଖିଛି ଚାଇନା

**ନୂଆଦିଲ୍ଲୀ, ୫।୯:** ଚାଇନା ଓ ଭାରତ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଅରୁଣାଚଳ ପ୍ରଦେଶର ୫ ଯୁବକଙ୍କୁ ଚାଇନା ସୈନ୍ୟ ଉଠାଇନେଇ ବନ୍ଧକ ରଖିଛନ୍ତି। ଏ ସମ୍ପର୍କରେ କଂଗ୍ରେସ ବିଧାୟକ ନନୋଙ୍ଗ୍ ଏରିଙ୍ଗ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶନିବାର ଟୁଇଟ୍ କରି ଜଣାଇଛନ୍ତି। ରାଜ୍ୟର ସୀମାବର୍ତ୍ତୀ ଉପର ସୁବନସିରି ଜିଲାରୁ ଯୁବକମାନଙ୍କୁ ଉଠାଇ ନିଆଯାଇଛି। ଏବେ ଚାଇନା ସୈନ୍ୟ ଯୁବକମାନଙ୍କୁ ବନ୍ଧକ ରଖିଥିବା ଏରିଙ୍ଗ୍ କହିଛନ୍ତି। ପୂର୍ବରୁ ମଧ୍ୟ ଏଭଳି ଘଟଣା ଘଟିଥିଲା। ତେବେ ଚାଇନାର ଏଭଳି କାର୍ଯ୍ୟର କଡ଼ା ଜବାବ ଦିଆଯିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି। ଯୁବକମାନଙ୍କୁ ନଚାଓ ସୀମାରୁ ଅପହରଣ କରାଯାଇଛି। ଯୁବକମାନେ ହେଉଛନ୍ତି ତନୁ ବାକାର, ପ୍ରଶାତ ରିଙ୍ଗ୍‌ଲିଙ୍ଗ୍, ନଗାରୁଦିରି, ଡୋଙ୍ଗତୁ ଇବିୟା ଏବଂ ତୋଚ୍ ଇଙ୍ଗକାମ୍। ଯୁବକମାନେ ମାଛ ଧରୁଥିବାବେଳେ ସେମାନଙ୍କୁ ଅପହରଣ କରାଯାଇଥିବା କୁହାଯାଉଛି। ଏହି ଘଟଣା ସମ୍ପର୍କରେ ସ୍ଥାନୀୟ ଭାଜପା ଏମ୍‌ପି କିରେନ୍ ରିଜିଜୁ ମଧ୍ୟ ଅବଗତ ଥିବା ଏରିଙ୍ଗ୍ କହିଛନ୍ତି। ଲଦାଖ ଏବଂ ଡୋକଲାମ୍ ଭଳି ଅରୁଣାଚଳ ପ୍ରଦେଶରେ ମଧ୍ୟ ଚାଇନା ଉପଦ୍ରବ ଆରମ୍ଭ କରି ଦେଇଥିବା ଏରିଙ୍ଗ୍ ସୂଚନା ଦେଇଛନ୍ତି। ଏଠାରେ ଚାଇନା ଅନୁପ୍ରବେଶ ଜାରି ରଖିଥିବା ସେ କହିଛନ୍ତି। ଚାଇନା ସୀମାରେ ଯୁବକମାନେ ପ୍ରବେଶ କରିଥିବା କୁହାଯାଉଛି। ଏଠାରେ ଭାରତ-ଚାଇନା ସୀମା ସମ୍ପର୍କିତ କୌଣସି ତଥ୍ୟ ନ ଥିବାରୁ ସ୍ଥାନୀୟ ବାସିନ୍ଦା ବହୁ ସମୟରେ ସମସ୍ୟାର ସମ୍ମୁଖୀନ ହେଉଥିବା କୁହାଯାଉଛି।

## ୪୭ଜଣଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର

**ନୂଆଦିଲ୍ଲୀ,୫।୯(ପି.ଟି.):** ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ସହ ଗଣିତ ଜ୍ଞାନକୁ ସହଜ ଓ ବୋଧଗମ୍ୟ ଉପାୟରେ ପିଲାମାନଙ୍କୁ ଜ୍ଞାନ ପ୍ରଦାନ କରିଥିବା ଦେଶର ବିଭିନ୍ନ ପ୍ରାନ୍ତର ୪୭ଜଣ ଶିକ୍ଷକଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ଗୁରୁ ଦିବସ ଅବସରରେ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିଛନ୍ତି। ଗୋଟିଏ ବିଦ୍ୟାଳୟର ଉନ୍ନତ ଭିତ୍ତିଭୂମି, ବହୁମୂଲ୍ୟ ପାଠ୍ୟ ଉପକରଣ ଯେ, ବିଦ୍ୟାଳୟକୁ ପ୍ରଶଂସିତ କରିଥାଏ ତା' ନୁହେଁ ବରଂ ଏଥିପାଇଁ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଶିକ୍ଷକମାନେ ହିଁ ଜ୍ଞାନର ଭିତ୍ତିଭୂମି ଏବଂ ଛାତ୍ରମାନଙ୍କ ମଧ୍ୟରେ ଉତ୍ତମ ସ୍ୱଭାବ ସୃଷ୍ଟି କରିଥାନ୍ତି ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି।

ଭର୍ଚୁଆଲ ସମ୍ମାନ ଉତ୍ସବରେ ଯୋଗଦେଇ କୋବିନ୍ଦ କହିଥିଲେ ଯେ ସମ୍ପ୍ରତି କୋଭିଡ୍-୧୯ ମହାମାରୀ ସମୟରେ ସମସ୍ତ ସ୍କୁଲ୍ କଲେଜ ବନ୍ଦ ରହିଛି। ଏହା ସତ୍ତ୍ୱେ ଡିଜିଟାଲ ପଦ୍ଧତିରେ ସମସ୍ତ ଛାତ୍ରୀଛାତ୍ରଙ୍କ ନିକଟରେ ଶିକ୍ଷା କିପରି ପହଞ୍ଚି ପାରିବ ସେନେଇ ନିରନ୍ତର ପ୍ରଚେଷ୍ଟା ଜାରି ରହିଛି। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଚଳିତ ବର୍ଷ ପୁରସ୍କାର ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷକମାନଙ୍କ ଠାରୁ ଆବେଦନ ଆହ୍ୱାନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ଯାଞ୍ଚ ଜିଲାସ୍ତରରେ ଜିଲା ମନୋନୟନ କମିଟି ଦ୍ୱାରା କରାଯାଇଥିଲା। ଜାତୀୟ ପୁରସ୍କାର ପାଇଁ ମନୋନୀତ ଶିକ୍ଷକମାନେ କେବଳ ଗୁଣାତ୍ମକ ଶିକ୍ଷା ନୁହେଁ ବରଂ ସେମାନେ ଛାତ୍ରୀଛାତ୍ରଙ୍କ ଜୀବନ ଶୈଳୀରେ ଉନ୍ନତି ଆଣିବା ସହ ସମାଜ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ସମ୍ପର୍କରେ ଅବଗତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛନ୍ତି। ବିଶେଷକରି ବିଦ୍ୟାଳୟଗୁଡ଼ିକରେ ଛାତ୍ର ଅନୁପସ୍ଥିତ ହାର କମାଇବା ସହ ଉତ୍ତମ ଏବଂ ଶୈକ୍ଷିକ ବାତାବରଣ ମାଧ୍ୟମରେ ଶିକ୍ଷାଦାନ କରିବାରେ ପୁରସ୍କୃତ ହୋଇଥିବା ଶିକ୍ଷକମାନେ ବେଶ୍ ସହାୟକ ହୋଇପାରିଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ୍ ନିଶଙ୍କ କହିଛନ୍ତି।

## ସୌଭିକ, ମିରାଣ୍ଡାଙ୍କୁ ୪ଦିନିଆ ରିମାଣ୍ଡରେ ନେଲା ଏନ୍‌ସିବି

ନୂଆଦିଲ୍ଲୀ,୫।୯(ପି.ଟି.): ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ୍‌ଙ୍କ ମୃତ୍ୟୁ ଘଟଣା ପଛର ରହସ୍ୟ ଦିନକୁଦିନ ଭିନ୍ନ ମୋଡ଼ ନେବାରେ ଲାଗିଛି। ଏହି ଘଟଣା ପଛରେ ଡ୍ରଗ୍ସ କାରବାର ଲିଙ୍କ୍ ଜଣାପଡ଼ିବା ପରେ ଏହାର ତଦନ୍ତ କରୁଥିବା ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ(ଏନ୍‌ସିବି) ଶନିବାର ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀଙ୍କ ଭାଇ ସୌଭିକ୍ ଚକ୍ରବର୍ତ୍ତୀ ଏବଂ ସୁଶାନ୍ତଙ୍କ ପୂର୍ବତନ ପରିଚାଳକ ସାମୁଏଲ୍ ମିରାଣ୍ଡାଙ୍କୁ ୪ଦିନିଆ ରିମାଣ୍ଡରେ ନେଇଛି। ଉଭୟଙ୍କୁ ଶୁକ୍ରବାର ଏନ୍‌ସିବି ଗିରଫ କରିଥିଲା। ଶନିବାର ସୌଭିକ୍ ଓ ମିରାଣ୍ଡାଙ୍କୁ କୋର୍ଟରେ ହାଜର କରିବା ସହ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ନିକଟରେ ରିୟା ଏବଂ ତାଙ୍କ ଭାଇ ସୌଭିକଙ୍କ ମଧ୍ୟରେ ଡ୍ରଗ୍ସ ବିଷୟ ନେଇ କଥା ହୋଇଥିବାର ହ୍ୱାଟ୍ସଆପ୍ ଚାଟ ଭାଇରାଲ୍ ହୋଇଥିଲା। ଶୁକ୍ରବାର ଏନ୍‌ସିବିର ଅଧିକାରୀମାନେ ରିୟା, ସୌଭିକ ଏବଂ ମିରାଣ୍ଡାଙ୍କ ଘରେ ଚଢ଼ାଉ କରି ବିଭିନ୍ନ କାଗଜପତ୍ର, କମ୍ପ୍ୟୁଟର, ଲାପ୍‌ଟପ୍ ଆଦି ଯାଞ୍ଚ କରିବା ପରେ ଉଭୟଙ୍କର ଡ୍ରଗ୍ସ କାରବାରରେ ସମ୍ପୃକ୍ତି ରହିଥିବା ନେଇ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲେ।

## ଆସନ୍ତା ୧୦ବର୍ଷରେ ନାମଲେଖା ୨ଗୁଣ ହେବ

ନୂଆଦିଲ୍ଲୀ,୫।୯(ପି.ଟି.)



ପ୍ରକାଶ ଜାଭଡେକର

୨୦୨୦ ଜାତୀୟ ଶିକ୍ଷା ନୀତି ଏକବିଂଶ ଶତାବ୍ଦୀରେ ଏକ ବୈପ୍ଲବିକ ସଂସ୍କାର ଆଣିପାରିଛି। ଏହି ଶିକ୍ଷା ନୀତି ଦ୍ୱାରା ଆସନ୍ତା ୧୦ବର୍ଷ ମଧ୍ୟରେ ନାମଲେଖା ଅନୁପାତ ୨ଗୁଣ ହେବାର ଆଶା କରାଯାଉଛି ବୋଲି ଶନିବାର କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। ନୂତନ ଶିକ୍ଷା ନୀତିରେ ଉଚ୍ଚ ଶିକ୍ଷା ଅନୁଷ୍ଠାନର ବିସ୍ତାର ଭାବେ ସମ୍ପ୍ରସାରଣ ବିଶେଷକରି ଗ୍ରାମାଞ୍ଚଳରେ ଉଚ୍ଚ ଶିକ୍ଷାର ପ୍ରସାର ଏବଂ ଚାହିଦା ବୃଦ୍ଧି ଆଗାମୀ ଦିନରେ ଦେଶରେ ନାମଲେଖା ଅନୁପାତକୁ ବୃଦ୍ଧି କରିବାରେ ବେଶ୍ ସହାୟକ ହେବ ବୋଲି ବମ୍ବେର ପାର୍ଲେ ତିଲକ ବିଦ୍ୟାଳୟର ଶତବାର୍ଷିକୀ ଗୁରୁ ଦିବସ ପାଳନ ଅବସରରେ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇ ଜାଭଡେକର କହିଛନ୍ତି। ଦେଶରେ ବର୍ତ୍ତମାନ ପିଲାମାନେ ଅଧିକରୁ ଅଧିକ ଶିକ୍ଷା ପ୍ରତି ମନୋନିବେଶ କଲେଣି। ଜାତୀୟ ଶିକ୍ଷା ନୀତି ୨୦୨୦ ଉଭୟ ଶିକ୍ଷା ଏବଂ ଶିକ୍ଷଣ ପଦ୍ଧତି ଏକ ପ୍ରକାର ନୂତନ ଅନୁଭୂତି ଆଣିବ। ଏହା ଯୁବଗୋଷ୍ଠୀକୁ ବେଶ୍ ସଶକ୍ତ କରିପାରିବ। ନୂଆ ଶିକ୍ଷା ନୀତି ମୌଳିକ ଏବଂ ଗାଣିତିକ ସାକ୍ଷରତା ଉପରେ ଗୁରୁତ୍ୱ ଦେଇଛି। ଏଥିସହିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓପନ୍ ସ୍କୁଲିଂ ବ୍ୟବସ୍ଥା ସମସ୍ତଙ୍କ ନିକଟରେ ଶିକ୍ଷା ପହଞ୍ଚାଇବାରେ ସହାୟକ ହେବ ବୋଲି ଜାଭଡେକର କହିଛନ୍ତି। ଜାତୀୟ ଶିକ୍ଷା ନୀତିରେ ପ୍ରାକ୍ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ୩ରୁ ୮ବର୍ଷର ପିଲାମାନଙ୍କ ମଧ୍ୟରେ ବୌଦ୍ଧିକ ଜ୍ଞାନ ଶକ୍ତି, ପାଠପଢ଼ା ପ୍ରତି ଆଗ୍ରହ ବୃଦ୍ଧି ଏବଂ ମାନସିକସ୍ଥିତି କିପରି ଠିକ୍‌ଭାବେ ବଢ଼ିପାରିବ ତାହା ଉପରେ ବିଶେଷ ଧ୍ୟାନ ଦିଆଯାଇଛି ବୋଲି ଜାଭଡେକର କହିଛନ୍ତି।

## 'ଶିକ୍ଷକ ଆମର ହିରୋ'

ନୂଆଦିଲ୍ଲୀ,୫।୯



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁଦିବସ ଅବସରରେ ରାଷ୍ଟ୍ର ନରେନ୍ଦ୍ର ମୋଦି ନିର୍ମାଣରେ ଶିକ୍ଷକଙ୍କ ଯୋଗଦାନର ପ୍ରଶଂସା କରିଛନ୍ତି। ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ କରି ଗଢି ତୋଳିବାରେ ଶିକ୍ଷକଙ୍କର ଯେଉଁ ଭୂମିକା ରହିଛି ସେଥିପାଇଁ ଦେଶ ତାଙ୍କ ନିକଟରେ ଋଣୀ ରହିବ। ଶିକ୍ଷକ ଦେଶର ଭବିଷ୍ୟତ ଗଢୁଥିବାରୁ ସେ ଆମର ପ୍ରକୃତ ହିରୋ। ତେଣୁ ଏମାନଙ୍କ ପ୍ରତି କୃତଜ୍ଞତା ରହିବା ଉଚିତ। ଗୁରୁଦିବସ ଅବସରରେ ମୋଦି ଟୁଇଟ୍ କରି ଏହା କହିଛନ୍ତି। ଏହି ଅବସରରେ ମୋଦି ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଡା. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କୁ ମନେପକାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ତାପସ, ବସନ୍ତ ପୁରସ୍କୃତ

ଖୋର୍ଦ୍ଧା ଅଫିସ/ବୌଦ୍ଧ,୫।୯(ସ୍ୱ.ପ୍ର.)



ତାପସ କୁମାର ମହାନ୍ତି




ବସନ୍ତ କୁମାର ସାହୁ

ଓଡ଼ିଶାର ଦୁଇଜଣ ଶିକ୍ଷକ ରାଷ୍ଟ୍ରପତିଙ୍କଠାରୁ ଜାତୀୟ ଶିକ୍ଷକ ପୁରସ୍କାରରେ ଶନିବାର ସମ୍ମାନିତ ହୋଇଛନ୍ତି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଭୁବନେଶ୍ୱର ଦୃଷ୍ଟିବାଧିତ ଭୀମ ଭୋଇ ବିଦ୍ୟାଳୟର ଶିକ୍ଷକ ତାପସ କୁମାର ମହାନ୍ତି ଏବଂ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସରସରା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ। ଭିଡିଓ କନଫରେନ୍ସ ମାଧ୍ୟମରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସେମାନଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି। ଖୋର୍ଦ୍ଧା ଏନ୍‌ଆଇସି କେନ୍ଦ୍ରରେ ଶିକ୍ଷକ ମହାନ୍ତି ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ଦ୍ୱାରା ପ୍ରେରିତ ମାନପତ୍ର ଓ ପଦକକୁ ଜିଲାପାଳ ସନତ୍ କୁମାର ମହାନ୍ତି ଶିକ୍ଷକ ମହାନ୍ତିଙ୍କୁ ପ୍ରଦାନ କରିଥିଲେ। ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର ଏବଂ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସରସରାର ଶିକ୍ଷକ ସାହୁ କଣ୍ଢେଇ ଓ ବର୍ଣ୍ଣମାଳାର ଛାୟାକୁ ଶିକ୍ଷାଦାନର ମାଧ୍ୟମ ଭାବେ ବ୍ୟବହାର କରି ଲୋକପ୍ରିୟତା ସାଉଣ୍ଟିଛନ୍ତି। ରାଷ୍ଟ୍ରପତି ଭର୍ଚୁଆଲ ଉତ୍ସବ ମାଧ୍ୟମରେ ଶିକ୍ଷକ ସାହୁଙ୍କ ସହିତ ଆଲୋଚନା କରିଥିଲେ। ଶିକ୍ଷକ ସାହୁଙ୍କୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ପଦକ ଓ ମାନପତ୍ର ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଫୁର୍‌ସତ୍

# ପେନ୍‌ସିଲରେ ଗିଟାର



**ନୂଆଦିଲ୍ଲୀ:** ମଣିଷର ସୃଜନଶୀଳତା ବେଳେବେଳେ ସମାଜକୁ ଭିନ୍ନ ରାସ୍ତା ଦେଖାଇଥାଏ। ଠିକ୍ ଏମିତି କିଛି ଏବେ ଦେଖିବାକୁ ମିଳିଛି ସୋସିଆଲ ମିଡିଆରେ। ବିଭିନ୍ନ ପ୍ରକାରର କଲର୍ ପେନ୍‌ସିଲ୍ ବ୍ୟବହାର କରି ଜଣେ କଳାକାର ତିଆରି କରିଛନ୍ତି ଏକ ଗିଟାର। ୟୁଟ୍ୟୁବର ବୁର୍ଲସ ଆର୍ଟ ଚ୍ୟାନେଲରେ ଏଭଳି ଏକ ଗିଟାର ତିଆରି ହୋଇଥିବା ନେଇ ଏକ ଭିଜୁଆଲ ଏବେ ଭାଇରାଲ୍ ହେବାରେ ଲାଗିଛି।

କଲର୍ ପେନ୍‌ସିଲରେ ଗିଟାର ତିଆରି ହେବାର ଭିଜୁଆଲଟି ମୋଟ ୧୩ ମିନିଟର। ୧୨୦୦ଟି ବିଭିନ୍ନ ପ୍ରକାରର କଲର୍ ପେନ୍‌ସିଲ୍ ବ୍ୟବହାର କରି ଜଣେ ବ୍ୟକ୍ତି ତିଆରି କରିଛନ୍ତି ଏକ ସୁନ୍ଦର ଗିଟାର। ଭିଜୁଆଲରେ ଗିଟାରଟିକୁ ତିଆରି କରିବାର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଦେଖାଯାଇଛି। ଗିଟାରଟିକୁ କଳାକାରଜଣକ ବେଶ୍ ସୁନ୍ଦରଭାବେ ତିଆରି କରୁଛନ୍ତି ଓ ତା'ପରେ ଏହାକୁ ବଜାଉଛନ୍ତି। ବିଭିନ୍ନ ପ୍ରକାରର ରଙ୍ଗ ପେନ୍‌ସିଲରେ ଗିଟାର ତିଆରି ହେବାର ଏହି ଭିଜୁଆଲଟି ଲୋକଙ୍କୁ ଖୁବ୍ ପସନ୍ଦ ହୋଇଛି। ସେଥିପାଇଁ ମାତ୍ର ଗୋଟିଏ ଦିନରେ ଏହି ଭିଜୁଆଲଟି ପୋଷ୍ଟ ହେବାର କିଛି ଘଣ୍ଟା ମଧ୍ୟରେ ୮୧ହଜାରରୁ ଅଧିକ ଲୋକ ଦେଖି ସାରିଲେଣି। ଭିନ୍ନ ଶୈଳୀରେ ଗିଟାର ତିଆରି ଶୈଳୀକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ୟୁଟ୍ୟୁବରେ ଏଭଳି ଭିଜୁଆଲ ଏବେ ଲୋକଙ୍କୁ ଆକୃଷ୍ଟ କରିପାରିଛି। କିଛିଦିନ ତଳେ ଆଉ ଏକ ଗିଟାରର ଫଟୋ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। କାରଣ ଏହାପୂର୍ବରୁ ଜଣେ ବ୍ୟକ୍ତି ଲୁଣକୁ ବ୍ୟବହାର କରି ଏକ ବିଶେଷ ପ୍ରକାରର ଗିଟାର ତିଆରି କରି ସୋସିଆଲ ମିଡିଆରେ ଜଣାଇଥିଲେ।

## ଚିତ୍ରାଙ୍କନ ନିଶାରେ ସନି



ସନି ଲିଓନି

**ମୁମ୍ବାଇ:** କରୋନା ମହାମାରୀ ସମୟରେ ବଲିଉଡ ଅଭିନେତ୍ରୀ ନିଜ ସ୍ୱାମୀ ଏବଂ ୩ ସନ୍ତାନଙ୍କ ସହ ବହୁତ ଖୁସିରେ ଲସ୍ ଏଞ୍ଜେଲସ୍‌ରେ ସମୟ ଅତିବାହିତ କରୁଛନ୍ତି। ବଲିଉଡ ସେନ୍ସେସନ ସନି ଲିଓନି ଏବେ ପୂରା ସମୟ ନିଜ ପରିବାରକୁ ଦେଉଛନ୍ତି। ସନି ସେମାନଙ୍କୁ ବିଭିନ୍ନ ପ୍ରକାର ଜିନିଷ ଶିଖାଉଛନ୍ତି। ଫ୍ୟାନ୍‌ମାନଙ୍କ ଏଣ୍ଟରଟେନ୍‌ମେଣ୍ଟ ପାଇଁ ସନି ସବୁବେଳେ ଧ୍ୟାନ ଦେଇଥାନ୍ତି। ସେଥିପାଇଁ ସେ ଦେଶ ବାହାରେ ଥିଲେ ବି ଭିଡିଓ ଏବଂ ଫଟୋ ଶେୟାର କରିଥାନ୍ତି। ନିକଟରେ ସେ ଏକ ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ଏହି ଫଟୋର କ୍ୟାପଶନ୍‌ରେ ସେ ଲେଖିଥିଲେ 'କାଲିଫର୍ନିଆର ସୂର୍ଯ୍ୟ କିରଣ ଏବଂ ଫ୍ରେଶ୍ ପବନର ତୁଳନା ନାହିଁ।' ଫଟୋଟିକୁ ଫ୍ୟାନ୍‌ମାନେ ବେଶ୍ ଲାଇକ୍ କରିବା ସହ କମେଣ୍ଟ ମଧ୍ୟ କରିଥିଲେ। ନିଜକୁ ଭଲ ପାଇବା ସହ ନିଜ ସନ୍ତାନମାନଙ୍କ ଦକ୍ଷତା ବିକାଶ ପାଇଁ ସେ ଟିକେ ହେଲେ ହେଳା କରନ୍ତି ନାହିଁ। ଏଥିଲାଗି ସେ ନିଜ ସନ୍ତାନମାନଙ୍କୁ ବିଭିନ୍ନ ତାଲିମ ଦେଉଛନ୍ତି। କୃଷିକ୍ଷେତ୍ରକୁ ବୁଲାଇ ନେବାଠାରୁ ଆରମ୍ଭ କରି ବାଲୁକା କଳା ଦେଖାଇବା, ଘୋଡ଼ାଚଢ଼ା ଓ ସନ୍ତରଣ ଆଦି ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଦେଉଥିବା ଜଣାଯାଇଛି। ଏବେ ସେ ଝିଅ ନିଶା, ପୁଅ ନୋଆ ଓ ଆସର୍‌ଙ୍କୁ ଚିତ୍ରାଙ୍କନ ଶିଖାଉଛନ୍ତି। ସେମାନେ ପ୍ରାୟ ୬ରୁ ଅଧିକ ଚିତ୍ରାଙ୍କନ କରିଥିଲେ। ଏହାର ଫଟୋ ଓ ଭିଡିଓକୁ ସନି ନିଜ ଇନ୍‌ଷ୍ଟା ଆକାଉଣ୍ଟରେ ଶେୟାର କରିଛନ୍ତି।

## ମାଟିତଳୁ ବାହାରିବ ଟାଇମ୍ କ୍ୟାପ୍‌ସୁଲ୍

**ଆଲିଗଡ଼:** ମାଟିତଳୁ ୧୪୩ ବର୍ଷ ତଳେ ପୋତାଯାଇଥିବା ଟାଇମ୍ କ୍ୟାପସୁଲ୍ ବାହାର କରାଯିବ। ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟରେ ପୋତାଯାଇଥିବା ଏହି ଟାଇମ୍ କ୍ୟାପସୁଲ୍ କେବେ ବାହାର କରାଯିବ ସେନେଇ ଏକ କମିଟି ଗଠନ କରାଯାଇଛି। ବିଶ୍ୱବିଦ୍ୟାଳୟ ଇତିହାସ ସମ୍ପର୍କରେ ଅବଗତ କରାଇବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଉଛି। ବିଶ୍ୱବିଦ୍ୟାଳୟର ସଂସ୍ଥାପକ ସାର ସୟଦ୍ ଅହମ୍ମଦ ଖାଁଙ୍କ ଦ୍ୱାରା ମହମ୍ମଡ଼ାନ ଆଙ୍ଗ୍ଲୋ ଓରିଏଣ୍ଟାଲ କଲେଜ ସ୍ଥାପନ ସମୟରେ ଟାଇମ୍ କ୍ୟାପ୍‌ସୁଲ୍ ମାଟିରେ ପୋତିଥିଲେ। କ୍ୟାପସୁଲ୍‌କୁ ଷ୍ଟ୍ରେଚି ହଲ୍ ପାଖରେ ପୋତାଯାଇଥିଲା। ଏବେ ନକ୍ସା ଅନୁସାରେ କ୍ୟାପସୁଲ ଖୋଜା ଆରମ୍ଭ ହୋଇଛି। ଏହାର ଫଟୋ ମଧ୍ୟ ରହିଛି। ସୟଦ୍ ଅହମ୍ମଦ ୧୮୭୫ ମେ ୨୪ରେ ଏଠାରେ ତୁଲ୍ ଉଲୁମ୍ ନାମକ ଏକ ମଦ୍ରାସା ଆରମ୍ଭ କରିଥିଲେ। ମାତ୍ର ୭ ଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିବା ମଦ୍ରାସା ୧୯୨୦ରେ ବିଶ୍ୱବିଦ୍ୟାଳୟ ରୂପ ନେଇଥିଲା। ୧୮୭୭ରେ ଏଠାରେ ଏକ ଟାଇମ୍ କ୍ୟାପ୍‌ସୁଲ ପୋତା ଯାଇଥିଲା। କ୍ୟାପ୍‌ସୁଲ ସମ୍ପର୍କରେ ବିଶ୍ୱବିଦ୍ୟାଳୟର ୧୮୭୭ ଜାନୁୟାରୀ ୧୨ରେ ପ୍ରକାଶିତ ହୋଇଥିବା ଗେଜେଟ୍‌ରେ ଉଲ୍ଲେଖ କରାଯାଇଛି। କ୍ୟାପ୍‌ସୁଲରେ ସୁନା, ରୁପା ଏବଂ ତମ୍ବା ମୁଦ୍ରା ରହିଛି। ଏହା ସହିତ ଏଥିରେ ସ୍ଥାପନା ସମ୍ପର୍କିତ ତଥ୍ୟ ମଧ୍ୟ ରଖାଯାଇଛି। ଏକ କାଚ ବୋତଲରେ ଏସବୁକୁ ରଖାଯାଇଥିବା କୁହାଯାଉଛି। ଏହି କ୍ୟାପ୍‌ସୁଲକୁ ବାହାର କରାଯାଇ ନୂଆ କ୍ୟାପ୍‌ସୁଲ ମଧ୍ୟ ମାଟିରେ ପୋତାଯିବାର ଯୋଜନା ରହିଛି। ସେଥି ପାଇଁ ୪ଟି ସ୍ଥାନ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ଗୋଟିଏ ସ୍ଥାନରେ ଏହାକୁ ପୋତାଯିବ।




## ଟ୍ରମ୍ପଙ୍କ ଭାରତ ପ୍ରେମ

**ୱାଶିଂଟନ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ପରିବାରର ଭାରତ ପ୍ରେମ ସମ୍ପର୍କରେ କହିଛନ୍ତି। ଟ୍ରମ୍ପଙ୍କ ମତରେ ତାଙ୍କ ଭଳି ତାଙ୍କ ଝିଅ ଇଭାଙ୍କା ଟ୍ରମ୍ପ, ପୁଅ ଡୋନାଲ୍ଡ ଟ୍ରମ୍ପ ଜୁନିୟର ଓ ତାଙ୍କ ସାଥୀ କିମ୍ବର୍ଲି ଗିଲଫୟ ଭାରତ ସମ୍ପର୍କରେ ବହୁତ ଚିନ୍ତା କରନ୍ତି। ହ୍ୱାଇଟ ହାଉସରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ ଏଭଳି କହିଛନ୍ତି। ସେ କହିଛନ୍ତି, ତାଙ୍କ ଝିଅ ପୁଅ ବହୁତ ଭଲ ଆଉ ଭାରତ ସହ ତାଙ୍କର ସମ୍ପର୍କ ମଧ୍ୟ ଆହୁରି ଭଲ। ଆଗାମୀ ନିର୍ବାଚନକୁ ନେଇ କିଛି ପ୍ରଶ୍ନର ଉତ୍ତରରେ ଟ୍ରମ୍ପ ଏଭଳି ଉତ୍ତର ଦେଇଛନ୍ତି। ଭାରତୀୟ-ଆମେରିକୀୟଙ୍କ ଭୋଟ ଉପରେ ନଜର ରଖି ଟ୍ରମ୍ପ କହିଛନ୍ତି ମୋଦି ମୋର ଭଲ ବନ୍ଧୁ, ଭାରତ ସହ ମଧ୍ୟ ଆମେରିକାର ସମ୍ପର୍କ ଭଲ। ତେଣୁ ନିର୍ବାଚନରେ ତାଙ୍କୁ ଭାରତୀୟଙ୍କ ସହଯୋଗ ମିଳିବ।

## ୮ ବୃଦ୍ଧଙ୍କୁ ବିବାହକରି କଳାକନା ବୁଲାଇଲେ ଯୁବତୀ

**ଲକ୍ଷ୍ନୌ:** ଗତ ୧୦ ବର୍ଷ ମଧ୍ୟରେ ୮ ବୃଦ୍ଧଙ୍କୁ ବିବାହ କରି ପରେ ଘରେ କଳାକନା ବୁଲାଇଥିବା ଜଣେ ଯୁବତୀଙ୍କୁ ଉତ୍ତରପ୍ରଦେଶ ପୋଲିସ ଗିରଫ କରିଛି। ଯୁବତୀଙ୍କ ଏଭଳି କାର୍ଯ୍ୟ ସମ୍ପର୍କରେ ଗାଜିଆବାଦ୍ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ହେବା ପରେ ପୋଲିସ ଟିମ୍ ଯୋଜନାବଦ୍ଧ ଭାବେ ଯୁବତୀଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ଯୁବତୀ ଜଣକ କେବଳ ବୃଦ୍ଧଙ୍କୁ ଟାର୍ଗେଟ୍ କରୁଥିବା ପୋଲିସ ଜାଣିପାରିଥିଲା। ଶେଷଥର ଅଭିଯୁକ୍ତା ଯୁବତୀ ମୋନିକା ମାଲିକ୍ ୬୬ ବର୍ଷ ବୟସ୍କ କଣ୍ଟ୍ରାକ୍ଟର ଯୁଗଳ କିଶୋରଙ୍କୁ ୨୦୧୯ ଅଗଷ୍ଟରେ ବିବାହ କରିଥିଲେ। ପରେ ତାଙ୍କଠାରୁ ୧୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଏବଂ ଅନ୍ୟ ସାମଗ୍ରୀ ଲୁଟି ଫେରାର ହୋଇଯାଇଥିଲେ। ଏହି ବିବାହ ଖାନ୍ନା ମାଟ୍ରିମୋନିଆଲ ସଂସ୍ଥା ସହାୟତାରେ କୋର୍ଟରେ ହୋଇଥିଲା। ବିବାହ ସମୟରେ ମୋନିକା ନିଜକୁ ଜଣେ ଛାଡ଼ପତ୍ର ପାଇଥିବା ମହିଳା ଭାବେ ଦର୍ଶାଇଥିଲେ। ଲୁଟ୍ ହେବାପରେ ଯୁଗଳ ଖାନ୍ନା ମାଟ୍ରିମୋନିଆଲ ସଂସ୍ଥା ସହିତ ଯୋଗାଯୋଗ କରିଥିଲେ। ତେବେ ତାଙ୍କୁ ସଂସ୍ଥା ପକ୍ଷରୁ ଧମକ ଦିଆଯାଇଥିଲା। ଏନେଇ ଯୁଗଳ ଥାନାରେ ଏତଲା ଦେଇଥିଲେ। ପରେ ମୋନିକାଙ୍କ ସମସ୍ତ ବିବାହର ପର୍ଦ୍ଦାଫାଶ୍ ହୋଇଥିଲା।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୬/୨୦୨୦ | Bhubaneswar, Sunday, September 6/2020 | ପୃଷ୍ଠା-୧




**ପେରେସଙ୍କ ବିଶ୍ୱ ରେକର୍ଡ**
କେନିଆର ପେରେସ ଜେପ୍‌ଚିର୍‌ଚିର ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ହାଫ୍ ମାରାଥନରେ ୧ ଘଣ୍ଟା ୫ ମିନିଟ ୩୪ ସେକେଣ୍ଡ ସମୟ ନେଇ ବିଶ୍ୱ ରେକର୍ଡର ଅଧିକାରିଣୀ ହୋଇଛନ୍ତି।

୧୦ ୦୩

**ଚାଲିବ ଆଉ ୮୦ ସ୍ପେଶାଲ ଟ୍ରେନ୍**
୧୨ ସେପ୍ଟେମ୍ବରଠାରୁ ୮୦ ନୂଆ ସ୍ୱତନ୍ତ୍ର ଟ୍ରେନ ଚଳାଇବା ନେଇ ସରକାର ନିଷ୍ପତ୍ତି ନେଇଥିବା ରେଳ ବୋର୍ଡ ଅଧ୍ୟକ୍ଷ ଭି.କେ. ଯାଦବ ଶନିବାର ଏହି ସୂଚନା ଦେଇଛନ୍ତି।



## ୧୪ ପଇସା କମିଲା ଡିଜେଲ

**ଭୁବନେଶ୍ୱର,୫।୯**

ଶନିବାର ଭୁବନେଶ୍ୱରରେ ଡିଜେଲ ଦର ୧୪ ପଇସା ହ୍ରାସ ହୋଇଥିବା ଜଣାପଡ଼ିଛି। ଏଠାରେ ଡିଜେଲ ଲିଟର ପିଛା ୧୪ ପଇସା ନିମ୍ନରେ ରହି ୭୯.୭୨ ଟଙ୍କାକୁ ଖସିଛି। ସେହିଭଳି ଏଠାରେ ପେଟ୍ରୋଲ ଦର ଅପରିବର୍ତ୍ତିତ ୮୨.୬୪ ଟଙ୍କା ରହିଛି। ଦେଶର ମେଟ୍ରୋ ସହରଗୁଡ଼ିକରେ ଡିଜେଲ ଦର ଶନିବାର ୧୩ରୁ ୧୪ ପଇସା ହ୍ରାସ ଘଟିଛି। ନୂଆଦିଲ୍ଲୀରେ ଡିଜେଲ ୧୩ ପଇସା ହ୍ରାସ ହୋଇ ୭୩.୨୭ ଟଙ୍କା ରହିଛି। ସେହିଭଳି ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ଡିଜେଲ ୧୩ ପଇସା ଲେଖାଏ ହ୍ରାସ ହୋଇ ଦର ଯଥାକ୍ରମେ ୭୮.୫୮ ଟଙ୍କା, ୭୬.୭୭ ଟଙ୍କା ଏବଂ ୭୯.୮୧ ଟଙ୍କାକୁ ଖସିଛି। ଏହି ସହରଗୁଡିକରେ ପେଟ୍ରୋଲ ଦର ଯଥାକ୍ରମେ ୮୨.୦୮ ଟଙ୍କା, ୮୫.୦୪ ଟଙ୍କା, ୮୩.୫୭ ଟଙ୍କା ଏବଂ ୮୮.୭୩ ଟଙ୍କା ରହିଛି। ସୂଚନାଯୋଗ୍ୟ, ପ୍ରାୟ ୬ମାସ ପରେ ପ୍ରଥମ ଥର ଲାଗି ଗୁରୁବାର ଡିଜେଲ ଦର କମିଥିବା ନଜରକୁ ଆସିଛି। ଗୁରୁବାର ଭୁବନେଶ୍ୱରରେ ଡିଜେଲ ଲିଟର ପିଛା ୧୭ ପଇସା ହ୍ରାସ ପାଇଥିଲା।

# ଯୁକ୍ତ୨ କଳା, ଧନ୍ଦାମୂଳକ ପାସ୍ ହାର ବଢ଼ିଲା



ପରୀକ୍ଷାଫଳ ଘୋଷଣା ଅବସରରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

- କଳା ପାସ୍ ହାର ୬୭.୫୬%, ସମ୍ଭାବନା ଟପ୍ପର
- ଧନ୍ଦାମୂଳକ ଶିକ୍ଷା ପାସ୍ ହାର ୫୭.୫୩%, ମୈତ୍ରୀ ଟପ୍ପର
- ପାସ୍ ହାରରେ ପୁଅଙ୍କୁ ଟପିଲେ ଝିଅ

**ଭୁବନେଶ୍ୱର, ୫।୯(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପରୀକ୍ଷା ଫଳ ଘୋଷଣା କରିଛନ୍ତି। ଚଳିତବର୍ଷ କଳାରେ ପାସ୍ ହାର ୧.୬୭% ବଢ଼ିଛି। ଗତବର୍ଷ ପାସ୍ ହାର ୬୫.୮୯% ଥିବାବେଳେ ଏଥର ୬୭.୫୬% ପାସ୍ ହାର ରହିଛି। ମୋଟ ୨,୧୯,୭୧୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧,୪୮,୪୫୨ଜଣ ପାସ୍ କରିଛନ୍ତି। ଯାଜପୁର ଜିଲା ପାଣିକୋଇଲିସ୍ଥିତ ମା' ତାରିଣୀ ଉଚ୍ଚ ମାଧ୍ୟମିକ ସ୍କୁଲର ଛାତ୍ରୀ ସମ୍ଭାବନା ସାହୁ ରାଜ୍ୟ ଟପ୍ପର ହୋଇଛନ୍ତି। ସେ ୬ଶହ ନମ୍ବରରୁ ୯୧% ଅର୍ଥାତ୍ ୫୪୬ ନମ୍ବର ରଖି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ଏଥର ମଧ୍ୟ ପାସ୍ ହାରରେ ପୁଅଙ୍କୁ ପଛରେ ପକାଇଛନ୍ତି ଝିଅ। ଝିଅଙ୍କ ପାସ୍ ହାର ୭୫.୪୮% ଥିବାବେଳେ ପୁଅଙ୍କର ୫୭.୩୩% ରହିଛି। ୨୨,୧୯୬ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବାବେଳେ ଦ୍ୱିତୀୟ ଶ୍ରେଣୀରେ ୨୬,୦୨୭ ଓ ତୃତୀୟ ଶ୍ରେଣୀରେ ୧,୦୦,୧୦୧ ପାସ୍ କରିଛନ୍ତି। ତେବେ ବରଗଡ଼ ଜିଲାରେ ସର୍ବାଧିକ ପାସ୍ ହାର ୭୬.୬୩% ରହିଥିବାବେଳେ ନବରଙ୍ଗପୁର ଜିଲାରେ ସର୍ବନିମ୍ନ ୪୪.୬୭% ରହିଛି। କେବଳ ଜଣେ ପରୀକ୍ଷାର୍ଥୀ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ୧୦ଟି କଲେଜରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି। ଏଥର କୌଣସି ସ୍କୁଲ୍ ଜିରୋ ରେଜଲ୍ଟ କରିନାହିଁ।

ସେହିପରି ଧନ୍ଦାମୂଳକ ଶିକ୍ଷାରେ ମଧ୍ୟ ପାସ୍ ହାର ୪.୯୧% ଅଧିକ ହୋଇଛି। ଗତବର୍ଷ ପାସ୍ ହାର ୫୨.୬୨% ରହିଥିବାବେଳେ ଏଥର ୫୭.୫୩% ରହିଛି। ମୋଟ ୭,୦୩୨ଜଣ ପରୀକ୍ଷା ଦେଇଥିବାବେଳେ ୪,୦୪୬ଜଣ ପାସ୍ ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲାର ସରକାରୀ ଭୋକେଶନାଲ ଜୁନିୟର କଲେଜ ଛାତ୍ରୀ ମୈତ୍ରୀ ରାଉତ ରାଜ୍ୟ ଟପ୍ପର ହୋଇଛନ୍ତି। ଏଥିରେ ମଧ୍ୟ ଛାତ୍ରୀମାନେ ଭଲ ରେଜଲ୍ଟ କରିଛନ୍ତି। ଝିଅଙ୍କ ପାସ୍ ହାର ୬୩.୭୫% ଥିବାବେଳେ ପୁଅଙ୍କର ୫୨.୦୩% ରହିଛି। ପ୍ରଥମ ଶ୍ରେଣୀରେ ୫୮୫ଜଣ, ଦ୍ୱିତୀୟ ଶ୍ରେଣୀରେ ☞ପୃଷ୍ଠା-୨





କଳାରେ ଟପ୍ପର ସମ୍ଭାବନା ସାହୁ ଓ ଧନ୍ଦାମୂଳକ ଶିକ୍ଷାରେ ମୈତ୍ରୀ ରାଉତ ।

## ସୀମାରେ ଉତ୍ତେଜନା ପାଇଁ ଭାରତକୁ ଦାୟୀ କଲା ଚାଇନା

**ମସ୍କୋ/ନୂଆଦିଲ୍ଲୀ, ୫।୯**

ରୁଷ୍‌ରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହିତ ଶନିବାର ଚାଇନା ପ୍ରତିପକ୍ଷ ୱେଇ ଫେଙ୍ଗହିଙ୍କର ଅଢ଼େଇ ଘଣ୍ଟା ଆଲୋଚନା ହୋଇଛି। ସୀମା ବିବାଦ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ଥିଲା। ଚାଇନା ପ୍ରତିରକ୍ଷା ମନ୍ତ୍ରୀ ସୀମାରେ ଉତ୍ତେଜନା ପାଇଁ ଭାରତକୁ ଦାୟୀ କରିଛନ୍ତି। ସେ କହିଛନ୍ତି, ଚାଇନା ନିଜ ଜମିର ସୁରକ୍ଷା ଲାଗି ସମ୍ପୂର୍ଣ୍ଣ ସକ୍ଷମ ଏବଂ ପ୍ରତିବଦ୍ଧ। ଏହାର ଉତ୍ତରରେ ରାଜନାଥ ସିଂ କହିଛନ୍ତି, ସୀମାରେ ଚାଇନା ସୈନ୍ୟଙ୍କ ଆଚରଣ ଆକ୍ରମଣାତ୍ମକ ରହିଛି। ଅପରପକ୍ଷରେ ଭାରତୀୟ ଯବାନ ସବୁବେଳେ ସଂଯମତା ପ୍ରଦର୍ଶନ କରିଛନ୍ତି। ସୀମାରେ ଚାଇନା ସୈନ୍ୟ ସଂଖ୍ୟା ବଢ଼ାଇବା ଦ୍ୱାରା ଉତ୍ତେଜନା ବଢୁଥିବା ରାଜନାଥ କହିଛନ୍ତି। ଭାରତର ଅଖଣ୍ଡତା ଏବଂ ସୀମା ସହିତ କୌଣସି ସାଲିସ କରାଯିବ ନାହିଁ। ବିବାଦ ବଢ଼ିବା ଭଳି କାର୍ଯ୍ୟ ନ କରିବାକୁ ସେ ଚାଇନା ପ୍ରତିପକ୍ଷଙ୍କୁ କହିଛନ୍ତି।

# ଗଞ୍ଜାମରୁ ସୁରଟ ଯାଉଥିବା ବସ୍ ଦୁର୍ଘଟଣା: ୮ ମୃତ

**ଆସିକା,୫।୯(ଡି.ଏନ୍.ଏ.)**

ଗଞ୍ଜାମରୁ ୭୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ନେଇ ସୁରଟ ଯାଉଥିବା ଏକ ବସ୍ ଶୁକ୍ରବାର ରାତି ପ୍ରାୟ ୩ଟାରେ ଛତିଶଗଡ଼ ରାୟପୁର ନିକଟ ଛେରିଖେଦିଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। 'ଶିବାଂଶ' ନାମକ ଏହି ବସ୍‌ଟି ଏକ ଟ୍ରକ ସହ ଧକ୍କା ହେବାରୁ ୮ ଜଣଙ୍କ ମୃତ୍ୟୁ ଘଟିଛି।

ମୃତକ ହେଲେ ଆସିକା ଥାନା ଘଟକୁରି ଗ୍ରାମର ବିଶ୍ୱନାଥ ଗୌଡ଼, ଖଣ୍ଡଦେଉଳି ଗ୍ରାମର ଯୁଧିଷ୍ଠିର ନାୟକ, ଗାଙ୍ଗପୁର ଥାନା ବାଘୁଆପଲ୍ଲୀର ସୁଶାନ୍ତ ସ୍ୱାଇଁ, ବୋରି ନିକଟସ୍ଥ ଚାଙ୍ଗରାପଲ୍ଲୀର ନାରାୟଣ ଗୁରୁ, ଛତ୍ରପୁର ଥାନା ସୁନ୍ଦରପୁରର ସମୀର ମହାଙ୍କୁଡ, ହିଞ୍ଜିଳି ଥାନା ବାଦିଆମ୍ବର କୈଳାସ ଜେନା। ଅନ୍ୟ ୨ ମୃତକ ତପନ ନାୟକ ଓ ବୀରୁ ଡାକୁଆଙ୍କ ଗାଁ ଜଣାପଡିନାହିଁ। ଦୁର୍ଘଟଣାରେ ବେଲଗୁଣ୍ଠା ଥାନା ଅଞ୍ଚଳର ଚିତ୍ର ସ୍ୱାଇଁ, ଶେରଗଡ ଥାନା ଅଞ୍ଚଳର ବୁଲୁ ସ୍ୱାଇଁ, କବିସୂର୍ଯ୍ୟନଗର ଥାନା ଅଞ୍ଚଳର ବାବୁ ଗୌଡ, ଗାଙ୍ଗପୁର ଥାନା ଅଞ୍ଚଳର ଟୁକୁନା ଜେନା ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଗତ ୪ ମାସ ତଳେ ☞ପୃଷ୍ଠା-୨



ଦୁର୍ଘଟଣାଗ୍ରସ୍ତ ବସ୍।

### ମୃତକଙ୍କ ପରିବାରକୁ ୨ ଲକ୍ଷ ଲେଖାଏ ସହାୟତା

**ଛତିଶଗଡ଼ ଯିବାକୁ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ନିର୍ଦ୍ଦେଶ**

ଭୁବନେଶ୍ୱର,୫।୯(ବ୍ୟୁରୋ)-ଛତିଶଗଡ଼ର ରାୟପୁରରେ ଏକ ସଡ଼କ ଦୁର୍ଘଟଣାରେ ଗଞ୍ଜାମ ଜିଲାର ୮ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏହି ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି । ଏଥିସହିତ ମୃତକଙ୍କ ପରିବାରଙ୍କ ଲାଗି ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହି ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଯୋଗାଇ ଦିଆଯିବ। ଏଥିସହିତ ଆହତଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ ☞ପୃଷ୍ଠା-୨





**ଆଜିର ସମ୍ପାଦକୀୟ**

ଏହା କ'ଣ ଜାତୀୟ ସୁରକ୍ଷା ନୀତି

**ଆଜିର ମନ୍ତବ୍ୟ**

" ନୂଆ ଶିକ୍ଷାନୀତି ଶିଖିବା ଓ ଶିଖାଇବାର ଅନୁଭବକୁ ସୁଖଦ କରିବ।
-ପ୍ରକାଶ ଜାଭଡେକର, କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ

ବାଣିଜ୍ୟ ସଂସ୍କାରରେ ଓଡ଼ିଶା ପଛୁଆ
........୩........





INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha

ADMISSION NOTICE 2020-21

IMBA

INTEGRATED MASTER OF BUSINESS ADMINISTRATION
(Affiliated to Utkal University)

QUALITY EDUCATION IN GOVT. INSTITUTE

| COURSE | DURATION | COURSE FEE |
|---|---|---|
| BBA (IMBA FIRST 3 YEARS) | 3 YEARS | ₹ 25,000/- per year |
| | Eligibility : The candidate should have passed +2 or its equivalent in any discipline with minimum 45% marks in aggregate. | |
| MBA LATERAL ENTRY (IMBA LAST 2 YEARS) | 2 YEARS | ₹ 60,000/- per year |
| | Eligibility : The candidate should have passed 3 year BBA (six semesters) from any recognized university with minimum 50% marks in aggregate. | |

Applications are invited for admission into **IMBA 5 years programme** for the session **2020-21.** The Application Form is available in Institute's website **www.iedodisha.nic.in**. Interested candidates can also collect the Application Form personally from IED Odisha on payment of ₹ **500/-** (₹ **200/- for SC/ST/PH Candidates)** cash or DD in favour of **IED ODISHA IMBA, payable at Bhubaneswar.**

| | |
|---|---|
| Last date for submission of IMBA Application form with all relevant documents and fees: | 19-09-2020 |
| Commencement of Admission into IMBA 1st Semester and 7th Semester at IED Odisha | 24-09-2020 |

Plot No. 123, Sector-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2585609/2587176, Mob. 9437163828, 7978120939


## ଏମ୍‌ପି ଅନୁଭବଙ୍କ ନାଁରେ ସ୍ତ୍ରୀଙ୍କ ନିର୍ଯାତନା ଅଭିଯୋଗ

- ଏସ୍‌ଡିଜେଏମ୍‌ରେ ପିଟିଶନ ଦାଏର କଲେ ବର୍ଷା
- ୧୫ କୋଟିର କ୍ଷତିପୂରଣ ଦାବି

**କଟକ ଅଫିସ,୫।୯**

ଓଲିଉଡ୍‌ର ଚର୍ଚ୍ଚିତ ଯୋଡ଼ି ଅନୁଭବ ମହାନ୍ତି ଓ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ଅଭିନେତାରୁ ରାଜନେତା ପାଲଟିଥିବା ଏମ୍‌ପି ଅନୁଭବଙ୍କ ନାଁରେ ଅନେକ ଅଭିଯୋଗ ଆଣିଛନ୍ତି ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ। ଏ ନେଇ କଟକ ସଦର ଏସ୍‌ଡିଜେଏମ୍ କୋର୍ଟରେ ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଆଇନ-୨୦୦୫ ଅନୁଯାୟୀ ଦଫା ୧୨, ୧୭, ୧୮, ୧୯, ୨୦, ୨୨ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ☞ପୃଷ୍ଠା-୨



ବର୍ଷା ପ୍ରିୟଦର୍ଶିନୀ



ଅନୁଭବ ମହାନ୍ତି

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଜିଉସ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

## ମୃତକଙ୍କ ପରିବାରକୁ ...

କରିବା ଲାଗି ଘୋଷଣା କରିବା ସହ ମୁଖ୍ୟମନ୍ତ୍ରୀ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଆହତମାନଙ୍କୁ ତୁରନ୍ତ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ରାୟପୁର ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୃତାହତମାନଙ୍କୁ ସହାୟତା କରିବା ନେଇ ଛତିଶଗଡ଼ ପୋଲିସ ମହାନିର୍ଦ୍ଦେଶକଙ୍କ ସହ ଯୋଗାଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଯୁକ୍ତ୨ କଳା, ଧନ୍ଦାମୂଳକ ...

୧,୩୨୭ ଓ ତୃତୀୟ ଶ୍ରେଣୀରେ ୧,୯୮୯ଜଣ ପାସ୍ କରିଛନ୍ତି। ବରଗଡ଼ରେ ସର୍ବାଧିକ ପାସ୍ ହାର ୭୮.୪୦% ରହିଥିବାବେଳେ ନବରଙ୍ଗପୁରରେ ସର୍ବନିମ୍ନ ୧୨.୫୦% ରହିଛି। ୯୦% ଉପରେ ମାତ୍ରଜଣେ ପରୀକ୍ଷାର୍ଥୀ ରହିଛନ୍ତି। ୫ଟି ସ୍କୁଲ ଶତ ପ୍ରତିଶତ ରେଜଲ୍ଟ କରିଥିବାବେଳେ ୧୦ଟି ସ୍କୁଲରେ ଜିରୋ ରେଜଲ୍ଟ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଫଳ ଘୋଷଣା ଅବସରରେ ମନ୍ତ୍ରୀ ଦାଶ ରାଜ୍ୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପବିତ୍ର ଗୁରୁଦିବସର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଅଧ୍ୟକ୍ଷ ଭୂପୀନ୍ଦର ସିଂ ପୁନିଆ, ଉପାଧ୍ୟକ୍ଷ ବୃନ୍ଦାବନ ଶତପଥୀ, ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ବୃନ୍ଦାବନ ବେହେରା, ପରୀକ୍ଷା ନିୟନ୍ତ୍ରକ ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜାମରୁ ସୁରଟ ଯାଉଥିବା ...

କରୋନା ସଂକ୍ରମଣ ଯୋଗୁ ସୁରଟର ବିଭିନ୍ନ କମ୍ପାନୀ ବନ୍ଦ ହୋଇଯିବାରୁ କାମଧନ୍ଦା ନ ପାଇ ଗଞ୍ଜାମ ଜିଲାର ଶ୍ରମିକମାନେ ଫେରି ଆସିଥିଲେ। ଦୀର୍ଘ ଦିନ ବସିବା ପରେ ଏଠାରେ ଠିକ୍ ଭାବେ କାମ ନ ମିଳିବାରୁ ଶ୍ରମିକମାନେ ପୁଣି ରାଜ୍ୟ ବାହାରକୁ ଯିବା ପାଇଁ ଯୋଜନା କରିଥିଲେ। ଏପରିକି ସୁରଟର ବିଭିନ୍ନ କମ୍ପାନୀ ମାଲିକମାନେ ବସ୍ ପଠାଇ ଗଞ୍ଜାମର ଶ୍ରମିକଙ୍କୁ ନେଉଥିବା ଦେଖାଯାଇଥିଲା। ଶୁକ୍ରବାର ମଧ୍ୟାହ୍ନରେ ଆସିକା ବସ୍‌ଷ୍ଟାଣ୍ଡରୁ 'ଶିବାଂଶ' ବସ୍ (ନଂ.ଏନଏଲ୦୩ବି ୦୯୮୭) ଶ୍ରମିକଙ୍କୁ ନେଇ ସୁରଟ ଅଭିମୁଖେ ଯାତ୍ରା କରିଥିଲା। ରାତିରେ ରାୟପୁରର ଛେରିଖେଦିଠାରେ ବସ୍‌ଟି ଆଗରେ ଯାଉଥିବା ଟ୍ରକ(ନଂ.ୟୁପି୫୦ସିଟି ୩୭୦୯)କୁ ଅତିକ୍ରମ କରିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ସମ୍ପର୍କରେ ଜଣାପଡିବା ପରେ ସେଠାକାର ପୋଲିସ ମୃତାହତମାନଙ୍କୁ ଉଦ୍ଧାର କରିଥିଲା। ବସ୍‌ରେ ନିର୍ଦ୍ଧାରିତ କ୍ଷମତାଠାରୁ ବହୁ ଅଧିକ ଯାତ୍ରୀ ରହିଥିଲେ ବୋଲି ସୂଚନା ମିଳିଛି। ତେବେ ଶ୍ରମିକଙ୍କୁ ନେଇ ଯାଉଥିବା ଜଣେ କମ୍ପାନୀ ସୁପରଭାଇଜରଙ୍କ କହିବାନୁଯାୟୀ, ଶ୍ରମିକମାନେ ଦୀର୍ଘଦିନ ଧରି ନିଜ ଭିଟାମାଟିରେ କୌଣସି ରୋଜଗାର ନ ପାଇ ମିଲ୍ ମାଲିକଙ୍କ ସହ ଯୋଗାଯୋଗ କରିଥିଲେ। ମିଲ୍ ମାଲିକ ମଧ୍ୟ ଯୋଗଯୋଗ ରକ୍ଷାକରି ବିଭିନ୍ନ ସ୍ଥାନରେ ସୁପରଭାଇଜରଙ୍କ ମାଧ୍ୟମରେ ଶ୍ରମିକଙ୍କୁ ନେବା ଲାଗି ଅନୁରୋଧ କରିଥିଲେ। ସୁପରଭାଇଜରଙ୍କୁ ଶ୍ରମିକଙ୍କ ପିଛା ଏକ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବାଟ ଖର୍ଚ୍ଚ ଦେବା ସହ ବସ୍ ବ୍ୟବସ୍ଥା ମଧ୍ୟ କରିଥିଲେ। ଶ୍ରମିକମାନଙ୍କ ଫେରିଯିବା ସମ୍ପର୍କରେ ପ୍ରଶାସନ ନିକଟରେ କୌଣସି ସୂଚନା ନ ଥିବା ଜଣାପଡିଛି।

## ଏମ୍‌ପି ଅନୁଭବଙ୍କ ନାଁରେ ...

ଏହି ଘଟଣା ଓଡ଼ିଆ ସିନେଜଗତ ସମେତ ରାଜ୍ୟରେ ହଇଚଇ ସୃଷ୍ଟି କରିଛି । ବର୍ଷା ପିଟିଶନରେ ଦର୍ଶାଇଛନ୍ତି, ଅନୁଭବ ଜଣେ ମଦ୍ୟପ। ସେ ଅନେକ ସମୟରେ ନିଜ ବନ୍ଧୁମାନଙ୍କୁ ଆଣି ଶୟନ କକ୍ଷରେ ବସାଇ ମଦ୍ୟପାନ କରାନ୍ତି। ବିବାହ ପରେ ଅନେକ ଚଳଚ୍ଚିତ୍ରରେ ଉଭୟ ଏକତ୍ର କାର୍ଯ୍ୟ କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସେ ତାଙ୍କ ପାରିଶ୍ରମିକ ପାଇନାହାନ୍ତି। ଅନ୍ୟପକ୍ଷରେ ଭରଣପୋଷଣ ବାବଦକୁ ବର୍ଷା ୧୫ କୋଟି ଟଙ୍କା ଦାବି କରିଥିବା ଜଣାପଡ଼ିଛି। ସେଥିମଧ୍ୟରେ ୧୩ କୋଟି ଟଙ୍କା କ୍ଷତିପୂରଣ ଓ ରୋଜଗାର ହରାଇଥିବାରୁ ୨ କୋଟି ଟଙ୍କା ବର୍ଷା ଦାବି କରିଛନ୍ତି। ଏହାଛଡା ମାସିକ ୨୦ ହଜାର ଟଙ୍କା ଘର ଭଡ଼ା ଓ ଚଳିବା ପାଇଁ ମାସିକ ଖର୍ଚ୍ଚ ୫୦ ହଜାର ଟଙ୍କା ଦେବାକୁ ବର୍ଷା ପିଟିଶନରେ ଉଲ୍ଲେଖ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ପ୍ରୋଟେକ୍ସନ ଅଫିସରଙ୍କ ଠାରୁ ଅଦାଲତ ରିପୋର୍ଟ ତଲବ କରିଥିବା ସୂଚନା ମିଳିଛି । ଏ ନେଇ ଅନୁଭବ ପ୍ରତିକ୍ରିୟାରେ କହିଛନ୍ତି, ମୋ ପାଖକୁ ସେମିତି କୌଣସି ଲିଗାଲ ନୋଟିସ ଆସିନି। ଯେବେ ଆସିବ ମୁଁ ସେ ବିଷୟରେ ଜଣାଇବି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଅଧିକାଂଶ ସମୟ ମନ ଅସ୍ଥିର ରହିଲେ ମଧ୍ୟ ସମସ୍ୟା ସମାଧାନ ହୋଇଯିବ। ସଭାସମିତି, ଆନୁଷ୍ଠାନିକ ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ପରିବାରରେ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ରହିପାରେ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିପାରନ୍ତି ।

**ବୃଷ**

ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଯାନ୍ତ୍ରିକ ଶିଳ୍ପ,ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ମିଥୁନ**

ଆଜି କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି କୃତକାର୍ଯ୍ୟ ହେବେ। ସ୍ୱାର୍ଥସାଧନ ମାନସରେ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ,ଏଣୁ ଏଥିପ୍ରତି ସତର୍କ ରହିବା ଭଲ। କଳା, ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। କର୍ମକ୍ଷେତ୍ରରେ ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି।

**କର୍କଟ**

ଅତୀତ ଘଟଣାର ସମୀକ୍ଷା କରି ମନ ବିଷାଦଗ୍ରସ୍ତ ହୋଇପାରନ୍ତି । କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ଋଣ ସୂତ୍ରରେ ଅର୍ଥଲାଭ କରିବେ ଓ ଶିଳ୍ପ ବାଣିଜ୍ୟରେ ଉନ୍ନତି ଘଟିବ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ**

ଆଜିର କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବାରୁ ମାନସିକ ଭାରସାମ୍ୟ ହରାଇବେ। ନମ୍ରତା ଓ ବିନୟର ସହ କହିଲେ ବନ୍ଧୁ ତାହାକୁ ବିଚାର କରିପାରନ୍ତି। ଘର କଥା ମନକୁ ବେଶି ଆନ୍ଦୋଳିତ କରିବା ସଙ୍ଗକୁ ନୂତନ ଦାୟିତ୍ୱ ହାତକୁ ନେଇ ବିବ୍ରତ ହୋଇପାରନ୍ତି।

**କନ୍ୟା**

ବାରମ୍ବାର ଚେଷ୍ଟା କଲେ ମଧ୍ୟ କର୍ମକ୍ଷେତ୍ରରେ ପରିସ୍ଥିତି ଗମ୍ଭୀର ରହିବ। ପାରିବାରିକ ସଦ୍ଭାବ ଅକ୍ଷୁଣ୍ଣ ରହିବା ହେତୁ ସାମାନ୍ୟ ମାନସିକ ଶାନ୍ତିଲାଭ କରିବେ । ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ । ଆନୁଷ୍ଠାନିକ କାମରେ ସଂକଟରେ ସମ୍ମୁଖୀନ ହେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ।

**ତୁଳା**

ନିଜର ଅବହେଳାଜନିତ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ମାତ୍ର ଗୃହ ସମସ୍ୟା ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ବନ୍ଧୁଙ୍କ ସମ୍ପର୍କରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ ।

**ବିଛା**

ବନ୍ଧୁମାନଙ୍କ ଦ୍ୱାରା ପ୍ରତାରିତ ହୋଇ ମାନସିକ ସ୍ତରରେ କଷ୍ଟ ଅନୁଭବ କରିପାରନ୍ତି। କୌଣସି ଆନୁଷ୍ଠାନିକ ଅଥବା ସାମାଜିକ କାର୍ଯ୍ୟରେ ଯୋଗଦେବାର ସୂଚନା ରହିଛି । କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ଓ ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ। ଆଶାନୁଯାୟୀ ପ୍ରାପ୍ତି ସନ୍ତୋଷଜନକ ହେବନାହିଁ।

**ଧନୁ**

ପ୍ରତ୍ୟେକ ପରିସ୍ଥିତିରେ ଜିଦ୍‌ରେ ଅଟଳ ରହିଲେ ସମସ୍ୟାକୁ ନିମନ୍ତ୍ରଣ କରିବା ପରି ହେବ। ମନ ଭିତରେ ଉଙ୍କି ମାରୁଥିବା ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ମକର**

ପରିବାରର ସହମତିରେ ନୂତନ ଯୋଜନା ସକାଶେ ମନ ବଳାଇ କାର୍ଯ୍ୟାରମ୍ଭ କରିପାରନ୍ତି। କ୍ରୟ ବିକ୍ରୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିବାର ଆଶଙ୍କା ରହିଛି। ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କଥା କହି କାମ ହାସଲରେ ସମର୍ଥ ହେବେ।

**କୁମ୍ଭ**


ଆଲୋଚନା ସମୟରେ ବିରକ୍ତିକର କଥା କିମ୍ବା ବିବାଦୀୟ ମନ୍ତବ୍ୟ ଦେଇ ଶତ୍ରୁତା ଅର୍ଜନ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁଁ ମନୋବଳ କ୍ରମଶଃ ହ୍ରାସ ପାଇବ। ବ୍ୟବସାୟରେ ସଫଳତା ହାସଲ କରିବେ। ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେବା ଭଲ ।

**ମୀନ**

ଆଜି ଆପଣ ନିଜକାମ ପଛକୁ ପକାଇ ଅନ୍ୟମାନଙ୍କ ନିର୍ଦ୍ଦେଶରେ କାମ କରିପାରନ୍ତି। ପରିବାର ସକାଶେ ଗୁରୁତ୍ୱପୂର୍ଣ୍ଣ କାମଟି ହାସଲ କରିବା କଷ୍ଟକର ହୋଇପଡିବ। ସହକର୍ମୀ କିମ୍ବା ବନ୍ଧୁମାନଙ୍କ ସହାୟତାରୁ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ଦୂରଯାତ୍ରାର ସୁଯୋଗ ପାଇବେ କିନ୍ତୁ ଯାଇପାରିବେ ନାହିଁ।

ଆଜି ଆଶ୍ୱିନ କୃଷ୍ଣ ଚତୁର୍ଥୀ ରବିବାର, ସେପ୍ଟେମ୍ବର ୬ତାରିଖ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତବାର ଓ ଘାତଚନ୍ଦ୍ର, ଚତୁର୍ଥୀର ଶ୍ରାଦ୍ଧ, ସକାଳ ଘ.୦୬.୨୫ମି. ଗତେ ଘ.୦୯.୪୨ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୨୭ମି.ଗତେ ଘ.୦୯.୧୦ମି.ମଧ୍ୟେ ଅମୃତବେଳା। ସନ୍ଧ୍ୟା ଘ.୦୬.୪୦ମି.ଗତେ ଘ.୦୭.୨୭ମି. ମଧ୍ୟେ, ରାତ୍ରି ଘ.୧୨.୦୮ମି.ଗତେଘ.୦୩.୧୫ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪.୨୧ମି.ଗତେ ଘ.୦୫.୫୩ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## BRIDE WANTED

For M.Tech (IIT, Bombay) internship (Steinbeis University, Germany) qualified Commander in Indian Navy. Contact: +919438183860. D-18027

Groom: Khandayat, Excellent public relation-cum-Business-cum-Law Officer, Science Doctorate, PGDCA, Vizag Company. 8594848637, 9853218740. D-69912

Son Age 30 B.Tech NIT, Rourkela MBA IIM, Lucknow working in Mumbai corporate office of bank 20 laks, caste Brahmin 6372748613. D-18156

## GROOM WANTED

Age-35 Government ଚାକିରି କରୁଥିବା ସୁନ୍ଦର ଖଣ୍ଡାୟତ ଝିଅଙ୍କ ପାଇଁ ପୁଅ ଦରକାର। Contact: 7077699296. D-18088

Staff Nurse 38 ବୟସ୍କା devorcee ବ୍ରାହ୍ମଣ ଝିଅଙ୍କୁ any caste ପୁଅ ଦରକାର। 7381366108. D-67955

ବିଧବା 46ବର୍ଷର ମହିଳା/ P.N.B Bankରେ accountant ଅଛନ୍ତି। ଉପଯୁକ୍ତ ବୟସର ପାରିବାରିକ କିମ୍ବା ଛୁଆପିଲା ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 9078166327. D-68834

ସରକାରୀ ଚାକିରିଆ 46 ବୟସ୍କା ଅବିବାହିତା କୈବର୍ତ୍ତ ଝିଅଙ୍କୁ any caste ପୁଅ ଦରକାର। 9658674636. D-67954

ନୟାଗଡ଼ ବାସିନ୍ଦା ଝିଅ ଓଡ଼ିଆ ଭଣ୍ଡାରି ଜାତି ମଧ୍ୟବିତ ପରିବାର ପାଇଁ ଭଣ୍ଡାରି ଜାତିର ପୁଅ ଖୋଜୁଛୁ। ମୋବାଇଲ ନଂ- ୮୮୨୦୪୬୫୨୨୫. ଧ-୧୮୧୨୯

Beautiful Khandayat girl 1995/ 5'2", BSC, MBA Origin, Bhubaneswar, "VAISNABI". 7008967858. D-69336




## SALE

Yellowzone plots @ 1700 available at Malipada near Sumhospital and one farm house 7 acres @ 2 lakhs per gunth Jhumka dam . Contact- 7735768268, 7894413311 D-18154

**2BHK flat near Tamando Market, Starts @45,15,000/-, 9937166932.** D-69332

1400sqft. plot Lingipur, 300mtrs. from NH boundarywall, Concrete road, 26lac. 9337288910, 9437421096. D-69434

C.V. Raman College ପାଖରେ 30,000sqft. plot ବିକ୍ରିହେବ। Contact: 9778928492. D-68367

**Earthquake proof 2BHK flat in Apartment Avantika near Gokul residency on Rasulgarh GGP Pandra road for immediate sale. Contact: 9938095118, 8763935874 during office hour.** D-69910

Booking open 3BHK Duplex within gated community near ITER College, Bhubaneswar. Contact: 9861616986. D-67563

**Booking open for 3BHK luxurious & premimum flat at Surya Nagar, Bhubaneswar, genuine buyer Contact: DEEPAK- 9937329999.** D-69907

Gharabari Private Boundary Plot Near Kesura Bankcolony, Bhubaneswar 8249310165, 9437283845 D-67117

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ତମାଣ୍ଡୋ National Highwayଠାରୁ 600mtrs ଦୂରରେ immediate ଘରକରି ରହିବା ପାଇଁ yellow zone plot ମିଳୁଛି। 8480348215. D-69535

**ଭୁବନେଶ୍ୱର ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK Simplex/ Duplex ଅଛି। 8327785834, 9658122456.** D-69153

Contact for construction of Simplex/ Duplex/ Apartment and Interior Design of TV unit, Wardrobe and Modular Kitchen from the experts. MPlanets: 7008550473. D-18124

**ଭୁବନେଶ୍ୱର ନିକଟସ୍ଥ ପିତାପଲ୍ଲୀଛକରେ NH16କୁ ଲାଗି 30ft mainroad ଓ 25ft subroad ଥାଇ BDA ଅନ୍ତର୍ଭୁକ୍ତ ସ୍ଥିତିବାନ ପ୍ଲଟ୍ Electricity, ପାଚେରିସହ ମିଳୁଅଛି। 9090963952.** D-69141

Ready construction plotPatia,Pathergadia, Sundarpada, Jagamara corehouse duplex lowcost plot available. 8328811411, 9861971879. D-69158

**Fully developed residential gharabari plot at Phulnakhara connected to 200'road side East Engineering College, 500mtrs from Trinath Bazar Market Complex- 9439889903.** D-69144

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69151

**Bhubaneswar Engineering College (BEC), Backside Govt. ରାସ୍ତାକୁ ଲାଗି ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8338932027.** D-69150

A prime location plot having 2000sqft. immediate for sale at Baramunda, Bhubaneswar. Price-87 lakhs (No Brokers) Contact: 8260595320. D-69739

**Land sale farm house/ industry roadside at Dhenkanal area 60km from Cuttack. 7809525452, 8249851363.** D-69533

**Gharabari developed plot with boundary near Phulnakhara (Synergy College), 9439487505.** D-69333

## PURCHASE

ଭୁବନେଶ୍ୱରରେ ଘର କରିବା ପାଇଁ ପାଚେରି ହୋଇଥିବା ପ୍ଲଟ୍ ଦରକାର। Land owner Contact: 9439493164. D-69157

## GENERAL

### PURCHASE

We purchase land, old building and old gold. Contact: Hindustan Jewellers. 9437033691. D-68366




**Zenith Homeo Pharmacy (Running Homeopathy Medicine & Clinic) at Samantrapur, Bhubaneswar. For details Contact: 9658712117, 7008169264.** D-69911

2BHK Apartment Nandan Vihar near Patia Big Bazar for family and two roomed accommodation at Bapuji Nagar for Office/ Residance. Contact: 9437205577 (9AM to 2PM). D-67564

Shoproom available at Jayadev Vihar mainroad, Bhubaneswar @30000 per month. Contact: 9938511622. D-18128

3BHK apartment with two toilets and garage at Baishnav Vihar, Bomikhal, Bhubaneswar: 9238574993. D-18109

**3 BHK Puja Parkings 1700 SFT Independent Groundfloor Mahavir Nagar, Cuttack Road, Guesthouse/ Office. 8847882402, 8763862809.** D-18090

Ground floor 1500sqft. near Ravitalkies for Office/ Institution. Rent Rs. 20,000. 8249204856. D-59872

**Tolet Farmhouse 12km from Sum Hospital (Rs. 4000- Rs.12000). Contact: 7978456831, 9777177038.** D-69909

2/3 BHK Flat for rent at Manjulata Mansion, Nandan Vihar, KIIT Square, Bhubaneswar. Service Holders (Family) preferred. Contact: 9437392900. D-18130

3BHK Flat well furnished for rent/ sale at Sahid Nagar, Bhubaneswar. Contact: 7205747191(M) D-69616




Newly open full body massage SPA in Bhubaneswar. Contact: 7205058838. D-69741

Swarna SPA newly open positively health benefits with expert therapist. 7873794731. D-69736

Get refreshment body massage by expert therapist contact for. 9556978408. D-69738

Herbal full body massage by smart / expert therapist. Contact: 8338067247. D-69737

Relaxing body massage by Lady/ Gents therapists - 7008773793. D-60888

Newly open full body massage by Lady/ Gents therapists - 8018656899. D-60887

## LOST

ଏତଦ୍ୱାରା ପଚ୍ଚାମୁଣ୍ଡାଇ କୋର୍ଟ ନୋଟାରି ପବ୍ଲିକଙ୍କ ନିକଟରେ ସତ୍ୟପାଠ ମାଧ୍ୟମରେ ଜଣାଉଅଛୁ ଯେ ଗତ ୩୧ ତାରିଖରେ ଆମ୍ଭେ ପୁଷ୍ପଲତା ସାହୁ, ସ୍ୱାମୀ: ରଶ୍ମିରଞ୍ଜନ ସାହୁ, ସା- ଭରତପୁର, ପୋଷ୍ଟ- ବାଙ୍କେଶ୍ୱର, ଥାନା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା ନିକଟସ୍ଥ ସିଙ୍ଗିରି ବଜାରକୁ ଯାଉଥିବା ବେଳେ ଅସାବଧାନତା ଯୋଗୁ ଧରିଥିବା ପଲିଥିନ୍ ବ୍ୟାଗ୍ କେଉଁଠି ଖସି ପଡ଼ିଥିଲା। ବ୍ୟାଗ୍ ଭିତରେ ଆମ୍ଭ ଘରବାଡି ପଟ୍ଟା ଥିଲା। ଖାତା ନଂ. ୯୦୧/୪୮୨, ପ୍ଲଟ୍‌ନଂ. ୨୧୯୮/ ୩୪୫୫ ଏ୦.୧୩ ଡେସିମିଲ ଖତିଆନ ପଟ୍ଟା ହଜିଯାଇଛି। ଏଥିନେଇ ଆମ୍ଭେ ଆଳି ଥାନାରେ ଏତଲା ଦେଇଅଛୁ। ଆଳି ପୋଲିସ ଅନୁସନ୍ଧାନ ଜାରି ରଖିଛନ୍ତି। ଏହି ନଂ. ୮୨୭୦୮୬୮୪୧୩ରେ ଜଣାଇବା ପାଇଁ ଅନୁରୋଧ ଧ-୧୮୧୩୧

## AFFIDAVIT

ମୁଁ ନମିତା ମୁଦୁଲି, ଘର ବୃଙ୍ଗସାହି ମଧୁବନ ଲେନ୍ ପୁରୀ-୧ ଓଡ଼ିଶା. ତା. ୦୫।୦୯।୨୦୨୦ ଦିନ ନୋଟାରି ପବ୍ଲିକ୍, ପୁରୀ ଆଫିଡେଭିଟ୍ କରି ମୋର ନାମ ନମିତା ମୁଦୁଲିରୁ ବଦଳାଇ ତିଳୋତମା ମୁଦୁଲି କରିଅଛି, ଏବେଠାରୁ ମୁଁ ତିଳୋତମା ମୁଦୁଲି ନାମରେ ପରିଚିତ ହେବି। ଧ-୬୮୮୩୫

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୯୧୯,୮୦୬ | ୮,୮୦,୯୬୭ | ୧୯,୦୨୦,୬୫୧ |
| ଭାରତ | ୪୦,୯୨,୫୫୦ | ୭୦୫୧୯ | ୩୧,୬୨,୩୦୫ |
| ଓଡ଼ିଶା | ୧,୨୦,୨୨୧ | ୫୩୮(+୫୩) | ୯୩,୭୭୪ |

ଶନିବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବାଣିଜ୍ୟ ସଂସ୍କାରରେ ଓଡ଼ିଶା ପଛୁଆ

- ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍ ରିପୋର୍ଟ ଉନ୍ମୋଚିତ
- ତାଲିକାର ଶୀର୍ଷରେ ଆନ୍ଧ୍ରପ୍ରଦେଶ



ନୂଆଦିଲ୍ଲୀ,୫ା୯

କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ଲାଗି ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍ ବା ବାଣିଜ୍ୟ ସୁବିଧା ତାଲିକା ଶନିବାର ପ୍ରକାଶ କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ 'ଷ୍ଟେଟ ବିଜ୍‌ନେସ୍ ରିଫର୍ମ ଆକ୍ସନ୍ ପ୍ଲାନ୍'କୁ ଉନ୍ମୋଚନ କରିଛନ୍ତି। ଏଥିରେ ବାଣିଜ୍ୟିକ ସଂସ୍କାର ଧାରା ଜାରି କ୍ଷେତ୍ରରେ ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ସ୍ଥାନ ପାଇ ପାରିନାହିଁ। ବାଣିଜ୍ୟ ସଂସ୍କାରରେ ମନ୍ଥର ଏବଂ ସବୁଠାରୁ ଖରାପ ପ୍ରଦର୍ଶନ କରିଥିବା ରାଜ୍ୟ ମଧ୍ୟରେ ଓଡ଼ିଶା ଆଗରେ ରହିଛି। ଓଡ଼ିଶା ଏଥର ୧୫ଟି ସ୍ଥାନ ତଳକୁ ଖସି ୨୯ତମରେ ରହିଛି। ର୍‍ୟାଙ୍କ ଖସିବା କ୍ଷେତ୍ରରେ ଏହା ସବୁଠାରୁ ଅଧିକ ବୋଲି ଜଣାପଡିଛି। ହରିୟାଣା, କେରଳ, କର୍ଣାଟକ, ବିହାର, ଗୋଆ ଏବଂ ଆସାମ ଭଳି ରାଜ୍ୟ ଏହି ବର୍ଗରେ ରହିଛନ୍ତି। ସେହିଭଳି ସଂସ୍କାରରେ ମନ୍ଥର ଥିବା ରାଜ୍ୟ ମଧ୍ୟରେ ସିକିମ, ତ୍ରିପୁରା, ମେଘାଳୟ, ନାଗାଲାଣ୍ଡ ରହିଥିବା ଜଣାପଡ଼ିଛି।

ସଂସ୍କାର କ୍ଷେତ୍ରରେ ଆନ୍ଧ୍ର ପ୍ରଦେଶ ପୁଣି ଥରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ଦ୍ୱିତୀୟରେ ଉତ୍ତର ପ୍ରଦେଶ ଏବଂ ତୃତୀୟରେ ତେଲଙ୍ଗାନା ରହିଛି। ତାଲିକାରେ ଉତ୍ତରପ୍ରଦେଶ ପ୍ରାୟ ୧୦ଟି ସ୍ଥାନ ଉନ୍ନୀତ ହୋଇଛି। ୨୦୧୫ରେ ରାଜ୍ୟଗୁଡ଼ିକର ବାଣିଜ୍ୟ ସଂସ୍କାର ଆକ୍ସନ ପ୍ଲାନ୍‌କୁ ନେଇ କେନ୍ଦ୍ର ସରକାର ଏଭଳି ର୍‍ୟାଙ୍କ ପ୍ରଦାନ କରୁଛନ୍ତି। ବର୍ତ୍ତମାନ ପ୍ରକାଶ ପାଇଥିବା ଏହି ତାଲିକା ୪ର୍ଥ ସଂସ୍କରଣ। ଏଥିରେ ଡିଜିଟାଇଜେଶନ, ସ୍ୱଚ୍ଛତା ଏବଂ ନିବେଶକଙ୍କ ଆତ୍ମବିଶ୍ୱାସ ଭଳି ପ୍ରସଙ୍ଗକୁ ସ୍ଥାନିତ କରାଯାଇଛି।

ତାଲିକାରେ ଲାକ୍ଷାଦ୍ୱୀପ ୧୫ତମ ସ୍ଥାନରେ ରହିଛି। ଶିଳ୍ପରେ ବିକାଶ ଲାଭ କରିଥିବା ରାଜ୍ୟ ଗୁଜରାଟ, ମହାରାଷ୍ଟ୍ର ଏବଂ ତାମିଲନାଡୁ ୧୦ତମ, ୧୩ତମ ଏବଂ ୧୪ତମ ସ୍ଥାନରେ ରହିଛନ୍ତି। ନିମ୍ନରେ ରହିଥିବା ରାଜ୍ୟଗୁଡିକ ବାଣିଜ୍ୟ ସଂସ୍କାରରେ ଚଳିତ ଥର ଭଲ ପ୍ରଦର୍ଶନ କରିବା ସହ ତାଲିକାରେ ଟପ୍ ରାଜ୍ୟଗୁଡିକ ସହ ଭଲ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଜଣାପଡ଼ିଛି। ସଂସ୍କାର ପ୍ରକ୍ରିୟା କାର୍ଯ୍ୟାନ୍ୱୟନ କରିବାରେ ବିଫଳ ହେବାରୁ ରାଜ୍ୟଗୁଡିକ ର୍‍ୟାଙ୍କ ଖସିଥିବା ନଜରକୁ ଆସିଛି। ଶିଳ୍ପ ପ୍ରୋତ୍ସାହନ ଏବଂ ଆନ୍ତଃବାଣିଜ୍ୟ ବିଭାଗ(ଡିପିଆଇଆଇଟି) ପକ୍ଷରୁ ୧୮୧ ସଂସ୍କାର ପଏଣ୍ଟ ଉପରେ ଫୋକସ୍ କରି ଏଭଳି ରିପୋର୍ଟ ପ୍ରକାଶ ପାଇଛି। ଏହା ମଧ୍ୟରେ ୪୫ ବିଜ୍‌ନେସ ରେଗୁଲେଟୋରି ଏରିଆକୁ ସ୍ଥାନିତ କରାଯାଇଛି। ସିଙ୍ଗଲ ୱିଣ୍ଡୋ, ସିଷ୍ଟମ, ଟିକସ ପ୍ରଦାନ, ୟୁଟିଲିଟି ପରମିଟ ଏବଂ ପରିବେଶ ସହ ଅନ୍ୟ ପ୍ରସଙ୍ଗ ଏଥିରେ ବିଚାରଯୋଗ୍ୟ ହୋଇଥାଏ।

# ସଂକ୍ରମଣ ୧ଲକ୍ଷ ୨୦ ହଜାର ଟପିଲା

## ଆଉ ୩,୫୪୩ ଚିହ୍ନଟ, ୭ ମୃତ

ଭୁବନେଶ୍ୱର, ୫ା୯(ବ୍ୟୁରୋ)

ରାଜ୍ୟରେ ନିୟନ୍ତ୍ରଣକୁ ଆସିପାରୁନି ସଂକ୍ରମଣ। ଶେଷ ୨୪ ଘଣ୍ଟାରେ କରୋନାରେ ଆଉ ୩,୫୪୩ ଆକ୍ରାନ୍ତ ହୋଇଛନ୍ତି। କ୍ୱାରାଣ୍ଟାଇନ ସେଣ୍ଟରରୁ ୨,୧୬୧ଜଣ ଚିହ୍ନଟ ହୋଇଥିବାବେଳେ ୧,୩୮୨ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧ଲକ୍ଷ ୨୦ହଜାର ୨୨୧ରେ ପହଞ୍ଚିଛି। ତେବେ ଖୋର୍ଦ୍ଧା, କଟକ ଓ ମୟୂରଭଞ୍ଜକୁ ନେଇ ଚିନ୍ତା ବଢ଼ିଛି। ସଂକ୍ରମଣରେ ଏହି ୩ ଜିଲା ଆଗରେ ରହୁଛନ୍ତି। ଖୋର୍ଦ୍ଧା ଜିଲାରୁ ପୁଣି ରେକର୍ଡ ସଂଖ୍ୟକ ୮୭୮ ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଏହା ତଳକୁ ମୟୂରଭଞ୍ଜ ୩୨୬, କଟକ ୨୯୫, ବରଗଡ଼ ୨୭୪, ଯାଜପୁର ୨୦୬, ବାଲେଶ୍ୱର ୧୫୩ ଓ ଗଞ୍ଜାମରୁ ୧୦୨ଜଣ ରହିଛନ୍ତି। ଏହାବାଦ୍ ଅନ୍ୟସବୁ ଜିଲାରେ ଶହେଠାରୁ କମ୍ ସଂଖ୍ୟାରେ ନୂଆ ପଜିଟିଭ୍ ବାହାରିଛନ୍ତି। ଏହାକୁ ମିଶାଇ ଖୋର୍ଦ୍ଧାରେ ଆକ୍ରାନ୍ତଙ୍କ ସଂଖ୍ୟା ସବୁଠାରୁ ଅଧିକ ଅର୍ଥାତ୍ ୨୦,୬୧୮ ଛୁଇଁଛି। କଟକରେ ୧୦,୦୪୩ ଓ ମୟୂରଭଞ୍ଜରେ ସଂକ୍ରମଣ ୪,୬୧୯କୁ ବୃଦ୍ଧି ପାଇଛି।

ସେହିପରି କରୋନାରେ ପୁଣି ୭ଜଣଙ୍କ ଜୀବନ ଯାଇଛି। ଖୋର୍ଦ୍ଧାରୁ ସର୍ବାଧିକ ୨ଜଣ ଥିବାବେଳେ ବଲାଙ୍ଗୀର, ସୁନ୍ଦରଗଡ଼, ଗଞ୍ଜାମ, କଟକ ଓ ମାଲକାନଗିରିରୁ ଜଣେ ଲେଖାଏ ରହିଛନ୍ତି। ବର୍ତ୍ତମାନ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୫୩୮କୁ ବୃଦ୍ଧି ପାଇଛି। ଅପରପକ୍ଷରେ ରାଜ୍ୟରେ କରୋନା ନମୁନା ପରୀକ୍ଷଣ ୨୦ଲକ୍ଷ ଟପିଛି। ୨୪ ଘଣ୍ଟାରେ ୫୦,୬୬୩ ନମୁନା ପରୀକ୍ଷା ହୋଇଥିଲା। ୪୩,୬୪୦ ଆଣ୍ଟିଜେନ୍ ଟେଷ୍ଟ ହୋଇଥିବାବେଳେ ୬,୮୯୮ଟି ଆର୍‌ଟି-ପିସିଆର୍ ଓ ୧୨୫ ଟ୍ରୁନାଟ୍ ଟେଷ୍ଟ ହୋଇଛି। ଏପର୍ଯ୍ୟନ୍ତ ମୋଟ ୨୦,୪୮,୦୦୮ ନମୁନା ପରୀକ୍ଷା ହୋଇସାରିଛି ଓ ଏଥିମଧ୍ୟରୁ ୫.୮୭% କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି।




# ଗଡ଼ିବ ଆଉ ୮୦ ସ୍ପେଶାଲ ଟ୍ରେନ୍

**ନୂଆଦିଲ୍ଲୀ,୫ା୯:** ରେଳଯାତ୍ରୀଙ୍କ ପାଇଁ ଖୁସି ଖବର। ୧୨ ସେପ୍ଟେମ୍ବରଠାରୁ ୮୦ ନୂଆ ସ୍ୱତନ୍ତ୍ର ଟ୍ରେନ ଚଳାଇବା ନେଇ ସରକାର ଘୋଷଣା କରିଛନ୍ତି। ଏଥିଲାଗି ୧୦ ସେପ୍ଟେମ୍ବରଠାରୁ ପଞ୍ଜୀକରଣ ଆରମ୍ଭ ହେବ। ବର୍ତ୍ତମାନ ଚଳାଚଳ କରୁଥିବା ୨୩୦ ସ୍ପେଶାଲ ଟ୍ରେନ ପରେ ଏହି ଟ୍ରେନଗୁଡିକ ଚାଲିବ ବୋଲି ଜଣାପଡ଼ିଛି। ରେଳ ବୋର୍ଡ ଅଧ୍ୟକ୍ଷ ଭି.କେ. ଯାଦବ ଶନିବାର ଏହି ସୂଚନା ଦେଇଛନ୍ତି। କରୋନା ସଂକ୍ରମଣକୁ ଧ୍ୟାନରେ ରଖି ସରକାର ସାରା ଦେଶରେ ପାସେଞ୍ଜର, ମେଲ୍ ଏବଂ ଏକ୍ସପ୍ରେସ୍ ଟ୍ରେନ ଚଳାଚଳ ଉପରେ କଟକଣା ଲଗାଇଛନ୍ତି। ଲକ୍‌ଡାଉନ ମଧ୍ୟରେ ୧୨ ମେଠାରୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଛି। ଜୁନ୍ ୧ଠାରୁ ୧୦୦ ଯୋଡ଼ା ଟ୍ରେନ୍ ଚଳାଚଳ ନେଇ ଅନୁମତି ମିଳିଛି। ଏଭଳି ଭାବେ ମୋଟ ୨୩୦ ଟ୍ରେନ ଚଳାଚଳ କରୁଛି। ବର୍ତ୍ତମାନ ଆଉ ୪୦ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ମୃତ୍ୟୁ ହେବାର ଘଣ୍ଟାଏ ପରେ ପଜିଟିଭ୍ ଚିହ୍ନଟ

**ଖୁଣ୍ଟୁଣୀ,୫ା୯(ଡି.ଏନ.ଏ):** ଖୁଣ୍ଟୁଣୀ ଥାନା ଅଞ୍ଚଳରେ ଜଣେ ୬୫ ବର୍ଷର ପୁରୁଷଙ୍କ ଶନିବାର ମୃତ୍ୟୁ ଘଟିବାର ଘଣ୍ଟାଏ ପରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଥିବାବେଳେ ମୃତଦେହକୁ ଛୁଇଁ ନ ଥିଲେ। ପ୍ରାୟ ୩ ଘଣ୍ଟା ପରେ କଟକରୁ ସ୍ୱତନ୍ତ୍ର କୋଭିଡ୍ ଗାଡି ଆସିବା ପରେ ସ୍ଥାନୀୟ ସରପଞ୍ଚ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ ମୃତଦେହକୁ କଟକର କାଳିଆବୋଦାଠାରେ ସନ୍ଧ୍ୟା ୬ଟା ବେଳେ ସତ୍କାର କରାଯାଇଥିବା ମୃତକଙ୍କ ପୁଅ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଚିହ୍ନଟ ବ୍ୟକ୍ତି ଜଣକ ଗତ କିଛିଦିନ ହେବ ଜ୍ୱର ଓ ଥଣ୍ଡାରେ ପୀଡିତ ଥିଲେ। ଜ୍ୱର ନ ଛାଡ଼ିବାରୁ ଶୁକ୍ରବାର ଆଠଗଡ଼ର ବେଣ୍ଟପଦାଠାରେ ସେ କୋଭିଡ୍ ପରୀକ୍ଷା କରିଥିଲେ। ଶନିବାର ସକାଳେ ଗୁରୁତର ହେବାରୁ ତାଙ୍କୁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ କିଛି ସମୟ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପରିବାର ଲୋକେ ମୃତଦେହକୁ ନିଜ ଗ୍ରାମକୁ ନେଇଆସିଥିଲେ। ଘରେ ପହଞ୍ଚିବାର ଏକ ଘଣ୍ଟା ପରେ ବ୍ରହ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡା.ଦିଲୀପ ଦାସ ମୃତ ବ୍ୟକ୍ତି ପଜିଟିଭ ଥିବା ଘୋଷଣା କରିଥିଲେ।

# ଫିଲ୍ମ ନିର୍ଦ୍ଦେଶକ ଜନି ବକ୍ସିଙ୍କ ପରଲୋକ

ନୂଆଦିଲ୍ଲୀ, ୫ା୯: ବଲିଉଡ୍ ଚଳଚ୍ଚିତ୍ର ନିର୍ଦ୍ଦେଶକ ଜନି ବକ୍ସିଙ୍କର ଶୁକ୍ରବାର ବିଳମ୍ବିତ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। ହୃଦ୍‌ଘାତରେ ଜନିଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଶନିବାର ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। 'ଡାକୁ ଔର ପୋଲିସ', ଖୁଦାଇ ଭଳି ଚଳଚ୍ଚିତ୍ରରେ ସେ ନିର୍ଦ୍ଦେଶନା ଦେଇଥିଲେ। ଏଥିସହ 'ରାବଣ', 'ମଞ୍ଜିଲ ଔର ଭି ହେଁ', 'ଫିର ତେରୀ କାହାନି ୟାଦ ଆଏ' ପରି ଅନେକ ଚଳଚ୍ଚିତ୍ର ମଧ୍ୟ ସେ ନିର୍ମାଣ କରିଛନ୍ତି।




KISHORE VAIGYANIK PROTSAHAN YOJANA
किशोर वैज्ञानिक प्रोत्साहन योजना
KVPY
National Fellowships for Students Interested in Research Careers

**KVPY Fellowship-2020**

- Stream SA: Students enrolled in XI Standard (Science Subjects) during the academic year 2020-21 and aspiring to join an undergraduate program in basic sciences (B.Sc /B.S./B.Stat./B.Math. / Int. M.Sc./ Int. M.S.) during the academic year 2022-23.
- Stream SX: Students enrolled in +2 / XII standard (Science Subjects) during the academic year 2020-21 and aspiring to join an undergraduate program in basic sciences (B.Sc./ B.S./ B.Stat./ B.Math./ Int. M.Sc./ Int.M.S.) during the academic year 2021-22.
- Stream SB: Students enrolled in First Year B.Sc. / B.S. / B. Stat. /B. Math./ Int. M.Sc./Int. M.S. in basic sciences during the academic year 2020-21.

| | | |
|---|---|---|
| 1 | Start of online submission of Application | 6th September 2020 |
| 2 | Last date for closing of online Application | 5th October 2020 |
| 3 | KVPY Aptitude Test | 31st January 2021 |

For more detail please visit: http:// www.kvpy.iisc.ernet.in
Convener, KVPY, IISc, Bengaluru-560 012









ପ୍ରତ୍ୟେକ ଧର୍ମର ସେହି ଗୋଟିଏ ସତ୍ୟ। ପୃଥିବୀରେ କେବେ କେବେ ଜଣେ ମହାନ୍ ଶିକ୍ଷାଦାତା ବା ଗୁରୁଙ୍କର ଆବିର୍ଭାବ ହୁଏ। ସେ ଏକ ଦିବ୍ୟସତ୍ୟକୁ ଏ ପୃଥିବୀ ଉପରକୁ ଓହ୍ଲାଇ ଆଣନ୍ତି। କିନ୍ତୁ ପରେ ପରେ ସାଧାରଣ ଲୋକେ ଏହାକୁ ଅଧିକାର କରିବସନ୍ତି– ଏଥିରେ ବ୍ୟବସାୟ କରନ୍ତି ଏବଂ ଏହାକୁ ନେଇ ଏକ ରାଜନୈତିକ ସଂସ୍ଥା ସୃଷ୍ଟି କରନ୍ତି। –ଶ୍ରୀମା



# ଏହା କ'ଣ ଜାତୀୟ ସୁରକ୍ଷା ନୀତି



ଆକାର ପଟେଲ

ଭାରତର କୌଣସି ଜାତୀୟ ସୁରକ୍ଷା ନୀତି ନାହିଁ। ୨୦୧୪ରେ ଭାଜପାର ଇସ୍ତାହାରରେ ଉଲ୍ଲେଖିତ 'ଇଣ୍ଡିଆ ଫାଷ୍ଟ' ଏବଂ ୨୦୧୯ରେ ଇସ୍ତାହାରରେ ପ୍ରକାଶିତ 'ନେଶନ ଫାଷ୍ଟ' ସ୍ଲୋଗାନରୁ ଏହା କିଛି ବୁଝାଯାଇପାରେ। କିନ୍ତୁ ବାସ୍ତବରେ ଏହି ଶବ୍ଦଗୁଡ଼ିକର ଅର୍ଥ କ'ଣ ତାହା ସମ୍ପୂର୍ଣ୍ଣ ବ୍ୟାଖ୍ୟା କରାଯାଇନାହିଁ। ଇସ୍ତାହାରରେ ଅମିତ ଶାହ ଲେଖିଲେ– 'ବନ୍ଧୁଗଣ! ଏହି ନିର୍ବାଚନ କେବଳ ସରକାରଙ୍କୁ ନିର୍ବାଚିତ କରିବା ଲାଗି ଅନୁଷ୍ଠିତ ହେଉନାହିଁ, ଏହା ଦେଶର ଜାତୀୟ ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ଉଦ୍ଦିଷ୍ଟ।' ଇସ୍ତାହାର ଜାତୀୟ ସୁରକ୍ଷାକୁ ଭିତ୍ତି କରି ଦୁଇଟି କଥା ଉଲ୍ଲେଖ କରିଛି। ତାହା ହେଉଛି ଆକ୍ରମଣର ଦକ୍ଷତା ବୃଦ୍ଧି କରିବା ପାଇଁ ଆଧୁନିକ ଅସ୍ତ୍ରଶସ୍ତ୍ର କ୍ରୟ କରିବା ଏବଂ ଦେଶରେ ଯୁଦ୍ଧ ଉପକରଣ ଉତ୍ପାଦନ କରିବା। ସୁରକ୍ଷା ପ୍ରତି କୌଣସି ବିପଦ ଥିବା ସମ୍ପର୍କରେ କିଛି ବି ଏଥିରେ ଉଲ୍ଲେଖ କରାଯାଇନାହିଁ। ମୋଦିଙ୍କ ନେତୃତ୍ୱରେ ଭାରତ ଯେକୌଣସି ପ୍ରକାର ଅନୁପ୍ରବେଶକୁ ପ୍ରତିହତ କରିବା ଲାଗି ଗୁରୁତ୍ୱ ଦେଇଛି। ମୁଖ୍ୟତଃ କଶ୍ମୀରରେ ଏହା ଭାରତର ଜାତୀୟ ସୁରକ୍ଷାର ଏକ ମୁଖ୍ୟ ସମସ୍ୟା ଭାବେ ଉଭାହୋଇଛି ଓ ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲଙ୍କ ମତରୁ ଏହା ସ୍ପଷ୍ଟ ହୋଇଛି। ତାଙ୍କ କହିବା କଥା, ପାକିସ୍ତାନ ପ୍ରାୟୋଜିତ ସନ୍ତ୍ରାସବାଦ ଏକ ଯୋଜନାବଦ୍ଧ ବିପଦ ଏବଂ ଆକ୍ରମଣାତ୍ମକ ଉପାୟରେ ତାହାର ଜବାବ ଦେବା ଦରକାର । ଫଳସ୍ୱରୂପ ୨୦୧୬ ସେପ୍ଟେମ୍ବରରେ ସର୍ଜିକାଲ ଷ୍ଟ୍ରାଇକ୍ ଏବଂ ୨୦୧୯ ଫେବୃୟାରୀରେ ଏୟାର ଷ୍ଟ୍ରାଇକ୍ କରାଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନ ଇଣ୍ଡିଆନ ଆର୍ମି କ୍ୟାମ୍ପ ଉପରେ ସଂଘଟିତ ଆକ୍ରମଣ ଓ ସିଆର୍‌ପିଏଫ୍ ଉପରେ ଆତ୍ମଘାତୀ ଆକ୍ରମଣ ପରେ ନିଆଯାଇଥିଲା। ଡୋଭାଲଙ୍କ ସିଦ୍ଧାନ୍ତ ଅନୁସାରେ ଭାରତର ଏହି ଦୁଇଟି ଆକ୍ରମଣ ଫଳରେ ପାକିସ୍ତାନ ଅନୁପ୍ରବେଶକୁ ତା'ର ସମର୍ଥନ ବନ୍ଦ କରିବ କିମ୍ବା ପୂରା ଶେଷ କରିଦେଇପାରେ। କିନ୍ତୁ ସୀମାପାର ଅନୁପ୍ରବେଶ ସଂଖ୍ୟାକୁ ଲକ୍ଷ୍ୟ କଲେ ସେଭଳି କିଛି ଘଟିନାହିଁ ବୋଲି କୁହାଯାଇପାରେ। ୨୦୧୬ରେ ସନ୍ତ୍ରାସବାଦ ସମ୍ପର୍କିତ ହିଂସା ଯୋଗୁ କଶ୍ମୀରରେ ୨୬୫ ଜଣ ମୃତ୍ୟୁବରଣ କରିଥିଲେ। ଏହି ସଂଖ୍ୟା ବୃଦ୍ଧି ପାଇ ୨୦୧୭ ଓ ୨୦୧୮ରେ ଯଥାକ୍ରମେ ୩୫୭ ଓ ୪୫୨ରେ ପହଞ୍ଚିଥିଲା। ଡୋଭାଲଙ୍କ ଜାତୀୟ ସୁରକ୍ଷା ସିଦ୍ଧାନ୍ତକୁ ଖୁବ୍ ନିକଟରୁ ସମୀକ୍ଷା କରିବା ଦରକାର, କିନ୍ତୁ ଏହା କରାଯାଇନାହିଁ। ଭାରତୀୟ ସେନା ମୁଖ୍ୟ ଜେନେରାଲ ଏମ୍.ଏମ୍ ନରଓ୍ୱଣେ ଓ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ବିପିନ ରାଓ୍ୱତ ଉଭୟେ ଅନୁପ୍ରବେଶକୁ ପ୍ରତିହତ କରିବାରେ ନିପୁଣ। ଏହି କାରଣ ଲାଗି ଚାଇନା ଆଡୁ କୌଣସି ବିପଦ ନାହିଁ ବୋଲି ଭାରତ ମନେ କରିଛି।

ଜାତୀୟ ସୁରକ୍ଷା ନୀତି ରଖିବାକୁ ରାଜନୈତିକ ନେତୃତ୍ୱ ଅସ୍ୱୀକାର କରିବା ଆଉ ଏକ ସମସ୍ୟା। ଭାରତୀୟ ସେନା ଦୁଇଟି ସମ୍ମୁଖ ଯୁଦ୍ଧ ଲାଗି ପ୍ରସ୍ତୁତ ରହିଛି ବୋଲି କହିଛି। ଏହା କ'ଣ ଭାରତର ଜାତୀୟ ସୁରକ୍ଷା ନୀତି? ହେଲେ ଆମକୁ ଏହାକୁ ମାନିନେବାକୁ ପଡିବ, କାରଣ ଭାଜପାର ଏହା ଉପରେ କୌଣସି ନୀତି ନାହିଁ। ଭାରତର ଜାତୀୟ ସୁରକ୍ଷା ପ୍ରତି ପାକିସ୍ତାନ ପକ୍ଷରୁ କ'ଣ ବିପଦ ରହିଛି ? ଏ ପ୍ରଶ୍ନର ଉତ୍ତର ହଁ ବୋଲି କୁହାଯାଇପାରେ, କାରଣ ଏହି ସମୟରେ ପାକିସ୍ତାନ ପଟୁ ବିପଦ ରହିଥିବା ସ୍ପଷ୍ଟ ହେଉଛି।

୨୦୧୨ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଜାତୀୟ ସୁରକ୍ଷା ପରାମର୍ଶଦାତା ଶିବ ଶଙ୍କର ମେନନ ଐତିହାସିକ ସୁନୀଲ ଖିଲନାନି, ଲ୍ୟୁଟନାଣ୍ଟ ଜେନେରାଲ ପ୍ରକାଶ ମେନନ୍, ମିଲିଟାରି ସ୍କଲାର ଶ୍ରୀନାଥ ରାଘବନ, କୂଟନୈତିଜ୍ଞ ଶ୍ୟାମ ସରନ ଏବଂ ନନ୍ଦନ ନିଲେକାନିଙ୍କୁ ଭାରତ ପାଇଁ ଏକ ବୈଦେଶିକ ଓ ରଣନୈତିକ ନୀତି ଗଢିବା ଲାଗି କହିଥିଲେ। ସେମାନେ ଯେଉଁ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଥିଲେ ତାହାକୁ ଗୋଷ୍ଠୀ ନିରପେକ୍ଷ ୨.୦ କୁହାଗଲା। ଏଥିରେ ସୀମା ପରିଚାଳନା, ସାଇବର ସୁରକ୍ଷା, ପ୍ରତିରକ୍ଷା ଶିଳ୍ପ ଏବଂ ପଡୋଶୀଙ୍କୁ କିପରି ସାମିଲ କରିବା ଇତ୍ୟାଦି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଚାଇନା ସହ ଲାଗି ରହିଥିବା ରାଜନୈତିକ ବିବାଦ ଉପରେ ଏହି ଡକ୍ୟୁମେଣ୍ଟରେ ପ୍ରକାଶ କରାଯାଇଛି ଯେ, ଚାଇନା ବଳ ପ୍ରୟୋଗ କରି ମୁଖ୍ୟତଃ ଅରୁଣାଚଳ ସେକ୍ଟର ଓ ଲଦାଖରେ ତା ଅଞ୍ଚଳ ବୋଲି ଦାବି କରିପାରେ। ଚାଇନା ଏଭଳି ଅପରେଶନ ମୁଖ୍ୟତଃ ଲାଇନ ଅଫ୍ ଆକ୍‌ଚୁଆଲ କଣ୍ଟ୍ରୋଲ( ଏଲ୍‌ଏସି) ନିକଟବର୍ତ୍ତୀ ଅଞ୍ଚଳରେ କରିବ ଯାହାର ଉଭୟ ପାଖରେ ବିଭିନ୍ନ ଦେଶ ରହିଛନ୍ତି । ଏହି ସବୁ ସ୍ଥାନ ବି ସମସ୍ତଙ୍କୁ ଜଣା। ' ଏହି ସମସ୍ୟା ଉପରେ ଡକ୍ୟୁମେଣ୍ଟକୁ ଏବକାର ସେନା ବିଚାର କରି କହିଛି ଯେ,ଏଲ୍‌ଏସିରେ ଚାଇନା ଦ୍ୱାରା ଜବରଦଖଲ କରାଯାଇଥିବା ସୀମିତ ଅଞ୍ଚଳକୁ ସମାନ ଧରଣର ପଦକ୍ଷେପ ନେଇ ଜବାବ ଦିଆଯିବା ସବୁଠୁ ଭଲ ବାଟ। ଜେସାକୁ ତେସା ରଣନୀତି ଆପଣାଇବାକୁ ପଡ଼ିବ। ଅନେକ ଅଞ୍ଚଳରେ ସ୍ଥାନୀୟ ରଣନୀତି ଓ ସାମରିକ କାର୍ଯ୍ୟାନୁଷ୍ଠାନ ଜନିତ ଲାଭ ଆମ ସପକ୍ଷରେ ରହିଛି। ଏହି ଅଞ୍ଚଳଗୁଡିକୁ ଚିହ୍ନଟ କରିବା ଉଚିତ ଏବଂ ସେଠାରେ ଆମ ପକ୍ଷରୁ ସୀମିତ ସାମରିକ କାର୍ଯ୍ୟାନୁଷ୍ଠାନକୁ ନିଶ୍ଚିତ କରିବା ଦରକାର। ଏଠାରେ ଖୁବ ଶୀଘ୍ର ଚାଇନାର ଅଞ୍ଚଳକୁ ଦଖଲ କରିନେବାର ଯେଉଁ ପ୍ରସ୍ତାବ ଦିଆଯାଇଛି ତାହା ଚାଇନାକୁ ଆମ ଜାଗା ଫେରାଇବା ଲାଗି ତା' ଉପରେ କୂଟନୈତିକ ଚାପ ପକାଇବ। ଏଠାରେ ଯେଉଁ ଅପରେଶନ କଥା କୁହାଯାଇଛି ତାହା ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ହିଁ ବୁଝାଏ। କିନ୍ତୁ ଚାଇନା ଅନୁପ୍ରବେଶ କରିବା ତିନି ମାସରୁ ଅଧିକ ହୋଇଗଲାଣି। ଆମେ କିଛି କାର୍ଯ୍ୟାନୁଷ୍ଠାନ ନେଇନାହୁଁ , ବରଂ ପୂର୍ବରୁ ମନମୋହନ ସିଂ ସରକାରଙ୍କ ଜାତୀୟ ସୁରକ୍ଷା ରଣନୀତିକୁ ଉପେକ୍ଷା କରିଛୁ। ଏ ସମ୍ପର୍କରେ ନା ଆମ ପାଖରେ କୌଣସି ରଣନୀତି ରହିଛି ନା ଆମେ ବାସ୍ତବ ସମସ୍ୟାକୁ ବୁଝିପାରିଛୁ। ଯାହାଦ୍ୱାରା ଏହି ପରିସ୍ଥିତି ନିରର୍ଥକ ମନେହୋଇଛି,ଯେଉଁଠି ପ୍ରତିରକ୍ଷା ମନ୍ତ୍ରୀ ଏହି ସମସ୍ୟା ଉପରେ ଚାଇନା ସହ କଥା ହେଉଥିବାବେଳେ ପ୍ରଧାନମନ୍ତ୍ରୀ କହୁଛନ୍ତି , କିଛି ସମସ୍ୟା ନାହିଁ ବା ଏମିତି କିଛି ଘଟିନାହିଁ। ସେଠାରେ ସମସ୍ୟା ଅଛି ବୋଲି ସରକାର ସ୍ୱୀକାର କରୁନାହାନ୍ତି, ଅପରପକ୍ଷରେ ସେନାକୁ ଫ୍ରି ହ୍ୟାଣ୍ଡ ଦେଇଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଓ ଗମ୍ଭୀର ପ୍ରସଙ୍ଗକୁ ଯେଭଳି ଅସାବଧନତା ତଥା ବେପରୁଆ ଢଙ୍ଗରେ ନିଆଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କିନ୍ତୁ ଏହି ସରକାରଙ୍କ ଠାରୁ ଯାହା ଆଶା କରାଯାଉଥିଲା ସେୟା ହିଁ ହୋଇଛି। 'ନେଶନ ଫାଷ୍ଟ 'ଏବଂ 'ଇଣ୍ଡିଆ ଫାଷ୍ଟ' ଭଳି ଅର୍ଥହୀନ ଅସ୍ପଷ୍ଟ ସ୍ଲୋଗାନ୍ ଆଡୁଆଳରେ ଏହା ଲୁଚିଯାଇଛି ଏବଂ ଜାତୀୟ ସୁରକ୍ଷା ସଙ୍କଟରେ ଥିବାବେଳେ ସରକାର ଏହାର ନେତୃତ୍ୱ ନେବାକୁ ମନା କରିଦେଇଛନ୍ତି।

Email:aakar.patel@gmail.com

# ମହାଭାରତ: ବିଜ୍ଞାନ ଓ ବାସ୍ତବତା



ଉପେନ୍ଦ୍ର ବିଶ୍ୱାଳ

ପଶ୍ଚିମବଙ୍ଗର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ହସ୍ପିଟାଲରେ ଦେଖିବାକୁ ମିଳେ ଏକ ଅଭାବନୀୟ ଦୃଶ୍ୟ, ଗତ ଜୁନ ମାସରେ। ନଅବର୍ଷ କାଳ ସୁଖଦ ବୈବାହିକ ଜୀବନ ନିର୍ବାହ କରି ଆସିଥିବା ୩୦ ବର୍ଷିଆ ମଧୁରକଣ୍ଠି ଜଣେ ସୁନ୍ଦରୀ ମହିଳା ତଳି ପେଟରେ ଦିନେ ଗଭୀର ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସାଳୟରେ ଭର୍ତ୍ତି ହେଲେ। ବିଭିନ୍ନ ପରୀକ୍ଷା ନିରୀକ୍ଷା କରିବା ପରେ ସାମ୍ନାକୁ ଆସିଲା, ଭିନ୍ନ ଏକ ଚିତ୍ର। ପୁରୁଷଙ୍କ ପରି ମହିଳାଙ୍କଠାରେ ନ ଥିଲା ଡିମ୍ବାଶୟ କି ଗର୍ଭାଶୟ। ମାସିକଧର୍ମୀ ଜୈବିକ କ୍ରିୟା ବି ହେଉ ନ ଥିଲା। ଯାହାକୁ ସମ୍ପୃକ୍ତ ଡାକ୍ତରମାନେ କହିଲେ, ମହିଳା ଜଣକ ଜେନେଟିକାଲି ପୁରୁଷ (AFAB) ବୋଲି। ଆଜିର ଚିକିତ୍ସା ବିଜ୍ଞାନ ଏହାକୁ ସ୍ୱୀକୃତି ଦେଉଥିଲା ବେଳେ ଏହି ଘଟଣା ଅତି କ୍ୱଚିତ ଦେଖାଯାଏ ବୋଲି ଚିକିତ୍ସକମାନେ କୁହନ୍ତି। ଠିକ୍ ଏହାର ଏକ ଓଲଟ ଚିତ୍ର ଅର୍ଥାତ୍ ପୁରୁଷଟିଏ ଜେନେଟିକାଲି ମହିଳା (AMAB) ଅର୍ଥାତ ଗର୍ଭଧାରୀ ପୁରୁଷଙ୍କ ସମ୍ବନ୍ଧେ ବର୍ଣ୍ଣନା ଅଛି ମହାଭାରତରେ, ଯାହା କି ଆଜିର ଚିକିତ୍ସା ବିଜ୍ଞାନ ପାଇଁ ମଧ୍ୟ ଉତ୍କର୍ଷର ଉପଲବ୍ଧି। ମହାଭାରତରେ ଯୁବନାଶ୍ୱ ନାମରେ ଜଣେ ରାଜା ଥିଲେ। ଯାହାଙ୍କ ଗର୍ଭରୁ ଜାତ ହୋଇଥିଲେ ଶିଶୁପୁତ୍ର ମାନ୍ଧାତା ; ଯିଏ କି ପରବର୍ତ୍ତୀ ସମୟରେ ପରିଚିତ ଥିଲେ ଜଣେ ଦିଗ୍‌ବିଜୟୀ ରାଜା ଭାବେ। ରାଜା ଯୁବନାଶ୍ୱ ନିଃସନ୍ତାନ ଥିବାରୁ ଏବଂ ଦୈବୀକ୍ରମେ ତାଙ୍କଠି ଗର୍ଭାଶୟ ଥିବାର ବିଜ୍ଞାନୀମାନେ ଜାଣି ପାରିଥିଲେ। ତା'ପରେ, ଆଜି ଦିନପରି କୃତ୍ରିମ ଗର୍ଭସଞ୍ଚାର ତଥା ସିଜରିଆନ ପଦ୍ଧତିରେ ଶିଶୁଟିକୁ ଜନ୍ମ ଦିଆଯାଇଥିବ। ଶିଶୁପୁତ୍ର ମାନ୍ଧାତା ମାତୃ କ୍ଷୀରରୁ ସ୍ୱାଭାବିକ ଭାବେ ବଞ୍ଚିତ ହୋଇ ଇନ୍ଦ୍ରଙ୍କ ଆଙ୍ଗୁଠିକୁ ଚୁଚୁମି ଚୁଚୁମି ( ବୋତଲ କ୍ଷୀର ) ଜିଇଥିଲେ।

ମାନବ କ୍ଲୋନିଂ, IVF ପଦ୍ଧତି ବା ଟେଷ୍ଟ ଟ୍ୟୁବ ପଦ୍ଧତିରେ ଗର୍ଭସଞ୍ଚାର ଓ ପିଲାଜନ୍ମ ହେବା, ଆଜିର ବିଜ୍ଞାନର ଏକ ବିଶେଷ ବରଦାନ ବୋଲି ବିଚାର କରାଯାଏ। କିନ୍ତୁ କାହିଁ କେତେ ହଜାର ବର୍ଷ ପୂର୍ବରୁ ମହାଭାରତରେ ଏହା ଦର୍ଶାଯାଇଥିଲା। ଅତି କ୍ଷୀଣକାୟ, ଅତିଶୟ ଦୁର୍ବଳ ଓ ଅସହାୟ ରାଜା ପଣ୍ଡୁ, ବଂଶରକ୍ଷା ପାଇଁ IVF ପଦ୍ଧତିକୁ ଭଲ ବିକଳ୍ପ ଭାବେ ବାଛିଥିବେ। ସେଥିପାଇଁ ଶ୍ରେଷ୍ଠ ଓ ଆଦର୍ଶ ପୁରୁଷଙ୍କ ସାହାଯ୍ୟ ଲୋଡ଼ା ଯିବାରୁ ଧର୍ମଦେବତା, ପବନ ଦେବତା, ଇନ୍ଦ୍ର ଦେବତା, ଦେବବୈଦ୍ୟ ଅଶ୍ୱିନୀ କୁମାର ଆଦି ତାଙ୍କୁ ସହାୟତା ପାଇଁ ଆଗେଇ ଆସିଥିବେ। ଗାନ୍ଧାରୀଙ୍କ ଶତ ପୁତ୍ରଙ୍କ ଜନ୍ମ ମାନବ କ୍ଲୋନିଂର ସଫଳ ନିର୍ଯ୍ୟାସ ନୁହଁ କି? ଯାହା କି ମହାଭାରତର ଆଦ୍ୟ ପର୍ବ ୧୧୫ ତମ ଅଧ୍ୟାୟରେ ସୂଚିତ। ମହାଭାରତକୁ କାଳ୍ପନିକ କାହାଣୀ ବୋଲି କହି ବୁଲୁଥିବା ଆମେ ମୂଢ ମଣିଷମାନେ ଏପରି ଅଜସ୍ର ଘଟଣା ଉପରେ ଗବେଷଣା କରିଥିଲେ, ଭୌତିକ ବିଜ୍ଞାନ କ୍ଷେତ୍ରରେ ଆଜି ଆମେ କେତେ ଆଗରେ ଥାଆନ୍ତେ। ପାଶ୍ଚାତ୍ୟ ଜଗତ ଆମ ଶାସ୍ତ୍ର ପୁରାଣ ଆଦିକୁ ପାଗଳପରି ଘାଣ୍ଟି ଚାଲିଥିଲା ବେଳେ ଆମେ ଭାରତୀୟମାନେ ଆଜି ବି ଅନାଇ ରହିଛୁ ସେମାନଙ୍କ ସିଦ୍ଧାନ୍ତ ସବୁକୁ। ଏବେ ଆସିବା ଋଷି ପରାଶରଙ୍କ ପାଖକୁ। ଯିଏ କି କେଉଟ କନ୍ୟା ସତ୍ୟବତୀଙ୍କୁ ନଦୀ ମଧ୍ୟସ୍ଥ ନାଆରେ ମତ୍ସ୍ୟଗନ୍ଧାରୁ ଯୋଜନ ଗନ୍ଧାରେ ପରିଣତ କରି ପାରିଥିଲେ। ବିନା ପରୀକ୍ଷାଗାରରେ ବିଜ୍ଞାନ ଜଗତ ପାଇଁ ଏହା ହୁଏତ ବିସ୍ମୟ ହୋଇପାରେ, ମାତ୍ର ଯୋଗୀ –ମୁନିଙ୍କ ପାଇଁ ଏହା ଅତି ସହଜ ବିଜ୍ଞାନ। କୃଷି ଓ ଉଦ୍ଭିଦ ବିଜ୍ଞାନୀ ଋଷି ପରାଶର ଥିଲେ ଆମ ଆଖି ପାଉ ନ ଥିବା ହଜାର ହଜାର ବର୍ଷ ପୂର୍ବର ମଣିଷ। ଯାହା ଆମ ପାଇଁ ହୁଏତ ଅବିଶ୍ୱାସ ହୋଇପାରେ। କିନ୍ତୁ ଆଖି ସାମ୍ନାର ମାତ୍ର ନବେ ବର୍ଷ ତଳେ ପରାଶରଙ୍କ ପରି ଜଣେ ଯୋଗୀ ଥିଲେ, ସ୍ୱାମୀ ବିଶୁଦ୍ଧାନନ୍ଦ। ପ୍ରାକ୍ ସ୍ୱାଧୀନତା କାଳର ଗନ୍ଧ ବାବା ନାଁରେ ସେ ବେଶ୍ ଲୋକପ୍ରିୟ ଥିଲେ। ଆଖି ପିଛୁଳାକେ ସୁଗନ୍ଧର ଅତର ବିଚ୍ଛାଡି ଦେଉଥିଲେ ଚାରିଆଡେ। ଫଳରେ ଦୀର୍ଘ ସମୟ ଧରି ସୁଗନ୍ଧର କୁହୁଡ଼ିଆ ଘନ ଆସ୍ତରଣ ଅନୁଭୂତ ହେଉଥିଲା ଚତୁଃପାର୍ଶ୍ୱରେ। ଏହି ଗୁପ୍ତ ଯୋଗବିଦ୍ୟାକୁ ତିବ୍ବତର ଜଣେ ମହାନ୍ ଗୁରୁଙ୍କଠାରୁ ଶିକ୍ଷା ଲାଭ କରିଥିଲେ ବୋଲି ସେ କହୁଥିଲେ। ସେମିତି ବି ସଂଜୟଙ୍କର ଦୂରଦର୍ଶନ କଥା ଆମେ ଜାଣୁ।

ରାଜପ୍ରାସାଦରେ ରହି ବି କୁରୁକ୍ଷେତ୍ର ଯୁଦ୍ଧର ଟିକିନିକି ଧାରା ବିବରଣୀ ଅନ୍ଧ ରାଜା ଧୃତରାଷ୍ଟ୍ରଙ୍କୁ ପ୍ରଦାନ କରି ପାରୁଥିଲେ। ମଣିଷର ଯେ ଦୂରଦର୍ଶନ ଶକ୍ତି ଅଛି, ସଂଜୟଙ୍କ ଠାରୁ ଏହା ଜଣାପଡେ। ଏହାର ସତ୍ୟତା ସମ୍ବନ୍ଧେ ମଧ୍ୟ ପରୀକ୍ଷା କରାଯାଇଛି। ରୋମର ରୟାଲ ୟୁନିଭରସିଟିର ସ୍ନାୟବିକ ମନୋବିଜ୍ଞାନର ଅଧ୍ୟାପକ ଡକ୍ଟର ଜି. ବ୍ୟାରିଗ୍ୟାରିସ ଏହାର ସତ୍ୟତାକୁ ପ୍ରତିପାଦନ କରିଥିଲେ ନଭେମ୍ବର ୧୯୩୪ ମସିହାରେ। ଜଣେ ବ୍ୟକ୍ତିର ଶରୀରର କେତେକ ସ୍ଥାନକୁ ଚିପି ଧରିବା ଦ୍ୱାରା ପ୍ରାଚୀରର ବିପରୀତ ପାର୍ଶ୍ୱରେ ଥିବା ଅନ୍ୟ ଲୋକଙ୍କ ହାବ ଭାବ ତଥା ସେପଟେ ଥିବା ବସ୍ତୁ ସମ୍ବନ୍ଧେ ସ୍ପଷ୍ଟ ଭାବେ ବର୍ଣ୍ଣନା କରିପାରିଥିଲେ ସେ ବ୍ୟକ୍ତି। ମନୋବିଜ୍ଞାନୀଙ୍କ ମତରେ, ଶରୀରର ଚର୍ମ ଉପରେ ନିର୍ଦ୍ଦିଷ୍ଟ ସ୍ଥାନ ବିଶେଷକୁ ଯଦି ଠିକ୍ ଢଙ୍ଗରେ ଉତ୍ତେଜିତ କରାଯାଏ, ତେବେ ସେହି ବ୍ୟକ୍ତିର ଅତ୍ୟନ୍ଦ୍ରିୟ ଅନୁଭୂତି ହୁଏ ; ଯଦ୍ଦ୍ୱାରା ଦୂରର ସବୁକିଛି ଦେଖିପାରେ। ରୋମର ସେ ପ୍ରାଧ୍ୟାପକ ଜଣକ ମଣିଷ ଶରୀରରେ ଥିବା ଦୂରଦର୍ଶନ ଶକ୍ତିର ପ୍ରମାଣ କରିବାକୁ ଯାଇ ସେ ବ୍ୟକ୍ତିଙ୍କର ବକ୍ଷଦେଶର ଦକ୍ଷିଣ ପାର୍ଶ୍ୱରେ ଏକ ନିର୍ଦ୍ଦିଷ୍ଟ ସ୍ଥଳକୁ ୧୫ ମିନିଟ ପର୍ଯ୍ୟନ୍ତ ଚିପି ଧରିଥିଲେ (ଯୋଗୀର ଆତ୍ମଚରିତ, ପରମହଂସ ଯୋଗାନନ୍ଦ)। ମାତୃଗର୍ଭରେ ଥିବା ଶିଶୁଟି ବି ଶୁଣିପାରେ ଓ ଶିଖିପାରେ, ଏକଥା ସୁଭଦ୍ରା ତନୟ ଅଭିମନ୍ୟୁଙ୍କ କ୍ଷେତ୍ରରେ ମହାଭାରତ ଆମକୁ ବତାଇ ଅଛି। ପିତା ଅର୍ଜୁନଙ୍କ ଅନୁପସ୍ଥିତିରେ ଶତ୍ରୁର ବ୍ୟୂହଭେଦ କରିବା କୌଶଳ ମାତୃଗର୍ଭରେ ଶୁଣିଥିବା ଅଭିମନ୍ୟୁ ଆଗେଇ ଯାଇଥିଲେ ରଣାଙ୍ଗନକୁ। ଅବଶ୍ୟ ଅନ୍ୟାୟ ଯୁଦ୍ଧରେ ସେ ପରାସ୍ତ ଓ ନିହତ ହୋଇଥିଲେ ବ୍ୟୂହ ବାହାରକୁ ବାହାରିବାର କୌଶଳ ସେତେବେଳେ ସେ ଶୁଣି ନ ଥିବାରୁ। ଆଉ ଏହିକଥା ସତ ଓ ସମ୍ଭବ ବୋଲି ପ୍ରମାଣ କରିଛି ଆଜିର ଶରୀର ବିଜ୍ଞାନ ମଧ୍ୟ (ହିନ୍ଦୁସ୍ଥାନ ଟାଇମ୍ସ, ୩୦।୦୭।୧୯୮୪)। ସେମିତି ବି ପିତାମହ ଭୀଷ୍ମଙ୍କ ଇଚ୍ଛାମୃତ୍ୟୁ, ଯୋଗ ବିଜ୍ଞାନର ଏକ ସୂକ୍ଷ୍ମ କୌଶଳ, ଯାହା କି ଆମପରି ସାଧାରଣ ଲୋକଙ୍କୁ ଅସମ୍ଭବ ବୋଲି ମନେହୁଏ। କ୍ରିୟାଯୋଗର ଏକ ବିଶେଷ କୌଶଳ ବଳରେ ଇଚ୍ଛାନୁଯାୟୀ ଜଣେ ନିଜ ଶରୀରକୁ ତ୍ୟାଗ କରିଥାନ୍ତି। ଆଧ୍ୟାତ୍ମିକ ବିଜ୍ଞାନ ଜଗତର ଶୀର୍ଷରେ ପହଞ୍ଚି ପାରିଥିବା କାଁ ଭାଁ ସିଦ୍ଧ ଯୋଗୀମାନେ ହିଁ ଏହାକୁ ହାସଲ କରିପାରନ୍ତି। ଏହି ଅମୃତ ପଥର ଅଭିଯାତ୍ରୀଙ୍କ ମଧ୍ୟରୁ ସ୍ୱଳ୍ପ କେତେକଙ୍କ ଅନୁଭୂତି ଅନୁଯାୟୀ ଆଜି ଦିନରେ ଇଚ୍ଛାମୃତ୍ୟୁ ଆୟତ୍ତ କରିଥିବା ଜଣେ ଶିଖର ସ୍ତରର ଆଧ୍ୟାତ୍ମିକ ଗୁରୁ ହେଉଛନ୍ତି ଶ୍ରୀ ଶ୍ରୀ ବାବାଜୀ। ଶହ ଶହ, ହଜାର ହଜାର ବର୍ଷ ଧରି ଆଜି ବି ଏକ ବୃହତ୍ ଲକ୍ଷ୍ୟରେ ଚିରଞ୍ଜୀବୀ ହେଇ ରହିଛନ୍ତି ଓ ଆଧ୍ୟାତ୍ମିକ ଜଗତରେ ଉଚ୍ଚତର ଜିଜ୍ଞାସୁ ସାଧକ ମାନଙ୍କୁ ମାର୍ଗଦର୍ଶନ କରି ଚାଲିଛନ୍ତି। ଏହି କଥାକୁ ସ୍ୱ ସ୍ୱ ଅନୁଭୂତି ଆଧାରରେ ସ୍ୱୀକାର କରନ୍ତି ଅନେକ ସିଦ୍ଧ ସନ୍ଥମାନେ। (ହିମାଳୟ ବାସୀ ଗୁରୁଙ୍କ ଆଶ୍ରିତ ଜଣେ ଯୋଗୀଙ୍କ ଆତ୍ମକଥା, ଶ୍ରୀ ଏମ୍ )।

ଲୌହ ମୂଷାଳାବଶେଷରୁ ତିଆରି ଅସ୍ତ୍ରର ଆକ୍ରମଣ – ପ୍ରତି ଆକ୍ରମଣରେ ଧ୍ୱଂସ ହୋଇଥିଲା ଯଦୁ ବଂଶ। ଧ୍ୱଂସର କାରକ ଥିବା ମୂଷଳ ଶବ୍ଦର ଅପଭ୍ରଂଶ ହୋଇ ଆଜିର ଧ୍ୱଂସାସ୍ତ୍ରର ନାଁ ବି ମିସାଇଲ। ଆରବସାଗର ଗର୍ଭରେ ବୁଡି ରହିଥିବା ଦ୍ୱାରକା ନଗରୀ, ଆଜି ବି ବର୍ଣ୍ଣନା କରିଚାଲିଛି ମହାଭାରତର ବାସ୍ତବିକତାକୁ। ଭାରତର ପ୍ରାକ୍ତନ ମାନବ ସମ୍ବଳ ବିକାଶ ମନ୍ତ୍ରୀ ବିଦ୍ୱାନ ପ୍ରଫେସର ମୁରଲୀ ମନୋହର ଯୋଶୀଙ୍କ ନିର୍ଦ୍ଦେଶ ମତେ National Institute of Ocean Technol–ogy ଦ୍ୱାରା ୨୦୦୧ରୁ ୨୦୦୪ ମସିହା ମଧ୍ୟରେ ଏକାଧିକ ଅନୁସନ୍ଧାନ ଆଧାରିତ ରିପୋର୍ଟ କୁହେ ଯେ ବାୟୁମଣ୍ଡଳର କ୍ରମ ବର୍ଦ୍ଧମାନ ତାପମାତ୍ରା ଯୋଗୁ ସମୁଦ୍ରର ଜଳସ୍ତର ଉପରକୁ ଉଠି ଆସିବାରୁ ଦ୍ୱାରକା ନଗରୀଟି ଧୀରେ ଧୀରେ ସମୁଦ୍ର ଗର୍ଭରେ ଲୀନ ହୋଇଗଲା। ତଥାପି ଆଜି ବି ଆରବ ସାଗରର ୪୦ମିଟର ଗଭୀର ଦେଶରେ ପ୍ରାୟ ୧୦ କି.ମି. ବ୍ୟାପି ଏକ ନଗରୀର ଭଗ୍ନାବଶେଷ ଦେଖିବାକୁ ମିଳେ। ଏହିଭଳି ମହାଭାରତର ଅଜସ୍ର ଘଟଣାବଳୀଗୁଡିକୁ ଅତି ସୂକ୍ଷ୍ମ ଭାବେ ପର୍ଯ୍ୟାଲୋଚନା କଲେ ତାହାର ବାସ୍ତବତାକୁ ଆମେ ହୃଦ୍‌ବୋଧ କରିପାରନ୍ତେ। ମହାଭାରତ କେବଳ କାଳଜୟୀ ଏକ କାବ୍ୟାୟିତ କୀର୍ତ୍ତି ବା କୃତି ନୁହଁ। ବହୁ ମୂଲ୍ୟବୋଧର ରତ୍ନଭଣ୍ଡାର ଯେମିତି, ସେମିତି ବି ବିଜ୍ଞାନର ଅସରନ୍ତି ଗନ୍ତାଘର। ଏହାକୁ ମନ୍ଥନ କରିଲେ ମିଳନ୍ତା ଅସରନ୍ତି ଜ୍ଞାନର ରତ୍ନସମ୍ଭାର। ଆମେ ଜାଣିପାରନ୍ତୁ ବିଜ୍ଞାନର ଅନେକ ରହସ୍ୟ ସବୁକୁ ଓ ଆହୁରି ଅନେକ କଲ୍ୟାଣ ସାଧନ ହୋଇପାରନ୍ତା ମାନବ ସମାଜର।

ଗୋଡିଶୂଳ, ସଜନାଗଡ଼, ବାଲେଶ୍ୱର
ମୋ–୯୪୩୭୪୩୬୦୭୩

# ପୈତୃକ ସମ୍ପତ୍ତି ଓ କନ୍ୟାଙ୍କ କୋହ



ଡ. ବାସନ୍ତୀ ମହାନ୍ତି

କନ୍ୟାମାନଙ୍କର ପୈତୃକ ସମ୍ପତ୍ତିରେ ଅଧିକାର ସମ୍ପର୍କରେ ବହୁ ବିତର୍କ ପରେ ଏବେ ୨୦୨୦ ମସିହା ଅଗଷ୍ଟ ମାସରେ ମାନ୍ୟବର ସୁପ୍ରିମ୍‌କୋର୍ଟ ଯେଉଁ ରାୟ ଦେଇଛନ୍ତି ତାହା କନ୍ୟାସନ୍ତାନମାନଙ୍କର ଆତ୍ମବିଶ୍ୱାସ ଓ ଆତ୍ମ ମର୍ଯ୍ୟାଦା ବୃଦ୍ଧି କରିଛି। ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ରାୟ ଅନୁସାରେ ଝିଅ ସବୁବେଳେ ଝିଅ। ମାତାପିତା ବଞ୍ଚିଥାଆନ୍ତୁ କି ନ ଥାଆନ୍ତୁ। ତାକୁ ତା' ସମ୍ପତ୍ତିରୁ କେହି ବଞ୍ଚିତ କରିପାରିବେ ନାହିଁ। ୧୯୫୬ ମସିହାରେ ପ୍ରଥମ କରି ଯେଉଁ ହିନ୍ଦୁ ଉତ୍ତରାଧିକାର ଆଇନ୍ ପ୍ରଣୟନ ହୋଇଥିଲା ସେଥିରେ ପୁତ୍ରମାନଙ୍କ ପରି କନ୍ୟାମାନଙ୍କର ସମ୍ପତ୍ତିରେ ଅଧିକାର ଥିଲା। କିନ୍ତୁ ତାହା କେବଳ ମାତୃ ସମ୍ପତ୍ତିରେ। ଅବିବାହିତା ବିଧବା ଓ ପତି ପରିତ୍ୟକ୍ତାମାନେ କେବଳ ପିତୃ ସମ୍ପତ୍ତିର ଅଧିକାରୀ ହେଉଥିଲେ। ନଚେତ୍ ପିତାମାତାଙ୍କର ଯଦି କୌଣସି ପୁତ୍ରସନ୍ତାନ ନ ଥାଏ ଓ ସେମାନେ ପୋଷ୍ୟ ପୁତ୍ର ଗ୍ରହଣ କରି ନ ଥାନ୍ତି, ତେବେ ପୈତୃକ ସମ୍ପତ୍ତିରେ କନ୍ୟାମାନଙ୍କର ଅଧିକାର ରହୁଥିଲା।

ଯେଉଁଠି ଅଧିକାର ପ୍ରସଙ୍ଗ ଉଠେ, ସେଠାରେ କର୍ତ୍ତବ୍ୟ ପ୍ରସଙ୍ଗ ଉଠିବା ସ୍ୱାଭାବିକ। ଅପୁତ୍ରିକ ପିତାମାତାଙ୍କ ଦେଖାଶୁଣା ନ କରି ସମ୍ପତ୍ତିରେ ଭାଗବସିବା ନିଶ୍ଚୟ ଅଯୌକ୍ତିକ। କିନ୍ତୁ ଯେଉଁମାନଙ୍କର ପୁତ୍ର ଓ କନ୍ୟା ଉଭୟ ସମ୍ପତ୍ତିର ଦାବିଦାର ଅଛନ୍ତି ସେ ପ୍ରସଙ୍ଗ ଟିକେ ଭିନ୍ନ। କନ୍ୟାମାନଙ୍କର ପୈତୃକ ସମ୍ପତ୍ତିରେ ଯେଉଁ ଆଇନଗତ ଅଧିକାର ଅଛି, ସାମାଜିକ ସ୍ତରରେ ତାହା କାର୍ଯ୍ୟକାରୀ ହେବାପରି ଲାଗେ ନାହିଁ। କେତେଜଣ ପିତା ଓ ଭାଇ ସ୍ୱତଃପ୍ରବୃତ୍ତ ହୋଇ ଭଉଣୀମାନଙ୍କୁ ସେମାନଙ୍କ ଭାଗ ଦେଇଥାଆନ୍ତି ? ଏଥିରେ ବ୍ୟତିକ୍ରମ ହେଲେ କେତେଜଣ ମହିଳା ଆଇନ୍‌ର ସହାୟତା ଲୋଡିଥା'ନ୍ତି। ବର୍ଷକରେ ଥରେ ସାବିତ୍ରୀରେ ଶାଢ଼ି ଖଣ୍ଡେ ଓ ଅଷ୍ଟମୀରେ ଭଉଜା ଭାଣିଜୀଙ୍କୁ ଡ୍ରେସ୍ ହଳେ ଦେବା ସେମାନଙ୍କ ପାଇଁ କାଠିକର ପାଠ ହୋଇଯାଏ। ସେତିକି ଦେଇ ଦେଇ ସେମାନେ ବହୁତ କିଛି କରିଛନ୍ତି ବୋଲି ଭାବିଥା'ନ୍ତି। ଆଉ କେତେକ ଭାଇ ସେତକ ଦାୟିତ୍ୱ ତୁଲାଇବାର ଆବଶ୍ୟକତା ମଣନ୍ତି ନାହିଁ। ଏ କଥା ନୁହେଁ ଯେ ସାବିତ୍ରୀ ଶାଢ଼ି ଓ ଅଷ୍ଟମୀ ଡ୍ରେସ୍ ମାମୁ ଘରୁ ନ ଆସିଲେ ଭଉଣୀମାନଙ୍କର ସବୁ ଅଚଳ ହୋଇଯାଏ, ଏ ସବୁ ରୀତି ନୀତି ଆମ ସାମାଜିକ ବନ୍ଧନ ଓ ପାରିବାରିକ ସମ୍ପର୍କକୁ ଦୃଢ଼ କରିଥାଏ। ବିବାହ ବ୍ରତ ଆଦି ପର୍ବ ପର୍ବାଣିରେ ଭଉଣୀ ଓ ଭଣଜା ଭାଣିଜୀଙ୍କ ପାଇଁ କିଛି ଉପହାର ଓ ଭାର ବେଭାର ଦେବାବେଳେ ଭାଇ ଭାଉଜଙ୍କ ଭିତରେ ଅନେକ ବାକ୍ ବିତଣ୍ଡା ଲାଗି ରହିଥାଏ। ଅନେକ ଭଉଣୀ ଅଛନ୍ତି, ଯେଉଁମାନେ କି ସ୍ୱାମୀ ଓ ଶାଶୁ ଶ୍ୱଶୁରଙ୍କ ଅଗୋଚରରେ ନିଜ ହାତରୁ ପଇସା ଖର୍ଚ୍ଚ କରି ବାପଭାଇ ଦେଇଛନ୍ତି ବୋଲି କହିଥା'ନ୍ତି। କେବଳ ବାପ ଭାଇଙ୍କ ସମ୍ମାନ ଉଚ୍ଚ କରିବା ପାଇଁ, ଏପରି କି ଅନ୍ୟ ସମୟମାନଙ୍କରେ ପିତା ଗୃହକୁ ଯିବା ଅବସରରେ ହାତରୁ ଜିନିଷ କିଣି ବାପା ଭାଇ ଦେଇଛନ୍ତି ବୋଲି ଝିଅମାନେ ଶାଶୁ ଘରେ କହିଥାନ୍ତି। ଏହା ପ୍ରାୟ ସବୁ ଝିଅମାନଙ୍କର ଅନୁଭବ। ଅପରପକ୍ଷେ ଝିଅମାନେ ବାପଘରର ସଦସ୍ୟମାନଙ୍କର ବିଭିନ୍ନ ସମୟରେ ବିଭିନ୍ନ ଆବଶ୍ୟକତା ପରିପୂରଣ କରିବାରେ କୁଣ୍ଠାବୋଧ କରନ୍ତି ନାହିଁ। ଏସବୁ ସତ୍ତ୍ୱେ ସେମାନଙ୍କୁ ପ୍ରାପ୍ୟ ପ୍ରତି ଅଣଦେଖା କରାଯାଇ ଥାଏ।

କନ୍ୟାସନ୍ତାନଟି ଯେତେଦିନ ପର୍ଯ୍ୟନ୍ତ ବାପାଭାଇଙ୍କର ତା' ପ୍ରତି ହେଉଥିବା ଏ ପ୍ରକାର ଅନ୍ୟାୟକୁ ବରଦାସ୍ତ କରିଆସିଛି, ସେ ପର୍ଯ୍ୟନ୍ତ ସେ ସୁନାଝିଅ କିମ୍ବା ସୁନା ଭଉଣୀ। କିନ୍ତୁ ଥରେ ଯଦି ସେ ସମ୍ପତ୍ତି ଦାବି କଥା ଉଠାଇଲା ତ ବାପଝିଅଙ୍କର ସବୁ ସମ୍ପର୍କ କଟିଯାଏ। ଭାଇ ଭଉଣୀଙ୍କ ମଧ୍ୟରେ ଅହିନକୁଳ ସମ୍ପର୍କ ହୋଇଯାଏ। ଶତକଡା ନବେ ଭାଗ ଭଉଣୀ ପୈତୃକ ସମ୍ପତ୍ତି ଆଶନ୍ତି ନାହିଁ। ସେମାନେ ସମ୍ପର୍କ ଚାହାନ୍ତି, ସମ୍ପତ୍ତି ନୁହେଁ। ଭଉଣୀମାନଙ୍କର ଏ ଉଦାର ପଣକୁ ଭାଇମାନେ ଭଉଣୀମାନଙ୍କର ଦୁର୍ବଳତା ବୋଲି ଭାବନ୍ତି। ଅନେକ ପିତାମାତା ମଧ୍ୟ ଚାହାନ୍ତି ପୈତୃକ ସମ୍ପତ୍ତି ସବୁ ପୁତ୍ର ଭୋଗକରୁ, କନ୍ୟା ନୁହେଁ।

ପୈତୃକ ସମ୍ପତ୍ତି ଭୋଗ କରୁଥିବା ପୁତ୍ର ଓ ପୁତ୍ରବଧୂମାନେ ମାତାପିତାଙ୍କ ପ୍ରତି କେତେ ଦାୟିତ୍ୱବାନ୍ ରହନ୍ତି ସମାଜରେ କ୍ରମବର୍ଦ୍ଧିଷ୍ଣୁ ଜରାଶ୍ରମରୁ ସୁଧିଜନେ ଆକଳନ କରିପାରିବେ। ମାଆବାପା ରୋଗ ଶଯ୍ୟାରେ ପଡିଥିଲେ ପଇସା ପାଇଁ ହେଉ କି ସେବା ଶୁଶ୍ରୂଷା ଲାଗି ହେଉ ପୁଅବୋହୂମାନଙ୍କ ଭିତରେ ଛକାପଞ୍ଝା ଲାଗିଥିବା ବେଳେ ଅନେକ ଦାୟିତ୍ୱ ନୀରବରେ ସମ୍ଭାଳି ନେଇଥାନ୍ତି କନ୍ୟାମାନେ। ବାପଭାଇଙ୍କ ସମ୍ମାନ ରକ୍ଷା ପାଇଁ ହେଉ କିମ୍ବା ନିଜ ଶାଶୁଘରେ କଳହ ଆଶଙ୍କାରେ ହେଉ ଝିଅମାନେ ମାତାପିତାଙ୍କ ପାଇଁ ଯାହା ଖର୍ଚ୍ଚ କରିଥାନ୍ତି ଗୋପନ ରଖିଥାଆନ୍ତି, ଅଥଚ ପୁଅବୋହୂଙ୍କ ସଂସାରରେ ଯାହା ମାତାପିତାଙ୍କ ପାଇଁ ଖର୍ଚ୍ଚ କରାଯାଇଥାଏ ତାହାକୁ ବହୁଗୁଣିତ କରି ପ୍ରଚାର କରାଯାଇଥାଏ। ଅବଶ୍ୟ ସବୁ ପୁଅବୋହୂ ଏହିପରି ଅବିବେକୀ ନୁହନ୍ତି, ବିବେକବନ୍ତ ପୁଅବୋହୂ ଏବେ ବି ସଂସାରରେ ଅଛନ୍ତି ମାତ୍ର ସେମାନଙ୍କ ସଂଖ୍ୟା ଅଙ୍ଗୁଳିମେୟ। କନ୍ୟା ସନ୍ତାନମାନେ ପିତାମାତାଙ୍କ ସମ୍ପତ୍ତି ଆଶାରେ ସେବା କରନ୍ତି ନାହିଁ। ପିତାମାତାଙ୍କ ପ୍ରତି ସେମାନଙ୍କ ହୃଦୟରେ ଥିବା ସ୍ୱଭାବସିଦ୍ଧ ଆବେଗ ଓ ମମତ୍ୱବୋଧ ହେତୁ ସେମାନେ କରିଥାନ୍ତି। ତଥାପି ଭଉଣୀମାନେ ହୁଅନ୍ତି ଅବହେଳିତା ଓ ବଞ୍ଚିତା।

କନ୍ୟାସନ୍ତାନମାନଙ୍କ ଏ ପ୍ରକାର ଅବଦାନକୁ ସ୍ୱୀକାର କରି ମାନ୍ୟବର ସୁପ୍ରିମ୍‌କୋର୍ଟ ରାୟ ଦେଇ କହିଛନ୍ତି, ଝିଅ ସବୁବେଳେ ଝିଅ। ସେମାନଙ୍କୁ କେହି ସେମାନଙ୍କ ସମ୍ପତ୍ତି ଅଧିକାରରୁ ବଞ୍ଚିତ କରିପାରିବେ ନାହିଁ। ମାତାପିତା କେବଳ ପୁତ୍ର ସନ୍ତାନ ନାଁରେ ସମ୍ପତ୍ତି ଉଇଲ୍ କରିପାରିବେ ନାହିଁ। ଆହୁରି ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଏଠି ରହିଛି। ଯଦି ପିତାଙ୍କର ମୃତ୍ୟୁ ଘଟିଥାଏ, କନ୍ୟା ଜୀବିତ ଥାଏ ସେ ତା'ର ନ୍ୟାଯ୍ୟ ଅଧିକାର ପାଇବ। ଆହୁରି ମଧ୍ୟ ପିତା ଓ କନ୍ୟା ଉଭୟ ମୃତ୍ୟୁବରଣ କରିଥିଲେ ମୃତ କନ୍ୟାର ସନ୍ତାନ ଅର୍ଥାତ୍ ନାତିନାତୁଣୀମାନେ ସୁଦ୍ଧା ପରଲୋକଗତ ମାଆର ସମ୍ପତ୍ତି ଉପରେ ସେମାନଙ୍କ ହକ୍‌ସାବ୍ୟସ୍ତ କରିପାରିବେ।

ଏଇଠି କହିବାର କଥା ଯେଉଁଠି ଭଉଣୀମାନେ ସମ୍ପତ୍ତି ଦାବି କରୁ ନାହାନ୍ତି, ବୁଝିବା ଉଚିତ ଯେ ସେମାନଙ୍କୁ ଆଇନକାନୁନ୍ ଜଣାନାହିଁ କିମ୍ବା ସେମାନେ ଦୁର୍ବଳ। ସେମାନେ ସର୍ବଦା ଚାହାନ୍ତି ମଧୁର ପାରିବାରିକ ବନ୍ଧନ। ଏହା ଅଗଣିତ ଭଉଣୀମାନଙ୍କର କୋହର ଭାଷା। ତଥାପି ଯଦି ଭଉଣୀଟି ତା'ର ସର୍ବନିମ୍ନ ସମ୍ମାନ ବୋଧରୁ ବଞ୍ଚିତ ହେଉଛି ସେ ଜାଣିଶୁଣି ନୀରବ ରହିବା ମାନ୍ୟବର ସୁପ୍ରିମ୍‌କୋର୍ଟ ଦେଇଥିବା ରାୟର ଅବମାନନା ହେବ। କନ୍ୟା ସନ୍ତାନମାନେ ପରିବାରରେ ସେମିତି ଅବହେଳିତ ହେଉଥିବେ। ସମାଜରେ ଘଟୁଥିବା ଅନ୍ୟାନ୍ୟ ଅନ୍ୟାୟ ପ୍ରତି ଯେମିତି ସ୍ୱର ଉତ୍ତୋଳନ କରାଯାଉଛି, ଏଥିପ୍ରତି ମଧ୍ୟ ସ୍ୱର ଉତ୍ତୋଳନ କରାଯାଉ। ଆବେଗିକ ମୋହରେ ସବୁ ଅନ୍ୟାୟକୁ ମୁଣ୍ଡପାତି ସହିନେବା ଅନ୍ୟାୟ। ସାମାଜିକ ବ୍ୟତିକ୍ରମକୁ ସୁଧାରିବା ପାଇଁ କନ୍ୟାସନ୍ତାନଙ୍କ ପାଇଁ ଏହା ଏକ ଆହ୍ୱାନ ହେଉ।

ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ–୯୪୩୭୦୩୩୦୭୪

## ଏଇ ଭାରତରେ

ଯମରାଜାଙ୍କ କଥା ଶୁଣିଲେ ମନରେ ଛନକା ପଶିଯାଏ। କିନ୍ତୁ କଳିଯୁଗରେ ଏମିତି ଜଣେ ଯମରାଜା ଅଛନ୍ତି ଯାହାଙ୍କ ନାମ ଶୁଣିଲେ ଲୋକେ ଖୁସି ହେଉଛନ୍ତି। ଏହି ବ୍ୟକ୍ତି ଜଣକ ହେଉଛନ୍ତି ଉତ୍ତରାଖଣ୍ଡ ପିଥୋରାଗଡ ଜିଲା ଶିଲିଂ ଗାଁର ଦିୱାନି ରାମ। ପିଲାଦିନେ ମଇଁଷି ପିଠିରେ ବସି ଦିୱାନି ସ୍କୁଲ ଯାଉଥିବାରୁ ଲୋକେ ତାଙ୍କୁ ଯମରାଜା ବୋଲି ଡାକନ୍ତି। ସେ ବିପଦ ସମୟରେ ଲୋକମାନଙ୍କୁ କାନ୍ଧରେ ବସାଇ କିମ୍ବା ନାଉ କରି ନଦୀ ପାର କରୁଛନ୍ତି। ତାଙ୍କୁ ବୟସ ୪୯। ସେ ପେସାରେ ଜଣେ କୃଷକ। ବର୍ଷ ସାରା ଚାଷ କରନ୍ତି, ହେଲେ ବର୍ଷର ଦୁଇମାସ ସେ ଲୋକଙ୍କୁ ନଦୀ ପାର କରାନ୍ତି। ଏହା ବିନା ପରିଶ୍ରମିକରେ କରିଥାନ୍ତି ଯମରାଜ ଓରଫ ଦିୱାନି। ଦୀର୍ଘ ୩୬ ବର୍ଷ ହେବ ସେ ଏହି କାର୍ଯ୍ୟ କରି ଆସୁଛନ୍ତି। ବହୁ ସମୟରେ ତାଙ୍କ ଅଞ୍ଚଳରେ ବର୍ଷା ଯୋଗୁ ଅସ୍ଥାୟୀ ପୋଲ ଭାସିଯାଏ ଓ ଏହି ପରିସ୍ଥିତିରେ ସେ ଲୋକମାନଙ୍କୁ ନଦୀ ପାର କରିଥାନ୍ତି। ସରକାରୀ ଚାକିରିଆଙ୍କୁ ଅଫିସ. ପର୍ଯ୍ୟଟକଙ୍କ ବିଭିନ୍ନ କ୍ଷେତ୍ରକୁ ତଥା ସାଧାରଣ ଲୋକଙ୍କୁ ବଜାରକୁ ଯିବା ଲାଗି ସେ ନଦୀ ପାର କରିଥାନ୍ତି। ଏହି କାର୍ଯ୍ୟ ସେ ୧୪ ବର୍ଷ ବୟସରୁ କରିଆସୁଛନ୍ତି। ତାଙ୍କୁ ପ୍ରଥମେ ତାଙ୍କ ବାପା ଏହି କଠିନ କାର୍ଯ୍ୟ ଶିଖାଇଥିଲେ। ତିନି ପିଢି ହେବ ତାଙ୍କ ପରିବାର ଏହା କରିଆସୁଛନ୍ତି। ତାଙ୍କର ଏହି କାର୍ଯ୍ୟ ପାଇଁ ତାଙ୍କୁ ତାଙ୍କ ଗାଁର ପ୍ରଧାନ ଭାବେ ନିର୍ବାଚିତ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ସେପ୍ଟେମ୍ବର ୧୯୯୫

- ତାଲିବାନ ଇସଲାମୀୟ ଉଗ୍ରବାଦୀ ସଙ୍ଗଠନ ଆଫଗାନିସ୍ତାନର ଉତ୍ତର ପଶ୍ଚିମ ପ୍ରଦେଶର ରାଜଧାନୀ ହେରାତକୁ ଦଖଲ କରି ନେଇଛନ୍ତି।
- ଗଣପତି ଗ୍ରୁପ୍ ପକ୍ଷରୁ ଡୁବୁରୀଠାରେ ୫ ନିୟୁତ ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ସ୍ଥାପନ ଲାଗି ରୁଷିଆର ଇସ୍ପାତ କମ୍ପାନୀ ବ୍ୟାଜପ୍ରମ ଏକ୍ସପୋର୍ଟସ, ଗଣପତି ଗ୍ରୁପ୍ ଓ ରାଜ୍ୟ ସରକାରଙ୍କ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

## ଚିରନ୍ତନୀ

ଅସମୟେ ବନକୋଳେ
ଜାଗି ଉଠେ କୁହୁ
ଭୁବନର ଚେତନାରେ
ଛୁଇଁ ମୁହୁ ର୍ମୁହୁ।
(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | | 8 | | 5 | | | 7 | | E | | 0 | | |
| 1 | | | | | | | | | | | 4 | | | 2 |
| 9 | | | | | 6 | | | | | | 3 | E | 7 | 5 |
| 3 | B | | | | | A | | 8 | | | | 9 | | |
| | 2 | | | | | B | 3 | | | D | | | | |
| E | 5 | | | | | | | 3 | 4 | | 6 | D | 1 | A |
| 8 | 6 | 0 | | A | E | | | | 1 | | | 2 | | |
| | | | | | 3 | 6 | | | | | 2 | | | 0 |
| | A | | 9 | | 7 | | | | | | | 3 | | |
| | | | | | | | 5 | | A | | 7 | | | |
| | 7 | | 1 | | 8 | | | | E | | | 5 | | C |
| | | | | | B | | | | C | 9 | | | | 3 |
| | | | | 0 | 2 | 9 | | E | B | | | | | 1 |
| | 4 | | | | 9 | C | B | | | 5 | | | | |
| | | | 7 | 3 | | | | 1 | | 2 | | | E | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | A | 8 | 3 | 1 | D | 5 | C | 0 | 7 | 6 | B | E | 9 | 2 |
| 2 | B | D | 6 | 5 | 4 | 7 | 9 | 1 | E | 0 | 3 | C | A | 8 |
| 7 | 5 | 6 | E | C | B | 8 | 2 | A | 1 | 4 | 9 | D | 3 | 0 |
| 9 | C | 3 | 0 | A | 7 | 6 | E | D | 8 | 5 | 2 | 1 | B | 4 |
| E | 1 | 0 | 9 | 2 | 8 | 3 | B | 4 | D | A | C | 6 | 7 | 5 |
| C | 4 | 5 | 7 | B | 1 | E | 3 | 8 | A | 2 | D | 9 | 0 | 6 |
| D | 8 | 7 | 5 | 9 | 0 | A | 1 | 6 | 3 | B | 4 | 2 | E | C |
| 1 | 3 | 9 | D | E | 6 | 0 | 4 | 2 | 5 | C | 7 | A | 8 | B |
| 6 | 0 | B | A | 8 | 2 | C | 5 | 7 | 9 | E | 1 | 3 | 4 | D |
| A | 2 | E | 4 | 3 | C | B | D | 9 | 6 | 8 | 0 | 5 | 1 | 7 |
| 8 | 6 | 2 | 1 | D | 9 | 4 | A | C | 0 | 7 | E | B | 5 | 3 |
| 5 | 7 | C | 8 | 6 | 3 | D | 0 | E | B | 1 | A | 4 | 2 | 9 |
| B | D | 4 | C | 0 | E | 1 | 7 | 3 | 2 | 9 | 5 | 8 | 6 | A |
| 0 | E | A | 2 | 4 | 5 | 9 | 8 | B | C | 3 | 6 | 7 | D | 1 |
| 3 | 9 | 1 | B | 7 | A | 2 | 6 | 5 | 4 | D | 8 | 0 | C | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଛୋଟ ପରିବାର ଗତି କୁଆଡ଼େ

ମହାଶୟ,

୧୯୮୦ ମସିହା ପର୍ଯ୍ୟନ୍ତ ସରକାରଙ୍କ ଜନ୍ମନିୟନ୍ତ୍ରଣ ପାଇଁ ପ୍ରଚାର ଥିଲାକି 'ଦୁଇ ବା ତିନିଟି ସନ୍ତାନ ଯଥେଷ୍ଟ'। ଆମେ ଦୁଇ, ଆମର ଦୁଇ। ସେ ସମୟରେ ଅଧିକାଂଶ ପରିବାରରେ ଚାରି ପାଞ୍ଚରୁ ଅଧିକ ପୁଅଝିଅ ଥିଲେ। ଭାଇଭଉଣୀ ଏକାଠି ଖେଳୁଥିଲେ, ପଢୁଥିଲେ। ମାତ୍ର ଏହାର କିଛି ବର୍ଷ ପରେ ପରିସ୍ଥିତି ବଦଳିଗଲା। ସରକାର ପ୍ରଚାର କଲେ ଗୋଟିଏ ସନ୍ତାନ ଯଥେଷ୍ଟ। ପରିସ୍ଥିତିକୁ ହୃଦୟଙ୍ଗମ ନ କରି ଲୋକେ ଏହି ପନ୍ଥାକୁ ଆପଣାଇଲେ। ଘରେ ସାଙ୍ଗ ହୋଇ ଖେଳିବାକୁ, କଥାବାର୍ତ୍ତା ହେବାକୁ ଭାଇ ସାଙ୍ଗକୁ ଭଉଣୀଟିଏ ନାହିଁ। ବିପଦଆପଦରେ ସାହାଯ୍ୟ କରିବାକୁ ପରିବାରରେ କେହି ନ ଥିବେ। ବାପାମା'ଙ୍କ ଶେଷ ସମୟରେ ପାଖରେ ପୁଅ କି ଝିଅ ସେବା କରିବାକୁ ନ ଥିବେ। କେବଳ ଥିବ କୋଠାବାଡ଼ି, ଧନସମ୍ପତ୍ତି। ତେବେ ଏତେ ଛୋଟ ପରିବାରର ପରିକଳ୍ପନା ସମସ୍ତଙ୍କ ମନରେ ଆସିଲା କାହିଁକି ? ଜନ ଥିଲେ ସିନା ଧନର ଆବଶ୍ୟକତା। ଏହି ମାନସିକତାରେ ପରିବର୍ତ୍ତନ ଜରୁରୀ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶୀ, ମୋହନ ବୀଣାର ଯୁଗଳବନ୍ଦୀ

## ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଆରମ୍ଭ

■ଡିଜିଟାଲ ପ୍ଲାଟଫର୍ମରେ ନୃତ୍ୟ-ସଙ୍ଗୀତର ସମ୍ଭାର

ଭୁବନେଶ୍ୱର, ୫ା୯(ବ୍ୟୁରୋ)

ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ମହାକୁମ୍ଭ 'ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ-୨୦୨୦' ଶନିବାରଠାରୁ ଆରମ୍ଭ ହୋଇଛି। ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ଆୟୋଜିତ ଏହି ଉତ୍ସବ ଚଳିତବର୍ଷ ୨୬ବର୍ଷରେ ପଦାର୍ପଣ କରିଥିବାବେଳେ କରୋନା କଟକଣାଲାଗି ପ୍ରଥମଥର ପାଇଁ ଏହା ଡିଜିଟାଲ ପ୍ଲାଟ୍‌ଫର୍ମରେ ଅନୁଷ୍ଠିତ ହେଉଛି। ୫ଦିନ ଧରି ଚାଲିବାକୁ ଥିବା ଉତ୍ସବକୁ ବଲିଉଡ୍ ଅଭିନେତ୍ରୀ ତଥା ଏମ୍‌ପି ହେମାମାଳିନୀ ଭର୍ଚୁଆଲ୍ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଫେସ୍‌ବୁକ୍ ଲାଇଭ୍ ଏବଂ ୟୁଟ୍ୟୁବ୍‌ରେ ପ୍ରସାରିତ ଏହି କାର୍ଯ୍ୟକ୍ରମକୁ ବିଶ୍ୱର କଳାପ୍ରେମୀ, ନୃତ୍ୟ ବିଶାରଦ ଏବଂ ଶିଳ୍ପୀମାନେ ଦେଖିବାର ସୁଯୋଗ ପାଉଛନ୍ତି। ଚଳିତବର୍ଷର ଏହି ଉତ୍ସବକୁ ସ୍ୱର୍ଗତ ସଙ୍ଗୀତ ମାର୍ତ୍ତଣ୍ଡ ପଣ୍ଡିତ ଯଶରାଜ ଏବଂ ପ୍ରସିଦ୍ଧ ମଞ୍ଚ କଳାକାର ତଥା ନିର୍ଦ୍ଦେଶକ ସ୍ୱର୍ଗତ ଜୟଦେବ ଦାସଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଥିଲା। ପ୍ରଥମ ସନ୍ଧ୍ୟାରେ ଓଡ଼ିଶୀ ଓ ମୋହନ ବୀଣାର ଯୁଗଳବନ୍ଦୀ ଆକର୍ଷଣ ସାଜିଥିଲା।

ଓଡ଼ିଶୀ ନୃତ୍ୟଶିଳ୍ପୀ ମଧୁସ୍ମିତା ମହାନ୍ତିଙ୍କ ପରିବେଷଣରୁ ଉତ୍ସବ ଆରମ୍ଭ ହୋଇଥିଲା। ଗୁରୁ ଅରୁଣା ମହାନ୍ତିଙ୍କ ନୃତ୍ୟ ସଂଯୋଜନା ଓ ଡ. ବିଜୟ କୁମାର ଜେନାଙ୍କ ସଙ୍ଗୀତ ସଂଯୋଜନାରେ ସେ ମଙ୍ଗଳାଚରଣ ପରିବେଷଣ କରିଥିଲେ। ଗୁରୁ ଧନେଶ୍ୱର ସ୍ୱାଇଁ ଓ ଗୁରୁ ବିଜୟ କୁମାର ବାରିକ ଏହାର ତାଳ ସଂଯୋଜନା କରିଥିଲେ। ପରେ ସେ ଗୁରୁ କେଳୁ ଚରଣ ମହାପାତ୍ର ଓ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ସଙ୍ଗୀତ ସଂଯୋଜନାରେ 'କିରବାଣୀ ପଲ୍ଲବୀ' ପରିବେଷଣ କରି ଦର୍ଶକଙ୍କୁ ସ୍ତମ୍ଭୀଭୂତ କରିଥିଲେ। ଶେଷରେ ଗୀତ ଗୋବିନ୍ଦରୁ ଉଦ୍ଧୃତ ଅଷ୍ଟପଦୀ ମଞ୍ଚସ୍ଥ କରିଥିଲେ। ଗୁରୁ ଅରୁଣା ମହାନ୍ତି ଏହାର ନୃତ୍ୟ ସଂଯୋଜନା ଓ ଡ. ସୁବାସ ପାଣି ସଙ୍ଗୀତ ସଂଯୋଜନା କରିଥିଲେ। କଣ୍ଠରେ ରୂପକ କୁମାର ପରିଡ଼ା, ମର୍ଦ୍ଦଳରେ ଗୁରୁ ବିଜୟ କୁମାର ବାରିକ, ବଂଶୀରେ ଶ୍ରୀନିବାସ ଶତପଥୀ, ଭାଓଲିନ୍‌ରେ ରମେଶ ଚନ୍ଦ୍ର ଦାସ ଓ ଅଗ୍ନିମିତ୍ର ବେହେରା ସହଯୋଗ କରିଥିଲେ।


ନୃତ୍ୟଶିଳ୍ପୀ ମଧୁସ୍ମିତା ମହାନ୍ତି ଓଡ଼ିଶୀ ପରିବେଷଣ କରୁଛନ୍ତି।


ଅଭିନେତ୍ରୀ ହେମା ମାଳିନୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।



ପଣ୍ଡିତ ବିଶ୍ୱମୋହନ ଭଟ୍ଟ ମୋହନ ବୀଣା ପରିବେଷଣ କରୁଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟରେ ମୋହନ ବୀଣା ବିଶାରଦ ପଣ୍ଡିତ ବିଶ୍ୱମୋହନ ଭଟ୍ଟଙ୍କ ପରିବେଷଣ ଅନ୍ୟତମ ଆକର୍ଷଣ ଥିଲା। ଗ୍ରାମୀ ଆୱାର୍ଡ ବିଜେତା ତଥା ପଦ୍ମଭୂଷଣ ପଣ୍ଡିତ ଭଟ୍ଟ ୬ଟି ଭିନ୍ନ ଭିନ୍ନ ରାଗରେ ମୋହନ ବୀଣାବାଦନ କରି ସମସ୍ତଙ୍କୁ ଆଚମ୍ବିତ କରିଥିଲେ। 'ସୃଜନ'ର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର କାର୍ଯ୍ୟକ୍ରମର ପରିକଳ୍ପନା କରିଥିବାବେଳେ ଦେବୀ ପ୍ରସାଦ ମିଶ୍ର ପରିଚାଳନା କରିଥିଲେ। ଟାଇଟଲ ସ୍ପନ୍‌ସର ଓଡ଼ିଶା ଖଣି ନିଗମ ଲିମିଟେଡ୍(ଓଏମ୍‌ସି) ସହ ଓଡ଼ିଶା ପର୍ଯ୍ୟଟନ, କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଏମ୍‌ଜିଏମ୍ ଗ୍ରୁପ୍ ସହଯୋଗରେଏହି ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ' ଏହାର ମିଡ଼ିଆ ପାର୍ଟନର ରହିଛି।

## ସଂକ୍ଷେପରେ

### ବାଣିପଦା ହତ୍ୟାକାଣ୍ଡ ଘଟଣା, ୨ ଗିରଫ

ଚୌଦ୍ୱାର,୫ା୯(ଡି.ଏନ୍.ଏ.): ଚୌଦ୍ୱାର ଥାନା ଅଧୀନ ବାଣିପଦା ହରିଜନ ସାହିରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଥିବା ସରୋଜ ସାମଲ ହତ୍ୟା ଘଟଣାରେ ପୋଲିସ ଶନିବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୃତ ସରୋଜଙ୍କ ଭାଇ ମଣ୍ଟୁ ସାମଲ ଓ ତାଙ୍କ ମାଆ ଆଶାଲତା ସାମଲ। ସୂଚନାଯୋଗ୍ୟ, ବାଣିପଦାର ହରିଜନ ସାହିରେ କେତେକ ପରିବାର ବେଆଇନ ମଦ ବିକ୍ରି କରୁଥିବାରୁ ଗ୍ରାମରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ସବୁବେଳେ ଅଶାନ୍ତି ପରିସ୍ଥିତ ସୃଷ୍ଟି ହେଉଥିଲା। ଏ ସମ୍ପର୍କରେ ଗ୍ରାମର ମହିଳାମାନେ ଥାନାରେ ଅଭିଯୋଗ କରି ଫେରିବା ପରେ ମଦ ବ୍ୟବସାୟୀ ଓ ଅଭିଯୋଗକାରୀ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିବା ସହ ମାର୍‌ପିଟ ହୋଇଥିଲା। ମୃତ ସରୋଜ ମଦ ବିକ୍ରି ବିରୋଧରେ ଅଭିଯୋଗ କରିଥିବାରୁ ତାଙ୍କ ଭାଇ ଏବଂ ଅନ୍ୟ କେତେଜଣ ତାଙ୍କୁ ଗାଁ ରାସ୍ତାରେ ଗୋଡ଼ାଇ ହାଣିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ପୋଲିସ ନଂ. ୪୦୫/୨୦ରେ ମାମଲା ରୁଜୁ କରାଯାଇ ତଦନ୍ତ ଚଳାଇଥିଲା। ତେବେ ସରୋଜଙ୍କ ଭାଇ ମଣ୍ଟୁଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ହତ୍ୟାରେ ସମ୍ପୃକ୍ତ ଥିବା ଜାଣି ଗିରଫ କରିଥିଲା। ଅଧିକ ତଦନ୍ତ କରାଯିବାରୁ ପରେ ମଣ୍ଟୁଙ୍କ ମାଆ ମଧ୍ୟ ସାମିଲ ଥିବା ଜଣାପଡ଼ିବାରୁ ପୋଲିସ ତାଙ୍କୁ ମଧ୍ୟ ଗିରଫ କରିଛି।

### କରୋନା ରିପୋର୍ଟକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭଙ୍ଗାରୁଜା

ବ୍ରହ୍ମଗିରି,୫ା୯(ଡି.ଏନ.ଏ): ବ୍ରହ୍ମଗିରି ଅଞ୍ଚଳରେ କରୋନା ପଜିଟିଭ ରିପୋର୍ଟକୁ ନେଇ ଶନିବାର ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଯୁବକ ଗଣ୍ଡଗୋଳ କରିବା ସହିତ ଭଙ୍ଗାରୁଜା କରିଛନ୍ତି। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବ୍ରହ୍ମଗିରି ଥାନାରେ ଲିଖିତ ଅଭିଯୋଗ କରିବାରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଆଳିଆପୁଟ ଗ୍ରାମର ଜୟକୃଷ୍ଣ ପଲାଇ। ଏ ନେଇ ପୋଲିସ ନଂ.୧୪୫।୨୦ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ଗତ ୧୫ଦିନ ତଳେ ଜୟକୃଷ୍ଣ ଅସୁସ୍ଥତା ଅନୁଭବ କରିବାରୁ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଚିକିତ୍ସା କରିବାବେଳେ ସ୍ୱାବ ପରୀକ୍ଷା କରାଯିବାରୁ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଏ ନେଇ ସେ ୧୪ଦିନ ହୋମ କ୍ୱାରାଣ୍ଟାଇନରେ ରହିବା ପରେ ଶନିବାର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତାଙ୍କର ରିପୋର୍ଟ ମାଗିଥିଲେ। ଏଥିପାଇଁ ସମୟ ଲାଗିବ ବୋଲି ସ୍ୱାସ୍ଥ୍ୟକର୍ମୀମାନେ କହିଥିଲେ। କିନ୍ତୁ ଜୟକୃଷ୍ଣ ଏବେ ନେବେ ବୋଲି ଜିଦ୍ କରି ସେମାନଙ୍କ ସହ ପାଟିତୁଣ୍ଡ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଭଙ୍ଗାରୁଜା କରିଥିଲେ। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଣବ ପ୍ରକାଶ ପୂର୍ଣ୍ଣ ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚି ଜୟକୃଷ୍ଣଙ୍କୁ ଗିରଫ କରିଥିଲେ।

## ପାଣିଘେରରେ ଦେଢ଼ ହଜାର ବିପନ୍ନ

ନିମାପଡ଼ା,୫ା୯(ଡି.ଏନ୍.ଏ.)

ଧନୁଆ ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଦ୍ୱାରା ନିମାପଡ଼ା ବ୍ଲକ ଧନୁଆ ପଞ୍ଚାୟତ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ପଞ୍ଚାୟତର ଲୋକେଇଗୋରଡ଼ା, ମଠ ସାହି, ରଡ଼ ବଜାର, ମହଲା, ବସ୍ତି, ମହାରଣା ସାହି, ଖରୁଡ଼ା ସାହି, ବେହେରା ସାହି, କାହାଳି ସାହି ଆଦି ଗ୍ରାମ ଜଳମଗ୍ନ ହୋଇ ୬ଦିନ ଧରି ୪ଶହ ପରିବାରର ଦେଢ଼ ହଜାର ଲୋକ ଜଳବନ୍ଦୀରେ ଅଛନ୍ତି। ଗ୍ରାମଗୁଡ଼ିକର ମୁଖ୍ୟରାସ୍ତା ପ୍ରାୟ ବୁଡ଼ିଯାଇଛି। ହେଲେ ପ୍ରଶାସନିକ ଅବହେଳା ଯୋଗୁ ଦେଢ଼ ହଜାର ଲୋକେ ରିଲିଫ ସାମଗ୍ରୀ ପାଇବାରୁ ବଞ୍ଚିତ ଅଛନ୍ତି। ଏହାକୁ ନେଇ ଶତାଧିକ ଲୋକ ଅସନ୍ତୋଷ ପ୍ରକାଶ କରିଥିବାବେଳେ ଶନିବାର କେତେଜଣ ବ୍ଲକ କାର୍ଯ୍ୟାଳୟଠାରେ ପିଡି ନିତିରଞ୍ଜନ ସେନ, ବିଡିଓ ମନୋଜ କୁମାର ବେହେରା, ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ଭେଟି ଗୁହାରି ଜଣାଇବା ସହ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତୁରନ୍ତ ତଦନ୍ତ କରି ପଦକ୍ଷେପ ନେବାକୁ ପିଡି ସେନ, ତହସିଲଦାର ମଲ୍ଲିକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିପନ୍ନମାନଙ୍କୁ ଯଦି ଖୁବ୍‌ଶୀଘ୍ର ରିଲିଫ ନ ମିଳିବ, ତେବେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ସୁରକ୍ଷା ମଞ୍ଚର ସଭାପତି ତପନଜ୍ୟୋତି ବରିହା, ସରପଞ୍ଚ ଗଗନ ବିହାରୀ ପଲେଇ, ନାଏବ ସରପଞ୍ଚ ମହେଶ୍ୱର ବେହେରା, ଯୁବନେତା ସନ୍ତୋଷ ପରିଡ଼ା, ପ୍ରଶାନ୍ତ ନାୟକ, ଅଭୟ ବେହେରା, ପ୍ରଭଞ୍ଜନ ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଜଙ୍ଗଲରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର

ଠାକୁରମୁଣ୍ଡା,୫ା୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଚମ୍ପାଝର ପଞ୍ଚାୟତ ଅନ୍ତର୍ଗତ ଦିଲଗଞ୍ଜି ଗାଁ ନିକଟ ଜଙ୍ଗଲରୁ ଶୁକ୍ରବାର ଜଣେ ନାବାଳିକାଙ୍କ ମୃତଦେହ ମିଳିଛି। ସେ ହେଲେ ଉକ୍ତ ଗ୍ରାମର ସ୍ୱର୍ଗତ ସୁନ୍ଦର ଖୁଣ୍ଟିଆଙ୍କ ଝିଅ ଶିଳ୍ପା (୯)। ୪ର୍ଥ ଶ୍ରେଣୀରେ ପଢୁଥିବା ଶିଳ୍ପା ଗ୍ରାମର ଜଣେ ଯୁବକଙ୍କ ସହ ଶୁକ୍ରବାର ସକାଳେ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ସନ୍ଧ୍ୟାରେ ସେ ନ ଫେରିଥିବାରୁ ପରିବାର ଲୋକେ ଜଙ୍ଗଲରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ବ୍ୟବସାୟୀଙ୍କୁ କଟୁରିରେ ହାଣି ଦେଢ଼ଲକ୍ଷ ଲୁଟ୍

ନିମାପଡ଼ା,୫ା୯(ଡି.ଏନ.ଏ.)

ନିମାପଡ଼ା ଥାନା ଅଧୀନ ଚିତ୍ରା ଗ୍ରାମ ନିକଟରେ ଜଣେ ବିସ୍କୁଟ ବ୍ୟବସାୟୀଙ୍କୁ ଶନିବାର ୨ ଦୁର୍ବୃତ୍ତ କଟୁରିରେ ହାଣି ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିମାପଡ଼ା ଡାକ୍ତରଖାନାକୁ ପଠାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବାବେଳେ ବ୍ୟବସାୟୀ ଯାଉଥିବା (ନଂ.ଓଆର୍ ୦୨ଏଏମ୍ ୩୪୫୩) ଟାଟା ଏସିଇକୁ ଜବତ କରିଛି। ସୂଚନା ଅନୁଯାୟୀ, କାଞ୍ଚିଆକୁଣ୍ଡ ଗ୍ରାମର ସଂଗ୍ରାମ ପରିଡ଼ା ଶନିବାର ଏକ ଟାଟା ଏସିଇ ଯୋଗେ ବଳଙ୍ଗା, ଖେଲାର ଅଞ୍ଚଳରୁ ବ୍ୟବସାୟ ଟଙ୍କା ଆଦାୟ କରି ଘରକୁ ଫେରୁଥିଲେ। ୨ଜଣ ଲୁଟେରା ଏକ ପଲ୍‌ସର ବାଇକ୍‌ରେ ଟାଟା ଏସିଇକୁ ପିଛା କରି ଶ୍ରୀମୁଖ-ଶେଉଳଖାଲ ରାସ୍ତାର ଚିତ୍ରା ଗ୍ରାମ ନିକଟସ୍ଥ ନିଛାଟିଆ ସ୍ଥାନରେ ଅଟକାଇଥିଲେ। ସଂଗ୍ରାମ ଅଟକିବାରୁ ଦୁର୍ବୃତ୍ତମାନେ ଏକ କଟୁରିରେ ତାଙ୍କ ବାମହାତକୁ ହାଣିବା ସହ ଟଙ୍କା ଥିବା ବ୍ୟାଗକୁ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ।

## ଭିମସାରରେ ୧୦୦ ଶଯ୍ୟା କୋଭିଡ ହସ୍ପିଟାଲ ହେବ


ଘୋଷଣା ଅବସରରେ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ ଓ ଅନ୍ୟମାନେ।

ଭୁବନେଶ୍ୱର,୫ା୯(ବ୍ୟୁରୋ)

ରାଜ୍ୟ ସରକାର ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ(ଭିମସାର)ରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ ହସ୍ପିଟାଲ କରିବାକୁ ଘୋଷଣା କରିଛନ୍ତି। ସେଠାରେ ୨୦ଟି ଆଇସିୟୁ ମଧ୍ୟ ରହିବ। ଆସନ୍ତା ୧୦ ଦିନ ମଧ୍ୟରେ ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବ ବୋଲି ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ କହିଛନ୍ତି। ମୁଖ୍ୟ ଶାସନ ସଚିବ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଶନିବାର ଭୀମସାର ପରିଦର୍ଶନ କରି ସେଠକାର ପରିସ୍ଥିତିର ସମୀକ୍ଷା କରିଥିଲେ। ସେଠାରେ ଆଇସିୟୁକୁ ପରିଚାଳନା କରିବା ପାଇଁ ପର୍ଯ୍ୟାପ୍ତ ପରିମାଣର ଡାକ୍ତର ନାହାନ୍ତି। ସେଥିପାଇଁ ଆଉ ୧୦ ଜଣ ବରିଷ୍ଠ ଡାକ୍ତରଙ୍କୁ ସେଠାରେ ନିୟୋଜିତ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଏଥିସହିତ ଜିଲା କୋଭିଡ ହସ୍ପିଟାଲ ପାଇଁ ଆଉଟସୋର୍ସରୁ ୨୦ ଜଣ ଆଟେଣ୍ଡାଣ୍ଟ ଓ ୩୦ ଜଣ ଏଏନଏମଙ୍କୁ ନିଯୁକ୍ତି ଦିଆଯିବ। ସମ୍ବଲପୁର ଜିଲାରେ କୋଭିଡ ସଂକ୍ରମିତଙ୍କ ଆରୋଗ୍ୟ ହାର ୭୭ ପ୍ରତିଶତ ରହିଛି। ୭୪ ପ୍ରତିଶତ ରୋଗୀ ହୋମ ଆଇସୋଲେଶନରେ ରହିଛନ୍ତି।

## ଯୁକ୍ତ ୨ କଳା: ବରଗଡ଼ ପାସ୍ ହାର ରାଜ୍ୟରେ ସର୍ବାଧିକ

ସମ୍ବଲପୁର, ୫ା୯ (ବ୍ୟୁରୋ)

ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଯୁକ୍ତ ୨ କଳା ପରୀକ୍ଷା ଫଳ ପ୍ରକାଶ ପାଇଛି। ସମ୍ବଲପୁର ଜୋନରେ ପାସ୍ ହାର ୬୮.୧୭ ପ୍ରତିଶତ ରହିଛି। ସମୁଦାୟ ୫୧ ହଜାର ୭ଜଣ ପରୀକ୍ଷା ଦେଇଥିବା ବେଳେ ୩୪ ହଜାର ୭୭୬ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ତେବେ ବରଗଡ ଜିଲାରେ ରାଜ୍ୟର ସର୍ବାଧିକ ୭୬.୬୩ ପ୍ରତିଶତ ପାସ୍ ହାର ରହିଛି। ସେ ଦେବଗଡ ଜିଲା ପାସ୍ ହାର ସର୍ବନିମ୍ନ ୫୯.୨୯ ପ୍ରତିଶତ ରହିଛି। ଦ୍ୱିତୀୟ ସ୍ଥାନରେ ସୁବର୍ଣ୍ଣପୁର ଜିଲା ୭୪.୪୬, ତୃତୀୟ ସ୍ଥାନରେ ସମ୍ବଲପୁର ଜିଲା ୭୪.୧୦ ରହିଛି। ସେହିପରି ବଲାଙ୍ଗୀର ୬୪.୨୩, ନୂଆପଡା ୬୯.୩୧, କଳାହାଣ୍ଡି ୫୯.୪୩, ସୁନ୍ଦରଗଡ ୬୩.୧୩, ଝାରସୁଗୁଡା ଜିଲାରେ ୬୨.୩୩ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ବରଗଡ ଜିଲାରେ ୮୫୮୨ ଜଣଙ୍କ ମଧ୍ୟରୁ ୧୪୫୨ ପ୍ରଥମ, ୧୨୨୯ ଦ୍ୱିତୀୟ, ତୃତୀୟ ଶ୍ରେଣୀରେ ୩୮୯୩ ସମୁଦାୟ ୬୫୭୭ଜଣ ପାସ୍ କରିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Indus Infra Network Company
ଦ୍ୱାରା ଓଡିଶାରେ ନିଜ ଛାତ,ଜମି,କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ (ପ୍ରଥମ ଆସନ୍ତୁ ପ୍ରଥମ ଲଗାନ୍ତୁ)
ADVANCE-60LAKH
ଭଡା-୪୫୦୦୦/-ମାସିକ
ଚାକିରି-୨୦୦୦୦/-(ବେତନ)
ଏକ ବୋଲର ଗାଡି।
ତିନି ଦିନରେ ଫଳାଫଳ ପାଆନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
8765265284
9473603205

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS
Jeevansh & Company Pvt. Ltd.
କମ୍ପାନୀକୁ ସାରା ଓଡିଶାରେ ଲୋନ୍, ଏଜେଣ୍ଟ, ଡିଲରସିପ୍ ଆବଶ୍ୟକ କରୁଅଛି।
ଓଡିଶାରୁ ସମସ୍ତ ଜିଲ୍ଲା/ସହର/ଗ୍ରାମିଣରେ ବ୍ରାଞ୍ଚ ଖୋଲିବା ପାଇଁ ବ୍ରାଞ୍ଚ ମ୍ୟାନେଜର, ଏରିଆ ମ୍ୟାନେଜର ଆବଶ୍ୟକ। ନୋଟ-ମାଇକ୍ରୋଫାଇନାନ୍ସ/ବ୍ୟାଙ୍କ/ ଇନ୍‌ସୁରାନ୍ସ କର୍ମଚାରିଙ୍କୁ ଅଗ୍ରାଧିକାର ଦିଆଯିବ।
6399121671
6399121670

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165


# ଓଡ଼ିଶାରେ ସରକାର ଗଠନ ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ନଡ୍ଡାଙ୍କ ଆହ୍ୱାନ

## ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

■ଆତ୍ମନିର୍ଭର ପ୍ୟାକେଜ୍, ଭିତ୍ତିଭୂମି ପାଣ୍ଠି, ପ୍ରବାସୀ ଶ୍ରମିକଙ୍କୁ ରୋଜଗାର ଦେବାରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ

■କେନ୍ଦ୍ରୀୟ ଯୋଜନାକୁ ନିଜ ନାମରେ ନାମିତ କରିବାରୁ ରାଜ୍ୟ ସରକାର କ୍ଷାନ୍ତ ରୁହନ୍ତୁ

ଭୁବନେଶ୍ୱର,୫ା୯(ବ୍ୟୁରୋ)

ଓଡ଼ିଶାରେ ଦୀର୍ଘ ସମୟ ରାଜନୈତିକ ଲଢ଼େଇ ପରେ ଭାଜପାକୁ ମୁଖ୍ୟ ବିରୋଧୀ ଦଳର ମାନ୍ୟତା ମିଳିଛି । ୨୦୧୯ ଲୋକ ସଭା ନିର୍ବାଚନରେ ପାଖାପାଖି ୧ କୋଟି ଭୋଟ ଭାଜପା ସପକ୍ଷରେ ପଡିଛି । ୩୩ଟି ଅନୁସୂଚିତ ଜାତି ଓ ଜନଜାତିର ବିଧାନସଭା ଆସନରୁ ୧୧ ଜଣ ବିଧାୟକ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ସେହିପରି ୨୦୧୪ ଲୋକ ସଭା ନିର୍ବାଚନରେ ଭାଜପାକୁ ୨୧ ପ୍ରତିଶତ ଭୋଟ ମିଳିଥିବା ବେଳେ ୨୦୧୯ରେ ଏହା ବୃଦ୍ଧି ହୋଇ ୩୮ ପ୍ରତିଶତ ହୋଇଛି। ଆଗାମୀ ଦିନରେ ଆମେ ୫୦ ପ୍ରତିଶତ ଭୋଟ ହାସଲ କରି ଓଡ଼ିଶାରେ ଭାଜପା ସରକାର ଗଠନ କରିବାର ସଂକଳ୍ପ ନେବାକୁ ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡା କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି।

ଶନିବାର ଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଭାଜପା ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇ ନଡ୍ଡା କହିଛନ୍ତି ଯେ, କୋଭିଡ୍ ସଙ୍କଟ ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେଇଥିବା 'ଲକ୍‌ଡାଉନ ଓ ଜନତା କର୍ଫ୍ୟୁ' ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସମଗ୍ର ବିଶ୍ୱ ଓ ୟୁନିସେଫ୍ ଭୂୟସୀ ପ୍ରଶଂସା କରିଛନ୍ତି। କୋଭିଡ୍ ଟେଷ୍ଟିଂ ସଂଖ୍ୟା ଦୈନିକ ୧୫୦୦ରୁ ୧୦ଲକ୍ଷ ୧୦ ହଜାରକୁ ବୃଦ୍ଧି, ଦେଶରେ ୧୫୦୦ରୁ ଊର୍ଦ୍ଧ୍ୱ କୋଭିଡ୍ ହସ୍ପିଟାଲ ସହ ୨ ଲକ୍ଷ ଶଯ୍ୟା କରୋନା ରୋଗୀଙ୍କ ପାଇଁ ପ୍ରସ୍ତୁତ ହୋଇପାରିଛି । ସ୍ୱାସ୍ଥ୍ୟସେବା ପାଇଁ ପିପିଇ କିଟ୍ ଭାରତରେ ଉତ୍ପାଦନ ହେଉ ନ ଥିବାବେଳେ ବର୍ତ୍ତମାନ ପ୍ରତିଦିନ ୪ ଲକ୍ଷ ୫୦ ହଜାର ପିପିଇ କିଟ୍ ପ୍ରସ୍ତୁତ ହେଉଛି । କରୋନାରୁ ଏବେ ଦେଶରେ ୭୪.୩୦ ପ୍ରତିଶତ ରୋଗୀ ସୁସ୍ଥ ହେଉଛନ୍ତି ବୋଲି ନଡ୍ଡା କହିଛନ୍ତି । ଜାତୀୟ ଶିକ୍ଷାନୀତି -୨୦୨୦ ଭାରତର ଭାଗ୍ୟ ବଦଳାଇଦେବ। ପ୍ରଥମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ପାଠ ପଢ଼ିବା ଏବଂ ନିଜ ଇଚ୍ଛା ଅନୁସାରେ ବିଷୟ ଚୟନ କରିବାର ଅଧିକାର ନୂଆ ଶିକ୍ଷା ନୀତିରେ ବ୍ୟବସ୍ଥା ହୋଇଛି । କେହି ବି ଜଣେ ଶିକ୍ଷାରୁ ବଞ୍ଚିତ ନ ହେବେ ସେ ନେଇ ବ୍ୟବସ୍ଥା କରାଯାଇଛି । ଓଡ଼ିଶା ସରକାର ଏକ ଟାସ୍କଫୋର୍ସ ଗଠନ କରି ଏହାକୁ କାର୍ଯ୍ୟକାରୀ କରନ୍ତୁ । ଭାଜପା କାର୍ଯ୍ୟକର୍ତ୍ତାମାନେ ଏ ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇବେ । ଡାକ୍ତରୀ ପ୍ରବେଶିକା ପରୀକ୍ଷା ପାଇଁ ଏନ୍‌ଇଇଟିର ପ୍ରଶ୍ନପତ୍ର ୯ଟି ଭାଷାରେ କରାଯାଉଛି।

କରୋନା ସଙ୍କଟ ସମୟରେ ପ୍ରଧାନମନ୍ତ୍ରୀ ଆତ୍ମନିର୍ଭରଶୀଳ ଭାରତ ଯୋଜନାରେ ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୮୦ କୋଟି ଲୋକଙ୍କୁ ମାର୍ଚ୍ଚରୁ ନଭେମ୍ବର ମାସ ପର୍ଯ୍ୟନ୍ତ ୫ କିଲୋ ଚାଉଳ କିମ୍ବା ଗହମ ଏବଂ ପ୍ରତି ପରିବାରକୁ ୧ କିଲୋ ଡାଲି ଯୋଗାଇ ଦେବାକୁ ବ୍ୟବସ୍ଥା କରିଛନ୍ତି। ୨୦ କୋଟି ଲୋକଙ୍କୁ ଜନ ଧନ ଯୋଜନାରେ ଡିବିଟି ମାଧ୍ୟମରେ୧୫୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି । ଚାଷୀଙ୍କୁ ୨ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ କୃଷି ସମ୍ମାନ ନିଧି ଯୋଜନାରେ ୮ କୋଟି ୭୪ ଲକ୍ଷ ଚାଷୀଙ୍କୁ ୧୭ ହଜାର କୋଟି ଦିଆଯାଇଛି। ପ୍ରଧାନମନ୍ତ୍ରୀ କୃଷି ଭିତ୍ତିଭୂମି ପାଣ୍ଠି ଅଧୀନରେ ବିଭିନ୍ନ କୃଷିଭିତ୍ତିକ ଭିତ୍ତିଭୂମି ସୃଷ୍ଟି ପାଇଁ ୧ ଲକ୍ଷ କୋଟି ଟଙ୍କା ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ଏହା ଦ୍ୱାରା କୃଷି ଏବଂ କୃଷି ଆନୁଷଙ୍ଗିକ କାର୍ଯ୍ୟ କ୍ଷେତ୍ର ଉପରେ ନିର୍ଭର କରୁଥିବା ବ୍ୟକ୍ତିମାନେ ଲାଭବାନ ହେବେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ କାର୍ଯ୍ୟକର୍ତ୍ତାମାନେ 'ଭୋକାଲ ଫର୍ ଲୋକାଲ' ହୁଅନ୍ତୁ। ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶାରେ ଲାଗୁ କଲେ ରାଜ୍ୟର ୨ କୋଟି ୪୦ ଲକ୍ଷ ଗରିବ ଲୋକ ଉପକୃତ ହେବେ ବୋଲି ନଡ୍ଡା କହିଛନ୍ତି । ନିଜ ଉପରେ ଏବଂ ନିଜ କର୍ତ୍ତବ୍ୟ, ଯୋଗ୍ୟତା ଉପରେ ବିଶ୍ୱାସ ରଖି ଆଗାମୀ ସାଧାରଣ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରି କାର୍ଯ୍ୟ କରିବାକୁ ନଡ୍ଡା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ଦିଲ୍ଲୀରୁ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ଯୁଗ୍ମ ସାଧାରଣ ସମ୍ପାଦକ (ସଂଗଠନ) ସୌଦାନ ସିଂ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଓ ଓଡ଼ିଶା ପ୍ରଭାରୀ ଅରୁଣ ସିଂ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର, ଭୁବନେଶ୍ୱରରେ ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ପ୍ରମୁଖ ଭାଗ ନେଇଥିଲେ।

## ବିରଡ଼ି ଆକ୍ରମଣରେ ୧୬ ଆହତ, ୪ ଗୁରୁତର

**ଆଠଗଡ,(ସ୍ୱ.ପ୍ର.):** ଆଠଗଡ ସହର ନିକଟ ରାଧାବଲ୍ଲଭପୁର ଗ୍ରାମ ଛକରେ ବଣୁଆ ବିରୁଡି ଆକ୍ରମଣରେ ଶନିବାର ୧୬ ଜଣ ଆହତ ହୋଇଥିବାବେଳେ ୪ଜଣ ଗୁରୁତରଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ରାଧାବଲ୍ଲଭପୁର ଗ୍ରାମର ଆଶିଷ ରାଉତ (୪୩), ସରୋଜ ସେଠୀ (୩୪), ବିଭୂତି ନାୟକ (୩୨) ଓ ପଦନ ମଲ୍ଲିକ (୬୫)। ପରେ ସରୋଜଙ୍କୁ କଟକ ଓ ଅନ୍ୟମାନଙ୍କୁ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି ବୋଲି ଦାୟିତ୍ୱରେ ଥିବା ଡାକ୍ତର ସୁମିତ ସେନାପତି କହିଛନ୍ତି। ଗ୍ରାମ ନିକଟ ଏକ ଗଛରେ ବିରୁଡି ବସା ବାନ୍ଧି ରହୁଥିଲେ।



## ସଂକ୍ଷେପରେ

### ଶ୍ରେଷ୍ଠ 'କଥାଦଶକ' ଉନ୍ମୋଚିତ

**ଭୁବନେଶ୍ୱର, ୫ା୯:** ଗୁରୁଦିବସ ଅବସରରେ ଓଡ଼ିଶା ଲେଖିକା ସଂସଦର ୨୮ତମ ବାର୍ଷିକ ଉତ୍ସବ ତଥା ଫୁଲ-ଭଗବାନ ଫାଉଣ୍ଡେଶନର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଗାଳ୍ପିକା ପଦ୍ମଶ୍ରୀ ବୀଣାପାଣି ମହାନ୍ତିଙ୍କ ୧୦ ଶ୍ରେଷ୍ଠ ଗଳ୍ପ ସଂକଳନ 'କଥା ଦଶକ' ଲେଖିକାଙ୍କ କଟକସ୍ଥିତ ବାସଭବନରେ ଉନ୍ମୋଚିତ ହୋଇଯାଇଛି। ଉନ୍ମୋଚନ ଅବସରରେ ଲେଖିକା କହିଲେ, ଗଳ୍ପ ରଚନା ସମୟରେ ସେ ହୃଦୟରୁ ରକ୍ତ କ୍ଷରଣ କରି ଲେଖିଥାନ୍ତି। ପ୍ରତ୍ୟେକ ଗଳ୍ପ ରଚନା ସମୟରେ ସାମୟିକ ପୂର୍ଣ୍ଣତା ଅନୁଭବ କରନ୍ତି, ମାତ୍ର ତା'ପରେ ପୁଣି ଅପୂର୍ଣ୍ଣତା ଗ୍ରାସକରେ ଓ ସେଇ ପୂର୍ଣ୍ଣତାର ଲକ୍ଷ୍ୟରେ ଆଜି ପର୍ଯ୍ୟନ୍ତ ଲେଖି ଚାଲିଛି। ଫାଉଣ୍ଡେଶନ ସଭାପତି ପୀତବାସ ରାଉତରାୟ ପୁସ୍ତକର ବିଶେଷତ୍ୱ ସମ୍ପର୍କରେ କହିଥିଲେ। ସଂସଦର ସାଧାରଣ ସମ୍ପାଦିକା ଡ. ଶକୁନ୍ତଳା ବଳିଆରସିଂ ବୀଣାପାଣିଙ୍କୁ ଓଡ଼ିଆ ସାହିତ୍ୟର ମୁକୁଟବିହୀନ ସାମ୍ରାଜ୍ଞୀ ନାମରେ ଅଭିହିତ କରିଥିଲେ। ଓଡ଼ିଆ ଲେଖିକା ସଂସଦ କୋଷାଧକ୍ଷା ଗୋଲାପ ମଞ୍ଜରୀ କର ଧନ୍ୟବାଦ ଦେଇଥିଲେ।

### 'ଶିଶୁ ସୌରଭ' ପୁସ୍ତକ ଉନ୍ମୋଚିତ

**ଖୋର୍ଦ୍ଧା ଅଫିସ,୫ା୯:** ନିରାକାରପୁର କାଶୀପୁରର ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଗୟାପ୍ରସାଦ ମିଶ୍ରଙ୍କ ରଚିତ ପୁସ୍ତକ 'ଶିଶୁ ସୌରଭ' ବକ୍ସିଜଗବନ୍ଧୁ ନଗରସ୍ଥିତ ଗାୟତ୍ରୀ ଶକ୍ତିପୀଠ ପରିସରରେ ଶନିବାର ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକରେ ୪୫ଟି ଉପାଦେୟ କବିତା ରହିଛି ବୋଲି ପ୍ରକାଶିକା ସୁଧାଂଶୁବାଳା ଦାଶ କହିଛନ୍ତି। ଏଥିରେ ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ ପୌରୋହିତ୍ୟ କରିଥିଲେ। ପ୍ରଫେସର ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁସ୍ତକର ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଭାଗୀରଥି ରାଉତରାୟ, ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ସଭାପତି ଶିବସୁନ୍ଦର ପଟ୍ଟନାୟକ, ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜର ଆବାହକ ଜ୍ଞାନରଞ୍ଜନ ଦାଶ, ସାହିତ୍ୟିକ ଗୋବିନ୍ଦ ମହାରଣା, ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ, ଗାୟତ୍ରୀ ମନ୍ଦିର ଟ୍ରଷ୍ଟି ଉଲ୍ଲାସ ପୃଷ୍ଟି, ସୌଭାଗ୍ୟ ପ୍ରସାଦ ମିଶ୍ର, ଜ୍ୟୋତିପ୍ରକାଶ ସାହୁ, କବି ଅନିରୁଦ୍ଧ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବରିଷ୍ଠ ସେବାୟତଙ୍କ ପରଲୋକ



**ପୁରୀ ଅଫିସ, ୫ା୯:** ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଇଂ. ବଳଦେବ ସିଂହାରୀ(୭୯)ଙ୍କର ଶନିବାର ଭୋର ୫ଟାରେ ହୃଦଘାତରେ ପରଲୋକ ହୋଇଯାଇଛି। ଅସୁସ୍ଥତା ଯୋଗୁ ତାଙ୍କୁ ଶୁକ୍ରବାର ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପୁରୀ ସ୍ୱର୍ଗଦ୍ୱାରରେ ମୃତଦେହ ସତ୍କାର କରାଯାଇଛି। ପୁଅ ଡା. ଶିବସୁନ୍ଦର ସିଂହାରୀ ମୁଖାଗ୍ନି ଦେଇଥିଲେ। ସେବାୟତ ସମାଜର ପ୍ରଥମ ଇଞ୍ଜିନିୟର ସ୍ୱର୍ଗତ ସିଂହାରୀ ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ, ଚମ୍ପାଗଡ଼ ଜାଗା ଓ ଦୋଳମଣ୍ଡପ ସାହିର ମଧ ସଭାପତି ଥିଲେ। ଏଥିସହ ତିନିଥର ସିଂହାରୀ ନିଯୋଗର ସଭାପତି ଥିଲେ। ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ମଧ କାମ କରୁଥିଲେ। ଏଥିସହ ସେବାୟତଙ୍କ ବିକାଶ ପାଇଁ ଉଦ୍ୟମ ଜାରି ରଖିଥିଲେ।

# ଉଇ ମୁହଁରେ ନଥିପତ୍ର

କଟକ ଅଫିସ, ୫ା୯



ନଷ୍ଟ ହେବାକୁ ବସୁଥିବା ସିଏମ୍‌ସି ଜନ୍ମମୃତ୍ୟୁ ପଞ୍ଜୀକରଣ ବିଭାଗର ନଥିପତ୍ର।

- ସିଏମ୍‌ସିର ଦାୟିତ୍ୱହୀନତା
- ଦିବ୍ୟାଙ୍ଗଙ୍କ ପାଇଁ ନାହିଁ ସ୍ୱତନ୍ତ୍ର ବ୍ୟବସ୍ଥା

କଟକ ମହାନଗର ନିଗମ (ସିଏମ୍‌ସି)ର ଜନ୍ମମୃତ୍ୟୁ ପଞ୍ଜୀକରଣ ବିଭାଗ ଚୌଧୁରୀ ବଜାରସ୍ଥିତ ବିଜୁ ଭବନରେ କାର୍ଯ୍ୟ କରୁଥିଲା। ସେଠାରେ ନାନା ସମସ୍ୟା ଉପୁଜିବାରୁ ବିକାଶ ଭବନକୁ ସ୍ଥାନାନ୍ତର କରାଗଲା। ତେବେ ଠିକଣା ପରିବର୍ତ୍ତନ ହୋଇଥିଲେ ବି ସମସ୍ୟା ଲାଗିରହିଛି। ଏବେ ସିଏମ୍‌ସିର ଦାୟିତ୍ୱହୀନତା ଯୋଗୁ ଅନେକ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଉଇ ମୁହଁକୁ ଯିବାକୁ ବସିଲାଣି। କାର୍ଯ୍ୟ ପାଇଁ ଆସୁଥିବା ଦିବ୍ୟାଙ୍ଗ, ମହିଳା ଓ ବରିଷ୍ଠ ନାଗରିକଙ୍କ ବସିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କି କକ୍ଷ ନାହିଁ। ବହୁବାର ଅଭିଯୋଗ ସତ୍ତ୍ୱେ ବି କିଛି ପଦକ୍ଷେପ ନିଆଯାଉନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି।

ସିଏମ୍‌ସି ଅଧୀନରେ ଏସ୍‌ସିବି ମେଡିକାଲ, ଶିଶୁଭବନ, ସିଟି ହସ୍ପିଟାଲ ସମେତ ବହୁ ଘରୋଇ ମେଡିକାଲ ରହିଛି। ଏଠାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ରୋଗୀମାନେ ଚିକିତ୍ସା ପାଇଁ ଆସୁଛନ୍ତି। ରାଜ୍ୟ ସରକାର ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ପ୍ରମାଣପତ୍ରକୁ ବାଧ୍ୟତାମୂଳକ କରିଛନ୍ତି। ଯଦି ଶିଶୁ ଜନ୍ମ ହୁଏ କିମ୍ବା କେହି ମୃତ୍ୟୁବରଣ କରେ ତେବେ ତାଙ୍କର ଯେଉଁ ଅଞ୍ଚଳରେ ଜନ୍ମ ବା ମୃତ୍ୟୁ ଘଟିଥିବ ସେଠାକାର ପୌରାଞ୍ଚଳ ବା ମହାନଗର ନିଗମ ପ୍ରମାଣପତ୍ର ଦେଇଥାଏ। ଏଭଳି ପ୍ରମାଣପତ୍ର ପାଇଁ ସିଏମ୍‌ସିକୁ ମଧ୍ୟ ଲୋକେ ଆସୁଛନ୍ତି। ହେଲେ ସେମାନଙ୍କ ବସିବା ପାଇଁ ଚୌକି ନ ଥିବା ବେଳେ ପାନୀୟଜଳ କିମ୍ବା ଶୌଚାଳୟ ବ୍ୟବସ୍ଥା ନାହିଁ। କିଛି ଦିନ ତଳେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଜନ୍ମ ପ୍ରମାଣ ପତ୍ର ଆବେଦନ ପାଇଁ ଆସିଥିଲେ। ତାଙ୍କର ଗୋଡ଼ ଖରାପ ଥିବାରୁ ବେଶୀ ସମୟ ଛିଡ଼ା ହୋଇପାରି ନ ଥିଲେ। ପାଖରେ ମଧ ବସିବାର କୌଣସି ସୁବିଧା ନ ଥିଲା। ଶେଷରେ ସେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ପରେ ତାଙ୍କୁ ଚଟାଣରେ ବସିବାକୁ ପଡ଼ିଥିଲା। କେବେ ଲୋକଙ୍କୁ ଏହି ସବୁ ମୌଳିକ ସୁବିଧା ସିଏମ୍‌ସି ପକ୍ଷରୁ ମିଳିବ ତାହା ପ୍ରଶ୍ନବାଚୀ ହୋଇଛି। ସେହିପରି ବିଭାଗରେ ଥିବା ପୁରୁଣା ନଥିଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ସେଗୁଡ଼ିକରେ ଉଇ ଲାଗିଲାଣି। ଆଉ କିଛିଦିନ ମଧ୍ୟରେ ନଥିପତ୍ରଗୁଡ଼ିକ ସମ୍ପୂର୍ଣ୍ଣ ଉଇ ମୁହଁକୁ ଚାଲିଯିବ। ପୁରୁଣା ନଥିପତ୍ରଗୁଡିକୁ ଡିଜିଟାଇଜେଶନ୍ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏବେ ବି ନଥିଗୁଡ଼ିକୁ ଚଟାଣରେ ପଡ଼ିରହି ନଷ୍ଟ ହେଉଛି। ଏ ନେଇ ସିଏମସି ସ୍ୱାସ୍ଥ୍ୟ ଅଧିକାରୀ ଡ. ସତ୍ୟବ୍ରତ ମହାପାତ୍ରଙ୍କୁ ପଚାରିବାରେ କହିଛନ୍ତି, କରୋନା ପାଇଁ ସମସ୍ତ କାର୍ଯ୍ୟ ବିଳମ୍ବ ହେଉଛି। ଯାହା ବି ସମସ୍ୟା ରହିଛି ତାହା ଦୂର ପାଇଁ ଆଲୋଚନା ଚାଲିଛି।

# ୨ ପୋଲିସ କର୍ମଚାରୀ, ୨ ଗଣମାଧ୍ୟମ ପ୍ରତିନିଧି ସମ୍ପୃକ୍ତ : ଡିସିପି

ଭୁବନେଶ୍ୱର,୫ା୯ (ବ୍ୟୁରୋ)

- ରାଜଧାନୀରେ ନାବାଳିକାଙ୍କୁ ଗଣବଳାତ୍କାର ମାମଲା
- ଆଇୟୁସିଡବ୍ଲ୍ୟୁ ସମନ୍ୱିତ ୟୁନିଟ୍ ତଦନ୍ତ କରୁଛି

ଲକ୍‌ଡାଉନ୍ ସମୟରେ ରାଜଧାନୀରେ ଜଣେ ନାବାଳିକା ଗଣବଳାତ୍କାରର ଶିକାର ହୋଇଥିଲେ। ଏହି ମାମଲାକୁ କମିଶନରେଟ ପୋଲିସ ଗୁରୁତର ସହ ନେଇଛି। ମହିଳା ଥାନା ପୋଲିସ ପୋକ୍‌ସୋ ଆକ୍ଟରେ କେସ୍ ନଂ-୪୪/୨୦ ରୁଜୁ କରି ମାମଲା ତଦନ୍ତ କରୁଥିଲା। କିନ୍ତୁ ଏହି ମାମଲାରେ ୨ଜଣ ପୋଲିସ କର୍ମଚାରୀ ଓ ଏକ ବୈଦ୍ୟୁତିକ ଗଣମାଧ୍ୟମର ୨ଜଣ ପ୍ରତିନିଧିଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ଡିସିପିଙ୍କ ଅଧୀନରେ ଥିବା ଆଇୟୁସିଡବ୍ଲ୍ୟୁର ସମନ୍ୱିତ ୟୁନିଟ୍‌କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ପୋଲିସ ପୀଡିତାଙ୍କ ଡାକ୍ତରୀ ମାଇନା କରିବା ସହ ସିଆର୍‌ପିସି ୧୬୧ରେ ତାଙ୍କ ବୟାନ ରେକର୍ଡ କରିଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କୁ ଗିରଫ ପାଇଁ ୩ ଥାନାର ଥାନା ଅଧିକାରୀ ଚଢାଉକୁ ଜୋର୍‌ଦାର କରିଥିବା ଡିସିପି ଉମାଶଙ୍କର ଦାଶ କହିଛନ୍ତି। ମାର୍ଚ୍ଚ ଓ ଏପ୍ରିଲ ମାସରେ ସମ୍ପୃକ୍ତ ୪ଜଣ ବ୍ୟକ୍ତି ଏପରି କାଣ୍ଡ ଘଟାଇଛନ୍ତି। ଏନେଇ ଗତ ମାସ ୩୦ ତାରିଖରେ ପୀଡିତା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲାକୁ ଗୁରୁତ୍ୱ ସହ ନେଇ ତଦନ୍ତ କରୁଛି ବୋଲି ସେ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଇନ୍‌ଫୋସିଟି ଥାନା ଅଞ୍ଚଳରେ ପୀଡିତା ନାବାଳିକା ପରିବାର ସହ ରୁହନ୍ତି। ସେ ଏକ ଇଂଲିଶ ମିଡିୟମ ସ୍କୁଲରେ ପଢନ୍ତି। ମାର୍ଚ୍ଚ ଓ ଏପ୍ରିଲରେ ଲକ୍‌ଡାଉନ୍ ଯୋଗୁ ସେ ଘରେ ଏକାକୀ ଥିବାବେଳେ ୨ଜଣ ପୋଲିସ କର୍ମଚାରୀ ଏବଂ ୨ଜଣ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ତାଙ୍କ ଘରେ ପଶି ମୁଣ୍ଡରେ ବନ୍ଧୁକ ଲଗାଇ ବଳାତ୍କାର କରିଥିଲେ। ହେଲେ ପୀଡିତା ଜଣକ ଭୟରେ ରହିଥିବାରୁ କିଛି ପାଟି ଖୋଲି ନ ଥିଲେ। କିନ୍ତୁ ଅଭିଯୁକ୍ତମାନେ ବାରମ୍ବାର ବଳାତ୍କାର କରିବାରୁ ଶେଷରେ ସେ ପରିବାର ଲୋକଙ୍କୁ ଜଣାଇଥିଲେ।

## ଯୁକ୍ତ ୨ କଳା ପରୀକ୍ଷା ଫଳ

### ପୁରୀରେ ପାସ୍ ହାର ୭୫.୩୮%, ଖୋର୍ଦ୍ଧା ୭୬.୪୮%

**ପୁରୀ ଅଫିସ/ଖୋର୍ଦ୍ଧା ଅଫିସ, ୫ା୯:** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା ପରୀକ୍ଷା ଫଳାଫଳ ଶନିବାର ପ୍ରକାଶ ପାଇଛି। ଏଥର ପୁରୀ ଜିଲାର ପାସ୍ ହାର ରହିଛି ୭୫.୩୮ ପ୍ରତିଶତ। ଜିଲାର ମୋଟ ୧୦,୨୬୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧,୩୭୩, ଦ୍ୱିତୀୟ ୧,୮୪ ଏବଂ ତୃତୀୟ ଶ୍ରେଣୀରେ ୪,୮୬୦ ଜଣ ପାସ୍ କରିଛନ୍ତି। ୧୯ ଜଣ କମ୍ପାର୍ଟମେଣ୍ଟାଲରେ ପାସ୍ କରିଥିବା ବେଳେ ୨ ଜଣ କପିକରିଧରାପଡ଼ିଥିଲେ। ସେହିଭଳି ଖୋର୍ଦ୍ଧା ଜିଲାରେ ପାସ୍ ହାର ୭୬.୪୮ ପ୍ରତିଶତ ରହିଛି। ଚଳିତ ବର୍ଷ ୧୨ହଜାର ୬୮୧ ଛାତ୍ରୀଛାତ୍ର ପରୀକ୍ଷା ଲାଗି ନାମ ପଞ୍ଜୀକରଣ କରିଥିଲେ। ସେଥିରୁ ୧୨ହଜାର ୬୨୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୯୬୫୯ ପରୀକ୍ଷାର୍ଥୀ ପାସ କରିଛନ୍ତି। ସେଥିରୁ ୮ଜଣ କମ୍ପାର୍ଟମେଣ୍ଟାଲରେ ପାସ୍ କରିଛନ୍ତି। ୩ଜଣ କପି କରି ଧରାପଡିଛନ୍ତି। ପ୍ରଥମ ଶ୍ରେଣୀରେ ୧୮୨୩, ଦ୍ୱିତୀୟ ଶ୍ରେଣୀରେ୧୯୭୭ ଏବଂ ତୃତୀୟ ଶ୍ରେଣୀରେ ୫୮୫୧ଜଣ ଶିକ୍ଷାର୍ଥୀ ପାସ୍ କରିଛନ୍ତି।

### ଦୁଇ ଟପ୍ପରଙ୍କ ମୁହଁରୁ...

#### ଅଧ୍ୟାପିକା ହେବାକୁ ଇଚ୍ଛା: ସମ୍ଭାବନା

ଯାଜପୁରଅଫିସ/କୋରେଇ,୫ା୯(ସ୍ୱ.ପ୍ର.)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ଯାଜପୁର ଜିଲା ପାଣିକୋଇଲି ମା'ତାରିଣୀ କଲେଜ ଛାତ୍ରୀ ସମ୍ଭାବନା ସାହୁ ୫୪୬ ମାର୍କ ରଖି ରାଜ୍ୟ ଟପ୍ପର ହୋଇଛନ୍ତି। ଜିଲାର କୋରେଇ ବ୍ଲକ ପାଣିକୋଇଲି ଗ୍ରାମର ସ୍ନେହଲତା ସାହୁ ଓ ଗୋପାଳଚନ୍ଦ୍ର ସାହୁଙ୍କ ସାନ ଝିଅ ସମ୍ଭାବନା ୧୦।୩।୨୦୦୩ରେ ଜନ୍ମଗ୍ରହଣ କରିଛନ୍ତି। ସେ ପାଣିକୋଇଲି ହାଇସ୍କୁଲରେ ମାଟ୍ରିକ ପରୀକ୍ଷାରେ ୪୮୪ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ସମ୍ଭାବନାଙ୍କ ବାପା ଗୋପାଳ ଏକ ଘରୋଇ ପରିବହନ କମ୍ପାନୀରେ ସ୍ୱଳ୍ପ ଦରମାରେ କାମ କରି କଷ୍ଟେମଷ୍ଟେ ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ ଝିଅ ରାଜ୍ୟ ଟପ୍ପର ହୋଇ ତାଙ୍କ ନାମ ରଖିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ସମ୍ଭାବନାଙ୍କ କହିବା ଅନୁସାରେ ସେ ଦୈନିକ ୧୫ ଘଣ୍ଟା ପରିଶ୍ରମ କରୁଥିଲେ। ତାଙ୍କୁ ସେହି ପରିଶ୍ରମର ଫଳ ମିଳିଛି। ମା',ବାପା, ବଡ଼ଭାଇଙ୍କ ସମେତ ସମସ୍ତ ଗୁରୁଜନଙ୍କୁ ସେ ଏହି ସଫଳତାର ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ସେ ଜଣେ ଅଧ୍ୟାପିକାଭାବେ ନିଜକୁ ପ୍ରତିଷ୍ଠିତ କରିବେ ବୋଲି ପ୍ରକାଶ କରିଛନ୍ତି।

#### ପରିବାର, ଶିକ୍ଷକଙ୍କ ପ୍ରେରଣା ସଫଳତା ଦେଇଛି:ମୈତ୍ରୀ

କେନ୍ଦ୍ରାପଡା ଅଫିସ, ୫ା୯

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ବୈଷୟିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଏଥିରେ କେନ୍ଦ୍ରାପଡ଼ା କଲେଜ ଛାତ୍ରୀ ମୈତ୍ରୀ ରାଉତ ୫୪୧ ନମ୍ବର ରଖି ରାଜ୍ୟ ଟପ୍ପର ହୋଇଛନ୍ତି। ସେ ହେଲେ କେନ୍ଦ୍ରାପଡା ବ୍ଲକ ନିକିରାଇ ମଠସାହି ଗ୍ରାମର ରବିନ୍ଦ୍ର ରାଉତଙ୍କ ଝିଅ। ପରିବାର ସଦସ୍ୟ ଓ କଲେଜ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପ୍ରେରଣାରୁ ଏହି ସଫଳତା ମିଳିପାରିଛି ବୋଲି ମୈତ୍ରୀ କହିଛନ୍ତି। ଡ୍ରିଗ୍ରୀ କୋର୍ସ ପରେ ଜଣେ ଶିକ୍ଷୟିତ୍ରୀ ହେବାକୁ ସେ ଇଚ୍ଛା ପ୍ରକାଶ କରିଛନ୍ତି।

## ଜନଜାତି ସଂଗ୍ରହାଳୟ ଭର୍ଚୁଆଲ୍ ଟୁର୍‌ରେ ଗଣ୍ଡା ଜନଜାତିଙ୍କ ଜୀବନଶୈଳୀ

ଭୁବନେଶ୍ୱର,୫ା୯ (ବ୍ୟୁରୋ)

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ରବିବାର ରାଜ୍ୟ ଜନଜାତି ସଂଗ୍ରହାଳୟ ଭର୍ଚୁଆଲ୍ ଟୁର୍‌ରେ ଦର୍ଶକମାନେ ଗଣ୍ଡା ଜନଜାତିଙ୍କ ଜୀବନ ଶୈଳୀ, ସଂସ୍କୃତି ଓ ଚିତ୍ରକଳା ସମ୍ପର୍କରେ ଅଧିକ ଜାଣିପାରିବେ। ଓଡ଼ିଶାର ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି ଜିଲାରେ ମୁଖ୍ୟତଃ ଏହି ଜନଜାତି ଲୋକେ ବାସ କରିଥାନ୍ତି। ସେମାନଙ୍କ ଭାଷା ଗୋଣ୍ଡି ଓ ଓଡ଼ିଆ(ଇଣ୍ଡୋ-ଆର୍ଯ୍ୟାନ୍)। ଘରର ଗୋଟିଏ ପଟ ପରିବାର ଚଳପ୍ରଚଳ ପାଇଁ ଥିବାବେଳେ ଅନ୍ୟପଟେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ରଖାଯାଇଥାଏ। ଏହି ଭର୍ଚୁଆଲ୍ ଟୁର୍‌ରେ ଦର୍ଶକମାନେ 'ଗୋଣ୍ଡ' ଚିତ୍ରକଳା ଆଦି ଦେଖିବାର ସୁଯୋଗ ପାଇବେ। କେଉଁ ଅନାଦିକାଳରୁ କାନ୍ଥ ଓ ଚଟାଣରେ ଚିତ୍ର କରିବାର ପରମ୍ପରା ସମ୍ପ୍ରତି ସେମାନଙ୍କୁ ଅର୍ଥ ଉପାର୍ଜନର ସୁଯୋଗ ଆଣିଦେଇଛି। ଏହି ଜନଜାତି 'ଗୋଣ୍ଡ' ବା 'କୋଇଟୁର୍' ଭାବେ ପରିଚିତ। ନଭେମ୍ବର ୨ ପର୍ଯ୍ୟନ୍ତ ପ୍ରତି ରବିବାର ଦର୍ଶକମାନେ ବିଭାଗର ଅଫିସିଆଲ୍ ପେଜ୍ ଖୋଲି ସଂଗ୍ରହାଳୟକୁ ପରିଦର୍ଶନ କରିପାରିବେ ବୋଲି ପ୍ରତିଷ୍ଠାନର ନିର୍ଦ୍ଦେଶକ କହିଛନ୍ତି।

## ଆତଙ୍କ ଖେଳାଇଲେ ଜେଲ ଫେରନ୍ତା

**ପୁରୁଣା ଭୁବନେଶ୍ୱର,୫ା୯(ଡି.ଏନ୍.ଏ.):**

ଜେଲରେ ସଜା କାଟି ଫେରିଥିବା ଅକ୍ଷୟ କୁମାର ସାହୁ ଶନିବାର ପୂର୍ବାହ୍ନରେ ଏୟାରଫିଲ୍ଡ ଥାନା ଅଧୀନ ପଞ୍ଚୁପଲ୍ଲୀ ବେହେରା ସାହିରେ ଆତଙ୍କ ଖେଳାଇଛନ୍ତି। ଅକ୍ଷୟ ଏକ କଟୁରି ଧରି ଲୋକଙ୍କୁ ଆକ୍ରମଣ କରିବା ପାଇଁ ଗୋଡ଼ାଇବା ସହ ଭୟଭୀତ କରାଇଥିଲେ। ମ୍‌ପୋଲିସ ପହଞ୍ଚି ଅକ୍ଷୟଙ୍କୁ କାବୁ କରି ଥାନାକୁ ଆଣିଥିଲେ। ଅନ୍ୟପକ୍ଷେ ତାଙ୍କ ନାଁରେ ବିଭିନ୍ନ ଥାନାରେ ମାମଲା ରହିଛି ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

## ୭ଜଣଙ୍କୁ 'ଦଧୀଚି ପ୍ରତିଭା ସମ୍ମାନ'

ଭୁବନେଶ୍ୱର(ବ୍ୟୁରୋ),୫ା୯



ଦଧୀଚି ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ଶନିବାର ଭର୍ଚୁଆଲ୍ ପ୍ଲାଟ୍‌ଫର୍ମରେ ୩ୟ 'ଦଧୀଚି ପ୍ରତିଭା ସମ୍ମାନ-୨୦୨୦' ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୋଟ ୭ଜଣଙ୍କୁ 'ଦଧିଚି ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଛି। ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଲେଖିକା ଶ୍ରଦ୍ଧାଞ୍ଜଳୀ କାନୁନ୍‌ଗୋଙ୍କୁ 'ଦଧିଚି ସାହିତ୍ୟ ଜ୍ୟୋତି' ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ ଓ ଶିଳ୍ପପତି ସଂଗ୍ରାମ ଦାସ, ଶ୍ରେଷ୍ଠ ସଫଳ ମହିଳା ଭାବେ ତନୟା ପଟ୍ଟନାୟକ, ଯୁବ ଶିଳ୍ପୋଦ୍ୟୋଗୀ ତନୁଜ କୁମାର ମହାନ୍ତିଙ୍କୁ 'ଦଧୀଚି ଶିଳ୍ପଜ୍ୟୋତି ସମ୍ମାନ, ଅଭିନେତା ସବ୍ୟସାଚୀ ମିଶ୍ରଙ୍କୁ 'ଦଧୀଚି ସେବାଜ୍ୟୋତି' ସମ୍ମାନ ମିଳିଛି। ସେହିପରି ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ବାଲେଶ୍ୱର ରେମୁଣାର ଜିତେନ ମହାଲିକଙ୍କୁ 'ଦଧୀଚି ଛାତ୍ରଜ୍ୟୋତି' ଓ ଓଡ଼ିଶା ଟେଲିଭିଜନକୁ 'ଦଧୀଚି ଆଦର୍ଶଜ୍ୟୋତି' ସମ୍ମାନ ପ୍ରଦାନ କରାଯାଇଛି। ପୁରସ୍କାର ରାଶି ସ୍ୱରୂପ ମାନପତ୍ର, ଉପଢ଼ୌକନ ସହ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜୁମ୍ ୱେବିନାରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଇଟି ଅଧିକାରୀ ସୁକାନ୍ତ କୁମାରସାହୁ, ମୁଖ୍ୟବକ୍ତା ଭାବେ ପୂର୍ବତନ ଆୟକର ମହାନିର୍ଦ୍ଦେଶକ ବିଧୂଭୂଷଣ ମହାନ୍ତି, ସମ୍ମାନିତ ଅତିଥିଭାବେ ଆଦିତ୍ୟବାହିନୀର ରାଷ୍ଟ୍ରୀୟ ସମ୍ପାଦକ ପଣ୍ଡିତ ମାତୃପ୍ରସାଦ ମିଶ୍ର ଯୋଗଦେଇଥିଲେ। ଉଲ୍ଲାସ ଚନ୍ଦ୍ର ବେହୁରା କାର୍ଯ୍ୟକ୍ରମ ଉପସ୍ଥାପନା କରିଥିବାବେଳେ ଦଧୀଚି ଶିକ୍ଷାନୁଷ୍ଠାନର ଅର୍ଥ ବିଭାଗ ନିର୍ଦ୍ଦେଶ ବାସୁଦେବ ବିଶ୍ୱାଳ, ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ କୁମାର ପାଢ଼ୀ, ପ୍ରଶାସନିକ ନିର୍ଦ୍ଦେଶକ ସୀମାଞ୍ଚଳ ପଣ୍ଡା ଉପସ୍ଥିତ ଥିଲେ ଓ ମ୍ୟାନେଜିଂ ଟ୍ରଷ୍ଟି ବବିତା ଦାଶ ଧନ୍ୟବାଦ ଦେଇଥିଲେ।

## ଏକାଧିକ ଟ୍ରେନ୍ ସମ୍ପୂର୍ଣ୍ଣ, ଆଂଶିକ ବାତିଲ

ଭୁବନେଶ୍ୱର,୫ା୯ (ବ୍ୟୁରୋ)



ପଶ୍ଚିମବଙ୍ଗରେ ଲକ୍‌ଡାଉନ ଓ ଶଟ୍‌ଡାଉନ୍ ପାଇଁ ପୂର୍ବତଟ ରେଳପଥର ଟ୍ରେନ ଚଳାଚଳ ପ୍ରଭାବିତ ହୋଇଛି। କେତେକ ଟ୍ରେନକୁ ବାତିଲ କରାଯାଇଥିବାବେଳେ ଆଉକିଛି ଆଂଶିକ ବାତିଲ ଓ ରହଣି ପ୍ରତ୍ୟାହାର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୭, ୧୧ ଓ ୧୨ ତାରିଖରେ ପଶ୍ଚିମବଙ୍ଗ ସମ୍ପୂର୍ଣ୍ଣ ଲକ୍‌ଡାଉନ ହେଉଥିବାରୁ ଟ୍ରେନ ସେବା ବାଧାପ୍ରାପ୍ତ ହେବ। ୧୧ ଓ ୧୨ରେ ହାଓଡ଼ାରୁ ଛାଡୁଥିବା ହାଓଡ଼ା-ଯଶୋବନ୍ତପୁର ଦୁରନ୍ତୋ ସ୍ପେଶାଲ, ୬, ୧୦ ଓ ୧୧ ତାରିଖରେ ଯଶୋବନ୍ତପୁରରୁ ଛାଡୁଥିବା ଯଶୋବନ୍ତପୁର-ହାଓଡ଼ା ଦୁରନ୍ତୋ ସ୍ପେଶାଲ, ୭ ଓ ୧୧ ତାରିଖରେ ସିଆଲ୍‌ଦାରୁ ଛାଡୁଥିବା ସିଆଲ୍‌ଦା-ଭୁବନେଶ୍ୱର ଦୁରନ୍ତୋ ସ୍ପେଶାଲ ଏବଂ ୮ ଓ ୧୨ ତାରିଖରେ ଭୁବନେଶ୍ୱରରୁ ଛାଡୁଥିବା ଭୁବନେଶ୍ୱର-ସିଆଲଦା ଦୁରନ୍ତୋ ସ୍ପେଶାଲକୁ ଆଲକୁ ବାତିଲ କରାଯିବ। ସେହିଭଳି ଭୁବନେଶ୍ୱର-ହାଓଡ଼ା-ଭୁବନେଶ୍ୱର ଜନଶତାବ୍ଦୀ ସ୍ପେଶାଲକୁ ୭, ୧୧ ଓ ୧୨ ତାରିଖରେ ଉଭୟ ଭୁବନେଶ୍ୱର ଓ ହାଓଡ଼ା ଦିଗରୁ ବାତିଲ କରାଯିବ।

ଅନ୍ୟପକ୍ଷରେ ଆସନ୍ତା ୬, ୧୦ ଓ ୧୧ ତାରିଖରେ ସିକନ୍ଦରାବାଦରୁ ଛାଡୁଥିବା ସିକନ୍ଦରାବାଦ-ହାଓଡ଼ା ଫଲକନୁମା ସ୍ପେଶାଲ ଏକ୍ସପ୍ରେସ ହାଓଡ଼ା ପର୍ଯ୍ୟନ୍ତ ନଯାଇ ଭୁବନେଶ୍ୱରଠାରେ ଯାତ୍ରା ସମାପ୍ତ କରିବ। ହାଓଡ଼ାରୁ ଛାଡୁଥିବା ହାଓଡ଼ା-ସିକନ୍ଦରାବାଦ ଫଲକନୁମା ସ୍ପେଶାଲ ଏକ୍ସପ୍ରେସ୍ ୭, ୧୧ ଓ ୧୨ ତାରିଖରେ ହାଓଡ଼ା ପରିବର୍ତ୍ତେ ଭୁବନେଶ୍ୱରରୁ ଛାଡିବ ଏବଂ ଏହି ଦିନ ଏହା ହାଓଡ଼ାଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବାତିଲ ରହିବ। ଭୁବନେଶ୍ୱରରୁ ଛାଡୁଥିବା ଭୁବନେଶ୍ୱର-ନୂଆଦିଲ୍ଲୀ ସ୍ପେଶାଲ ପୁରୁଷୋତ୍ତମ ଏକ୍ସପ୍ରେସ ଓ ନୂଆଦିଲ୍ଲୀରୁ ଆସୁଥିବା ନୂଆଦିଲ୍ଲୀ-ଭୁବନେଶ୍ୱର ସ୍ପେଶାଲ ପୁରୁଷୋତ୍ତମ ଏକ୍ସପ୍ରେସ ୬, ୧୦ ଓ ୧୧ ତାରିଖରେ ଉଭୟ ଦିଗରୁ ପୁରୁଲିଆ ଓ ହିଜଲୀଠାରେ ରହଣି କରିବ ନାହିଁ। ଭୁବନେଶ୍ୱରରୁ ଛାଡୁଥିବା ଭୁବନେଶ୍ୱର-ନୂଆଦିଲ୍ଲୀ ସ୍ପେଶାଲ ରାଜଧାନୀ ଏକ୍ସପ୍ରେସ ଭୁବନେଶ୍ୱରରୁ ୭, ୧୧ ଓ ୧୨ ତାରିଖରେ ଏବଂ ନୂଆଦିଲ୍ଲୀରୁ ଆସୁଥିବା ନୂଆଦିଲ୍ଲୀ-ଭୁବନେଶ୍ୱର ସ୍ପେଶାଲ ରାଜଧାନୀ ଏକ୍ସପ୍ରେସ ନୂଆଦିଲ୍ଲୀଠାରୁ ୬, ୧୦ ଓ ୧୧ ତାରିଖରେ ଉଭୟ ଦିଗରୁ ହିଜଲୀଠାରେ ରହଣି କରିବ ନାହିଁ।

## ଫଟୋରେ ଖବର




ଭୁବନେଶ୍ୱର ଭବାନୀ ମଲ୍ ପରିସରରେ ଶନିବାର ଗୁରୁଦିବସ ଅବସରରେ ବ୍ରହ୍ମପୁରର ସ୍ୱତନ୍ତ୍ର ବିପର୍ଯ୍ୟୟ ପରିଚାଳନା ଅଫିସର ଶ୍ୱେତ କୁମାର ଦାଶଙ୍କୁ ଅଲ୍ ଓଡ଼ିଶା ଟେଲର ଶ୍ରମିକ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯାଉଛି।



ନୂଆ ଜାତୀୟ ଶିକ୍ଷା ନୀତିକୁ ବିରୋଧ କରି ଜଏଣ୍ଟ ଫୋରମ୍ ଫର୍ ମୁଭ୍‌ମେଣ୍ଟ ଅନ୍ ଏଜୁକେଶନ ପକ୍ଷରୁ ଭୁବନେଶ୍ୱରରେ ବିକ୍ଷୋଭ।




କର୍ପୋରେଟ ସପକ୍ଷବାଦୀ ଶ୍ରମ ଆଇନ ସଂଶୋଧନ ବାତିଲ, ତେଲ ଦର ହ୍ରାସ କରିବା ସହ ବିଭିନ୍ନ ଦାବି ନେଇ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଶନିବାର ଭୁବନେଶ୍ୱରଠାରେ ବିକ୍ଷୋଭ ପ୍ରଦର୍ଶନ।

## ସଡ଼କ ଦୁର୍ଘଟଣା: ୨ ଗୁରୁତର

ନିରାକାରପୁର, (ଡି.ଏନ୍.ଏ.): ନିରାକାରପୁର ଥାନା ଅଧୀନ ରାମେଶ୍ୱର ଛକରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ପିକ୍ଅପ୍ ଭ୍ୟାନ ଧକ୍କାରେ ୨ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଜଙ୍କିଆ ଅଞ୍ଚଳର ତପନ ହରିଚନ୍ଦନ ଓ ମାନସ ବଳବନ୍ତରାୟ। ଉଭୟଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଖୋର୍ଦ୍ଧା ପରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ବାଲୁଗାଁ ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ମାଛ ବୋଝେଇ ପିକ୍ଅପ୍ ଭ୍ୟାନ ବାଇକ୍ ଆରୋହୀ ଦ୍ୱୟଙ୍କୁ ଧକ୍କା ଦେଇଥିଲା। ଖବରପାଇ ପୋଲିସ ଓ କେତେଜଣ ଯୁବକ ପହଞ୍ଚି ଗୁରୁତରଦ୍ୱୟଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲେ। ତେବେ ଉଭୟଙ୍କର ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଗୁରୁ ବନ୍ଦନ ଛାତ୍ର ଅଭିନନ୍ଦନ କାର୍ଯ୍ୟକ୍ରମ

**ପୁରୀ ଅଫିସ,୫।୯:** ଭାରତ ବିକାଶ ଶ୍ରୀଜଗନ୍ନାଥ ଧାମ ଶାଖା ପକ୍ଷରୁ ଶନିବାର ବଡ଼ଶଙ୍ଖସ୍ଥିତ ରେଣୁକା ଏନ୍କ୍ଲେଭଠାରେ ଗୁରୁ ବନ୍ଦନ ଛାତ୍ର ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ୍ କରିଥିବା ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଅଭିଭାବକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୁରୀର ସର୍ବୋଚ୍ଚ ୯୭ ପ୍ରତିଶତ ନମ୍ବର ରଖିଥିବା ଘୋଡାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଅଂଶୁମାନ ନନ୍ଦ, ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ରତିପ୍ରଜ୍ଞା ଦାସ, ନିଗମାନନ୍ଦ ସାରସ୍ୱତ ବିଦ୍ୟା ନିକେତନର ଛାତ୍ରୀ ସ୍ମୃତିଶ୍ରୀ ତ୍ରିପାଠୀ, ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ଛାତ୍ର କୌଶିକ ମିଶ୍ର ଏବଂ ବିଶ୍ୱମ୍ଭର ବିଦ୍ୟାପୀଠର ଆକାଂକ୍ଷା ପ୍ରିୟଦର୍ଶିନୀଙ୍କୁ ପରିଷଦର ଉପାଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ପତି ଅଭିନନ୍ଦନ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଆଦର୍ଶ ଶିକ୍ଷକ ଭାବେ ଯୋଗେଶ ଚନ୍ଦ୍ର ନନ୍ଦ, ଲକ୍ଷ୍ମୀଧର ବାରିକ, ଦେବେନ୍ଦ୍ର ପୁରୋହିତ, ସ୍ମୃତିଲତା ମିଶ୍ର, ରଞ୍ଜିତା ପଟ୍ଟନାୟକ, ଅଭୟ ଶତପଥୀ ଓ ଦିବାକର ଦଳାଇଙ୍କୁ ରାଷ୍ଟ୍ରୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ପ୍ରାନ୍ତ ସଙ୍ଗଠନ ସଚିବ ସୌମେନ୍ଦ୍ର ଦାସ, ସଚିବ ସୁପ୍ରୀତି ରଥ, ଅର୍ଥ ସଚିବ ଗୌରାଙ୍ଗ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ।

### କରୋନା ଯୋଦ୍ଧା ପୁଅର ମୃତ୍ୟୁ ଖବର ଶୁଣି ମା' ଆଖି ବୁଜିଲେ

**କଟକ ଅଫିସ,୫।୯:** କରୋନାରେ ଶୁକ୍ରବାର ଏସ୍ସିବି ମେଡିକାଲର ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ଖବର ଶୁଣିବା ପରେ ଶନିବାର ତାଙ୍କ ମା ମଧ ପୁଅକୁ ହରାଇବା ଦୁଃଖ ସହି ନ ପାରି ଆଖି ବୁଜିଥିବା ଜଣାପଡିଛି। ଏପରି ଦୁଃଖଦ ଖବର ଜଣାପଡିବା ପରେ ସମଗ୍ର ଏସ୍ସିବି ମେଡିକାଲ କର୍ମଚାରୀ ମହଲରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶଥାଉକି, ମୃତ କର୍ମଚାରୀ ଜଣକ ଏସ୍ସିବି ମୁଖ୍ୟ ଆଉଟ ଡୋର୍ରେ ଜଣେ ଆଟେଣ୍ଡାଣ୍ଟ ଭାବେ ଦୀର୍ଘ ବର୍ଷ ଧରି କାମ କରୁଥିଲେ। ତାଙ୍କ ବ୍ୟବହାର ଓ କାର୍ଯ୍ୟଶୈଳୀକୁ ରୋଗୀ, ରୋଗୀ ସମ୍ପର୍କୀୟ ଓ ହସ୍ପିଟାଲ କର୍ମଚାରୀମାନେ ପ୍ରଶଂସା କରୁଥିଲେ। ତେଣୁ ତାଙ୍କ ଅନୁପସ୍ଥିତି ଅନେକଙ୍କୁ ବ୍ୟଥିତ କରିଛି।

### ଭାସ୍କର୍ଯ୍ୟପୂର୍ଣ୍ଣ ପଥରର ସୁରକ୍ଷା, ସଂରକ୍ଷଣ ଦାବି

**ପୁରୁଣା ଭୁବନେଶ୍ୱର,୫।୯(ଡି.ଏନ୍.ଏ.):** ଶ୍ରୀଲିଙ୍ଗରାଜ ମନ୍ଦିର ପାଇଁ ଆସିଥିବା ମୂଲ୍ୟବାନ ପଥର ଓ ମରାମତି ବେଳେ ସେଥିରୁ ବାହାର କରାଯାଉଥିବା ଭାସ୍କର୍ଯ୍ୟମୟ ପଥର ମନ୍ଦିର ଚତୁଃପାର୍ଶ୍ୱ ଓ ବିଭିନ୍ନ ମଠରେ ରଖାଯାଇଥିଲା। ମନ୍ଦିରର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ପାଇଁ ଉଚ୍ଛେଦ ସମୟରେ ଏହି ପଥର ଭାଙ୍ଗିଯିବା ସହ ଚୋରି ହେଉଥିବା ଜଣାପଡ଼ିଛି। ଏହି ପଥରର ସୁରକ୍ଷା ଓ ସଂରକ୍ଷଣ ଦାବିରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ସାମନ୍ତରାପୁର ସ୍ଥିତ ପ୍ରତ୍ନତତ୍ତ୍ୱ ବିଭାଗୀୟ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ମଞ୍ଚ ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକ, ସୁନୀଲ ବଟୁ, ମୃତ୍ୟୁଞ୍ଜୟ ମହାନ୍ତି, ଗୋପିନାଥ ପ୍ରଧାନ, ରାଜେଶ ଖୁଣ୍ଟିଆ, ସାରସ୍ୱତ ଦ୍ୱିବେଦୀ, ସୁଲତା ସାହାଣୀ, ସଂଗ୍ରାମ କିଶୋର ସାହୁ, ଶାନ୍ତିଲତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ୯ ବ୍ଲକର ୧,୩୩,୧୨୧ ଲୋକ ପ୍ରଭାବିତ

ପୁରୀ ଅଫିସ/କଣାସ (ସ୍ୱ.ପ୍ର.), ୫।୯

ପୁରୀ ଜିଲାରେ ବନ୍ୟା ସ୍ଥିତିରେ ସୁଧାର ଆସିଛି। ଜିଲା ମଧ ଦେଇ ପ୍ରବାହିତ କୁଶଭଦ୍ରା, ଭାର୍ଗବୀ, ରତ୍ନଚିରା, ଲୁଣା, ମକରା, ଧନୁଆ, ରାଜୁଆ ପ୍ରଭୃତି ନଦୀର ଜଳସ୍ତର କମିଛି। ଉପରୋକ୍ତ ନଦୀର ଜଳସ୍ତର ପ୍ରାୟ ୨ମିଟର ପର୍ଯ୍ୟନ୍ତ ହ୍ରାସ ପାଇଛି। ସେହିପରି ଅଧିକ ଚିନ୍ତାର କାରଣ ପାଲଟିଥିବା ଦୟା ନଦୀର ଜଳସ୍ତର ଏବେ ଧୀରେ ଧୀରେ କମୁଛି। ଯାହାକି ଏକ ଆଶ୍ୱସ୍ତିକର ବିଷୟ ହୋଇଛି। ଦୟା ପ୍ରଭାବରେ କଣାସ ବ୍ଲକରେ ସବୁଠୁ ଅଧିକ କ୍ଷୟକ୍ଷତି ଘଟିଛି। ଏଥର ବନ୍ୟାରେ ଜିଲାର ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଥିବା ବେଳେ କଣାସ ବ୍ଲକରେ ସର୍ବାଧିକ ଘର କ୍ଷତି ହୋଇଛି।

ପ୍ରଶାସନ ସୂଚନା ମୁତାବକ, ଚଳିତ ବନ୍ୟାରେ ଶନିବାର ସୁଦ୍ଧା ଜିଲାର ୯ଟି ବ୍ଲକ କଣାସ, ପୁରୀ ସଦର, ପିପିଲି, ଡେଲାଙ୍ଗ, ନିମାପଡ଼ା, ଅସ୍ତରଙ୍ଗ, ଗୋପ, ବ୍ରହ୍ମଗିରି ଓ ସତ୍ୟବାଦୀ ବ୍ଲକର ବିଭିନ୍ନ ଅଞ୍ଚଳରେ ବନ୍ୟା ଜଳ ପଶିଛି। ୬୨ଟି ଗ୍ରାମପଞ୍ଚାୟତର


ପୁରୀ ସହରସ୍ଥ ଭାରତୀପୁରସାହିରେ ବନ୍ୟାଜଳ ଜମି ରହିଛି।

୨୩୭ ଗାଁ ଏବଂ ପୁରୀ ମ୍ୟୁନିସିପାଲିଟିର ୨ଟି ୱାର୍ଡ ପ୍ରଭାବିତ ହୋଇଛି। ସେହିପରି ମୋଟ ୧,୩୩,୧୨୧ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ଯୋଗୁ ୧୮୦ଟି ଗାଁର ୧,୧୪,୦୮୮ ଲୋକ ଜଳବନ୍ଦୀ ଅବସ୍ଥାରେ ଥିଲେ। ବର୍ତ୍ତମାନ ୨୦ଟି ଗାଁର ୨୮,୮୦୦ ଲୋକ ଏହି ସ୍ଥିତିରେ ଅଛନ୍ତି। ମୋଟ୧୫,୬୮୨ ଲୋକଙ୍କୁ ୮୨ଟି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବନ୍ୟା ସ୍ଥିତିରେ ସୁଧାର ଆସିବା ପରେ ଏହି ଲୋକେ ନିଜ ନିଜ ଘରକୁ ଫେରିଗଲେଣି। ବର୍ତ୍ତମାନ ୪୫୮ ଜଣ ୧୬ଟି ଆଶ୍ରୟସ୍ଥଳୀରେ ରହିଛନ୍ତି। ଜିଲାରେ ୮୨ଟି ଜାଗାରେ ୧୫,୬୮୨ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି। ପିପିଲି ବ୍ଲକର ୩ଟି, କଣାସର ୩୬ ଏବଂ ନିମାପଡ଼ା ବ୍ଲକର ୪୩ଟି ଜାଗାରେ ରନ୍ଧାଖାଦ୍ୟ ଯୋଗାଣ ହେଉଛି। ବିପନ୍ନଙ୍କୁ ସହାୟତା ପାଇଁ ଜିଲାରେ ୩ ୟୁନିଟ୍ ଏନ୍ଡିଆର୍ଏଫ୍, ଗୋଟିଏ ୟୁନିଟ୍ ଓଡ୍ରାଫ ଏବଂ ୭ଟି ଅଗ୍ନିଶମ ବାହିନୀ ନିୟୋଜିତ ଅଛନ୍ତି। ଉଦ୍ଧାର ଓ ରିଲିଫ କାମରେ ୪୭ଟି ଡଙ୍ଗା ଲାଗିଛି। କଣାସ ବ୍ଲକରେ ୩୨ଟି, ପୁରୀ ସଦର ଓ ଡେଲାଙ୍ଗରେ ଗୋଟିଏ ଲେଖାଏ, ନିମାପଡ଼ା ୬ ଏବଂ ଗୋପ ବ୍ଲକରେ ୭ଟି ଡଙ୍ଗା ବ୍ୟବହୃତ ହୋଇଛି। ବନ୍ୟାରେ ବୁଡ଼ିଯାଇ କଣାସ ବ୍ଲକ ବିଜିପୁରର ଚିତ୍ରସେନ ମେଷ୍ଟଙ୍କ ୫ ବର୍ଷର ପୁଅ ଚିନ୍ମୟଙ୍କ ଜୀବନ ଯାଇଛି। ସେହିପରି ୪,୬୨୦ଟି କୁକୁଡାଙ୍କ ମୃତ୍ୟୁ ଘଟିଛି। କଣାସରେ ୪୦୦୦, ନିମାପଡ଼ାରେ ୧୭୦ ଏବଂ ଗୋପ ବ୍ଲକରେ ୪୫୦ କୁକୁଡ଼ା ମରିଛନ୍ତି। ବନ୍ୟାରେ ଉପରୋକ୍ତ ୯ଟି ଯାକ ବ୍ଲକର ପ୍ରାୟ ୩୨,୯୭୪ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। କଣାସ ବ୍ଲକରେ ୧,୩୦୯ ଏବଂ ପିପିଲି ବ୍ଲକରେ ଗୋଟିଏ ଏହିପରି ମୋଟ ୧,୩୧୦ଟି ଘର କ୍ଷତିଗ୍ରସ୍ତ ହୋଇଛି।

ବିପନ୍ନଙ୍କୁ ରିଲିଫ ଏବଂ ଅନ୍ୟାନ୍ୟ ସହାୟତା ପାଇଁ ପ୍ରଶାସନ ପକ୍ଷରୁ ଦ୍ରୁତ ପଦକ୍ଷେପ ଗ୍ରହଣ କରାଯାଇଛି। କଣାସ,

> **ପୁରୀ ଜିଲାରେ ବନ୍ୟା**
> - ୩୨,୯୪୭ ଏକର ଚାଷଜମି ଜଳମଗ୍ନ
> - କଣାସ ବ୍ଲକରେ ୧,୩୦୯ ଘର କ୍ଷତିଗ୍ରସ୍ତ

ପୁରୀ ସଦର ଓ ଗୋପ ବ୍ଲକରେ ପ୍ରଭାବିତଙ୍କୁ ୭୩୧.୨୫ କୁଇଣ୍ଟାଲ ଚୁଡ଼ା, ୯୦.୭୨୫ କୁଇଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି। ସେହିପରି କେବଳ କଣାସ ବ୍ଲକରେ ୧୫,୦୦୦ ପ୍ୟାକେଟ ବିସ୍କୁଟ, ୧୮,୮୪୦ ପାଣିବୋତଲ, ୨୬,୦୮୦ ପାଣି ପାଉଚ ଦିଆଯାଇଛି। ଗୋ ସମ୍ପଦଙ୍କ ନିମନ୍ତେ ୮୭ ମେଟ୍ରିକ ଟନ୍ ଗୋ ଖାଦ୍ୟ ପ୍ରଦାନ କରାଯାଇଛି। ୧୮ଟି ମେଡିକାଲ ଟିମ୍ ଏବଂ ୧୫ଟି ପ୍ରାଣୀ ଚିକିତ୍ସକ ଦଳ ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବାରେ ନିୟୋଜିତ ହୋଇଛନ୍ତି। ବନ୍ୟା ଯୋଗୁ ବର୍ତ୍ତମାନ ୧୦ଟି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ରହିଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ସିଡିଏମ୍ଓଙ୍କ ସମେତ ୩ ଆକ୍ରାନ୍ତ

କଟକ ଅଫିସ,୫।୯

କିଛିଦିନ ହେବ ରୋଗୀଙ୍କ ସମ୍ପର୍କୀୟଙ୍କ ଲାଗି କଟକ ଶିଶୁ ଭବନରେ ସଂକ୍ରମଣ ବଢିବାରେ ଲାଗିଛି। ଶନିବାର ୫ରୋଗୀ ସମ୍ପର୍କୀୟ ଚିହ୍ନଟ ହୋଇଛନ୍ତି। ସେହିପରି ଗତ ଶୁକ୍ରବାର ୨ ଜଣ ଓ ଗୁରୁବାର ଜଣେ ରୋଗୀ ସମ୍ପର୍କୀୟ ଚିହ୍ନଟ ହୋଇଥିଲେ, ଯାହାକୁ ନେଇ ହସ୍ପିଟାଲ କର୍ମଚାରୀ କ୍ଷୁବ୍ଧ। କରୋନା ସଂକ୍ରମଣ କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍ଓ)ଙ୍କ କାର୍ଯ୍ୟାଳୟକୁ ଛୁଇଁଛି। ସୂଚନା ଅନୁଯାୟୀ, କଟକ ଜିଲା ସିଡିଏମ୍ଓଙ୍କ ସମେତ ୨ ଆୟୁଷ ଡାକ୍ତର ଆକ୍ରାନ୍ତ ହୋଇଛନ୍ତି। ଏହି ୨ ଆୟୁଷ ଡାକ୍ତର କୋଭିଡ୍ ଡ୍ୟୁଟିରେ ନିୟୋଜିତ ଥିଲେ। ଶନିବାର ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲରୁ ୬୪ ଜଣଙ୍କ ନମୁନା ଯାଞ୍ଚ କରାଯାଇଥିଲା ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ରିପୋର୍ଟ ପଜିଟିଭ ବାହାରିଛି। ଏସ୍ସିବି ଆଇସୋଲେଶନ ୱାର୍ଡରେ ମଧ ୧୮ ଜଣ ନୂଆ ଆକ୍ରାନ୍ତ ଭର୍ତ୍ତି ହୋଇଥିବା ଜଣାପଡିଛି। ଏହା ବ୍ୟତୀତ ଏଠାରେ ଗତ ୨୪ ଘଣ୍ଟା ମଧ୍ୟରେ ୫ ସନ୍ଦିଗ୍ଧଙ୍କ ମୃତ୍ୟୁ ହୋଇଛି।

# ରାଜ୍ୟ ବାହାରେ ଥିବା ଲୋକଙ୍କ ନାଁରେ ରିଲିଫ ହଡ଼ପ

ଗୋପ,୫।୯(ଡି.ଏନ୍.ଏ.)

> **କମ୍ ପାଉଥିବା ବିପନ୍ନ ଫେରାଇଲେ ରିଲିଫ୍**

ଧନୁଆ ନଦୀର ବନ୍ୟାଜଳ ଏବେ ବି କମି ନ ଥିବାବେଳେ ଗୋପ ବ୍ଲକର ଅଞ୍ଚଳର ଅଧିକାଂଶ ବିପନ୍ନ ପାଣିଘେରରେ ରହିଛନ୍ତି। ଅନ୍ୟପଟେ ସେମାନଙ୍କୁ ଏପର୍ଯ୍ୟନ୍ତ ଠିକ୍ ଭାବେ ରିଲିଫ ସାମଗ୍ରୀ ମିଳି ନ ଥିବାରୁ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସରକାର ମୁଣ୍ଡପିଛା ୧ କିଲୋ ଚୁଡ଼ା ବିପନ୍ନଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ବିଭିନ୍ନ ପଞ୍ଚାୟତରେ ପ୍ରାୟ ରାଜ୍ୟ ବାହାରେ ଥିବା ଲୋକଙ୍କ ନାଁରେ ରିଲିଫ ହଡ଼ପ ହେଉଥିବା ଅଭିଯୋଗ ହୋଇଛି। ଫଳରେ ଗ୍ରାମରେ ଥିବା ବିପନ୍ନମାନଙ୍କୁ କମ୍ ପରିମାଣର ରିଲିଫ ମିଳିବାରୁ ଶନିବାର ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ତରଡ଼ାପଡ଼ା ଗାଁର କେତେଜଣ ବିପନ୍ନ ବ୍ଲକରେ ଚୁଡ଼ା ଗୁଡ଼ ଫେରାଇ ଦେଇଛନ୍ତି। ବ୍ଲକର ବନ୍ୟାପ୍ଲାବିତ ଅଞ୍ଚଳ କୁହାଯାଉଥିବା ଗଣେଶ୍ୱରପୁର, ରାହାଙ୍ଗୋରଡା, ଡଭାର, ନୂଆଖୋଲମରା ଓ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ଶତାଧିକ ଗାଁ ଧନୁଆ ନଦୀର ବନ୍ୟାଜଳ ଘେରରେ ରହିଛି। ୫/୬ ଦିନ ପରେ ବିପନ୍ନମାନଙ୍କ ପାଇଁ ବ୍ଲକ ପ୍ରଶାସନ ରିଲିଫ ବ୍ୟବସ୍ଥା କରାଇଥିଲେ। ହେଲେ ପ୍ରଶାସନ ଲୋକ ପ୍ରତିନିଧି ଜରିଆରେ ରିଲିଫ ସାମଗ୍ରୀ ବଣ୍ଟନ ବ୍ୟବସ୍ଥା କରିବାରୁ ଅନିୟମିତତା ହୋଇଥିଲା। ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ତରଡ଼ାପଡ଼ା ଗାଁରେ ଅଧିକାଂଶ ଲୋକ ବାହାର ରାଜ୍ୟରେ ରହୁଥିବା ବେଳେ ଶନିବାର ସେମାନଙ୍କ ନାମରେ ରିଲିଫ ବଣ୍ଟନ କରାଯିବାରେ ବିବାଦ ଦେଖା ଦେଇଥିଲା। ଫଳରେ ବିପନ୍ନମାନଙ୍କୁ ମୁଣ୍ଡପିଛା ୧କିଲୋ ବଦଳରେ ୪୦୦ ଗ୍ରାମ ଚୁଡା ଓ ୫୦ ଗ୍ରାମ ଗୁଡ଼ ଦିଆଯିବାରୁ ଅସନ୍ତୁଷ୍ଟ ହୋଇଥିଲେ। ଏ ନେଇ ଶନିବାର ବିପନ୍ନ ମିଳିଥିବା ଚୁଡ଼ା ଓ ଗୁଡକୁ ବ୍ଲକକୁ ଆଣି ଫେରାଇ ଦେବା ସହ ବିଡିଓଙ୍କୁ ଏକ ଅଭିଯୋଗପତ୍ର ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରୁ ଅଭିଯୋଗ ପାଇଥିବାବେଳେ ଖୁବଶୀଘ୍ର ତଦନ୍ତ କରିବେ ବୋଲି କହିଛନ୍ତି।


ପୁରୀ ବଳଗଣ୍ଡି ସାହି ଶ୍ରୀୟା ଲଜ୍ସ୍ଥିତ ଶ୍ରୀକଳା ନିକେତନରେ ଶନିବାର ଗୁରୁଦିବସ ଅବସରରେ ଆୟୋଜିତ ନୃତ୍ୟସଙ୍ଗୀତ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

# ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ବିକାଶ ମୋର ଲକ୍ଷ୍ୟ

ଖୋର୍ଦ୍ଧା ଅଫିସ,୫।୯

ଶିକ୍ଷକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଭୁବନେଶ୍ୱର ଦୃଷ୍ଟିବାଧିତ ବିଦ୍ୟାଳୟର ଶିକ୍ଷକ ତାପସ କୁମାର ମହାନ୍ତି ରାଷ୍ଟ୍ରପତି ପୁରସ୍କାର ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଶନିବାର ଖୋର୍ଦ୍ଧା ଏନ୍ଆଇସିରେ ଭାରତ ସରକାରଙ୍କ ଦ୍ୱାରା ପ୍ରେରିତ ମାନପତ୍ର ଓ ପଦକକୁ ଜିଲାପାଳ ସନତ୍ ମହାନ୍ତି ଜାତୀୟ ଶିକ୍ଷକ ପୁରସ୍କାରପ୍ରାପ୍ତ ଶିକ୍ଷକ ମହାନ୍ତିଙ୍କୁ ପ୍ରଦାନ କରିଥିଲେ। ଏଭଳି ସମ୍ମାନ ପାଇଁ ଆଶା କରି ନ ଥିଲି। ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ବିକାଶ ଦିଗରେ ନିରନ୍ତର ପ୍ରୟାସ କରିଛି। ଏହି ସମ୍ମାନ ଲାଗି ମୁଁ ଯେତିକି ଆନନ୍ଦିତ, ସେତିକି ମୋ ଅନୁଷ୍ଠାନର ଛାତ୍ରୀଛାତ୍ର ମଧ ଗର୍ବିତ। ଏହି ସମ୍ମାନ ପାଇବା ପରେ ମୋର ଦାୟିତ୍ୱ ବଢିଯାଇଛି। ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ଦକ୍ଷତା ତଥା ଶିକ୍ଷାଗତ



ରାଷ୍ଟ୍ରପତି ଭିଡିଓ କନ୍ଫରେନ୍ସରେ ଶିକ୍ଷକ ତାପସ ମହାନ୍ତିଙ୍କ ସହ ଆଲୋଚନା କରୁଛନ୍ତି।

ଯୋଗ୍ୟତା ବିକାଶ ଦିଗରେ ଅଧିକ ଦାୟିତ୍ୱବାନ ହେବି। ଦୃଷ୍ଟିହୀନ ଛାତ୍ରୀଛାତ୍ର ଦେଖିପାରନ୍ତି ନାହିଁ, ସେମାନଙ୍କ ଧୀଶକ୍ତି ଅଧିକ ଥାଏ। ଏହି ବିଦ୍ୟାଳୟରୁ ଅଧିକାଂଶ ଛାତ୍ରୀଛାତ୍ର ପ୍ରଶାସନିକ ତଥା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଛନ୍ତି। ସେମାନଙ୍କର ବିକାଶ ହିଁ ମୋର ଏକମାତ୍ର ଲକ୍ଷ୍ୟ ବୋଲି ତାପସ କହିଛନ୍ତି।

## ଏସ୍ସିଏସ୍ ଉଚ୍ଚ ମାଧ୍ୟମିକ ସ୍କୁଲ ପାସ୍ ହାର ୯୪%

ପୁରୀ ଅଫିସ,୫।୯

ଯୁକ୍ତ୨ କଳାରେ ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର (ଏସ୍ସିଏସ୍) ଉଚ୍ଚ ମାଧ୍ୟମିକ ସ୍କୁଲର ରେଗୁଲାର ପାସ୍ ହାର୍ ୯୪.୦୬ % ଏବଂ ଏକ୍ସରେଗୁଲାରରେ ପାସ୍ ହାର ୫୪.୫୫ % ରହିଛି। ରେଗୁଲାରରେ ୪୮୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୪୫୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୨୯୨, ଦ୍ୱିତୀୟରେ ୮୪ ଏବଂ ତୃତୀୟ ଶ୍ରେଣୀରେ ୮୩ ଜଣ ପାସ୍ କରିଛନ୍ତି। ୨୯ ଜଣ ଫେଲ୍ ହୋଇଛନ୍ତି। ଏକ୍ସ ରେଗୁଲାରରେ ୧୧ ଜଣ ପରୀକ୍ଷା ଦେଇଥିବାବେଳେ ୬ଜଣ ପାସ୍ କରିଛନ୍ତି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଜଣେ ଲେଖାଏ ଏବଂ ତୃତୀୟ ଶ୍ରେଣୀରେ ୪ ଜଣ ପାସ୍ କରିଛନ୍ତି। ତପସ୍ୱିନୀ ନାୟକ ୫୧୦, ସୁରେଶ କୁମାର ସାହୁ ୫୦୧, ତୁଳସୀପ୍ରିୟ ଦେବୀଦାସ ୪୯୮, ବିକାଶ ମିଶ୍ର ୪୯୬, ନମିତା ବେହେରା ୪୯୬, ଇନ୍ଦ୍ରନୀଳମଣି ସାହୁ ୪୯୪, ଲିଲିମା ବାରିକ ୪୯୪, ମନସ୍ୱିତା ତାଡ଼ ୪୯୨, ବିଜୟଲକ୍ଷ୍ମୀ ପ୍ରଧାନ ୪୯୨, ସ୍ମୃତି ସ୍ମରଣିକା ସ୍ୱାଇଁ ୪୯୧ ଏବଂ ସୋନାଲି ସେଠୀ ୪୯୦ ନମ୍ବର ରଖିଛନ୍ତି।

## ଗୁରବେ ନମଃ: ୨୦ ଶିକ୍ଷାବିତ୍ ସମ୍ବର୍ଦ୍ଧିତ

ପୁରୀ ଅଫିସ,୫।୯

ନିର୍ଭୟ ପକ୍ଷରୁ ରାଣୀସତୀ ଭବନରେ ଶନିବାର ଅନୁଷ୍ଠିତ 'ଗୁରବେ ନମଃ' କାର୍ଯ୍ୟକ୍ରମରେ ଶଙ୍କର ପରିଡ଼ା ସଭାପତିତ୍ୱ କରିଥିଲେ। ବିଧାୟକ ଜୟନ୍ତ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକ ଶୃଙ୍ଖଳିତ ଓ ବିକଶିତ ସମାଜ ପାଇଁ ଶିକ୍ଷକଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ବଦ୍ରି ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ପର୍ବରେ ଚଣ୍ଡିପ୍ରସାଦ ସିଂହ ଓ ସୁଦର୍ଶନ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ୨୦ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାମଦେବ ପ୍ରଧାନ, ଦିବାକର ଦଳାଇ, ଲକ୍ଷ୍ମୀପ୍ରିୟା ବରାଳ, ବାସନ୍ତି ମହାନ୍ତି, ପଙ୍କଜ ଲୋଚନ ଦାସ, ପ୍ରଗତି ତ୍ରିପାଠୀ, ସସ୍ମିତା ପାତ୍ର, ଜୟଦୁର୍ଗା ଭାରିମଲ୍ଲ, ଉଷସୀ କର, ରୀନା ରାଉତରାୟ, କାଶୀନାଥ ସେନାପତି, ଆଲୋକ ପ୍ରଧାନ, କୁନ୍ମିଣୀ ଦେଈ, ଲିଲି ମହାନ୍ତି, ପ୍ରଭାତରଞ୍ଜନ ପୃଷ୍ଟି, ପୁଷ୍ପାରାଣୀ ପଣ୍ଡା, ଶିବନାରାୟଣ ଭଞ୍ଜ, ମନୋରଞ୍ଜନ ତ୍ରିପାଠୀ, ମହେନ୍ଦ୍ର ବିଶୋଇ, ପ୍ରଦୀପ ସାହୁ ଏବଂ ଭଗବାନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମୀନାରାୟଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲାୟନ୍ସ କ୍ଲବ ପକ୍ଷରୁ ଗୁରୁଦିବସ ପାଳିତ

ଭୁବନେଶ୍ୱର,୫।୯(ବ୍ୟୁରୋ)

ଲାୟନ୍ସ କ୍ଲବ ଭୁବନେଶ୍ୱର ନୟାପଲ୍ଲୀ ପକ୍ଷରୁ ଶନିବାର ପବିତ୍ର ଗୁରୁଦିବସ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଭୀମଭୋଇ ଅନ୍ଧମୂକ ଓ ବଧିର ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ପାତ୍ର, ଜାତୀୟ ଶିକ୍ଷକ ପୁରସ୍କାର ପ୍ରାପ୍ତ ଶିକ୍ଷକ ତାପସ କୁମାର ମହାନ୍ତି, ଶିକ୍ଷକ ବିପିନ କୁମାର ମହାରଣା, ଶିକ୍ଷୟିତ୍ରୀ ସକୁନ୍ତଳା ପୃଷ୍ଟି, କଳାଶ୍ରୀ ଦାଶ ଓ ମିନତି ଦାସ ପ୍ରମୁଖଙ୍କୁ କ୍ଲବ ପକ୍ଷରୁ ଶିକ୍ଷକ ସମ୍ମାନ ଉପାଧିରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ କ୍ଲବ ସଭାପତି ମହେନ୍ଦ୍ର ପାତ୍ର, ସେକ୍ରେଟାରୀ ରଞ୍ଜିତାଦ ମହାନ୍ତି ଓ ସ୍ୱେଚ୍ଛାସେବୀ ଅମିୟ କୁମାର ଦାଶ ପରିଚାଳନା କରିଥିଲେ।

## ସରସ୍ୱତୀ ଶିକ୍ଷା ମନ୍ଦିରରେ ଗୁରୁଦିବସ

ବାଲିଅନ୍ତା, ୫।୯(ଡି.ଏନ.ଏ)

ନହରକଣ୍ଟା ସରସ୍ୱତୀ ଶିକ୍ଷା ମନ୍ଦିରରେ ଶନିବାର ଗୁରୁଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦାର୍ଶନିକ ତଥା ପ୍ରଥମ ଉପରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶିକ୍ଷାବିତ ସୁରେନ୍ଦ୍ର ଖୁଣ୍ଟିଆ ରାଧାକ୍ରିଷ୍ଣନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

## ଚାକିରି, ଋଣ କରାଇଦେବା ନାଁରେ ଠକେଇ

ନିମାପଡ଼ା,୫।୯(ଡି.ଏନ୍.ଏ.)

ନିମାପଡ଼ା ଥାନା ଅଞ୍ଚଳରେ ଲୋକଙ୍କୁ ଚାକିରି ଓ ଋଣ କରାଇଦେବା କହି ଲକ୍ଷାଧିକ ଟଙ୍କା, ଅଳଙ୍କାର ଠକି ନେଇଯାଇଥିବା ଅଭିଯୋଗରେ ଶନିବାର ପୋଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନୟାଗଡ଼ ଅଞ୍ଚଳର ସସ୍ମିତା ରାୟ। ଦୀର୍ଘବର୍ଷ ହେଲା ସସ୍ମିତା ପରିବାର ସହ ନିମାପଡ଼ାର ପ୍ରହରାଜ ଗ୍ରାମ ସାହିରେ ରହିଆସୁଛନ୍ତି। ଏ ନେଇ ପୋଲିସ ନଂ.୨୧୦/୨୦ରେ ମାମଲା ରୁଜୁ କରିବା ସହ ସସ୍ମିତାଙ୍କ ଜଣେ ପୁରୁଷ ସହଯୋଗୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସସ୍ମିତା ଭଡ଼ାଘରେ ରହି ଦୀର୍ଘଦିନ ହେଲା ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ବିଭିନ୍ନ ପ୍ରକାରର ଚାକିରି ଓ ଋଣ କରାଇଦେବାକୁ କହି ଟଙ୍କା ନେଇଥିଲେ। ଜଇନା ଗ୍ରାମର ସୁଚିତ୍ରା ଭୋଇଙ୍କଠାରୁ ୧ଲକ୍ଷ, ପିତାଞ୍ଜଳି ଦେଈଙ୍କ ୧ଲକ୍ଷ ୭୫ହଜାର, ଭାଗ୍ୟଲକ୍ଷ୍ମୀ ମହାନ୍ତିଙ୍କ ୨ଲକ୍ଷ, ପ୍ରହରାଜ ସାହିର ସଚ୍ଚିଦାନନ୍ଦ ପାଣିଗ୍ରାହୀଙ୍କଠାରୁ ୨୮ଗ୍ରାମର ସୁନା ସମେତ ଅନେକ ମହିଳାଙ୍କ ଟଙ୍କା ନେଇଯାଇଥିବା ନେଇ ସମସ୍ତେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗକ୍ରମେ ତଦନ୍ତ ଚଳାଇଥିଲା। ପରେ ଏକ ବିଶେଷ ସୂତ୍ରରୁ ସସ୍ମିତା ଭୁବନେଶ୍ୱରରେ ଥିବା ଜାଣି ପୋଲିସ ଚଢ଼ାଉ କରି ଧରିଥିଲେ।

# ଭୁବନେଶ୍ୱରରୁ ଆଉ ୪୦୯ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୫।୯(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରୁ ଗତ ୨୪ ଘଣ୍ଟାରେ ଆଉ ୪୦୯ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୪୨ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ବାହାରିଥିବାବେଳେ ୧୬୭ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୧୨ଜଣ ଗଣମାଧ୍ୟମ ପ୍ରତିନିଧି ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଚନ୍ଦ୍ରଶେଖରପୁରରୁ ୧୧, ଭିଏସ୍ଏସ୍ ନଗରରୁ ୧୦, ଷ୍ଟେଶନ ସ୍କୋୟାରରୁ ୭, ୟୁନିଟ୍-୯ରୁ ୬ଜଣ ଓ ଅନ୍ୟ ଅଞ୍ଚଳରୁ ଏକାଧିକ ନୂଆ ଆକ୍ରାନ୍ତ ବାହାରିଛନ୍ତି। ଫଳରେ ଭୁବନେଶ୍ୱରରେ ମୋଟ ସଂକ୍ରମିତ ସଂଖ୍ୟା ୧୨,୮୧୨କୁ ବୃଦ୍ଧି ପାଇଛି। ସେହିଭଳି ଆଉଜଣେ କରୋନାରେ ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ ମୋଟ ମୃତ୍ୟୁ ସଂଖ୍ୟା ୪୭ରେ ପହଞ୍ଚିଛି। ବର୍ତ୍ତମାନ ୭,୮୬୭ଜଣ କରୋନାରୁ ଆରୋଗ୍ୟ ହୋଇଥିବାବେଳେ ୪,୮୮୬ଜଣ ସକ୍ରିୟ ରୋଗୀ ରହିଥିବା ବିଏମ୍ସି ପକ୍ଷରୁ ସୂଚନା ଦିଆଯାଇଛି।

## ପୁରୀ ଜିଲାରେ ୬୧ କରୋନା ଆକ୍ରାନ୍ତ

**ପୁରୀ ଅଫିସ, ୫।୯:** କିଛିଦିନ ଧରି ପୁରୀ ଜିଲାରୁ ପ୍ରତ୍ୟହ ୧୦୦ରୁ ଊର୍ଦ୍ଧ୍ୱ କରୋନା ପଜିଟିଭ ଚିହ୍ନଟ ହେଉଥିଲେ। ଶନିବାର ଏଥିରେ ବ୍ରେକ୍ ଲାଗିଛି। ୬୧ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇବା ପରେ ଜିଲାର ମୋଟ ପଜିଟିଭ ସଂଖ୍ୟା ୪,୩୦୬ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୩,୧୯୯ ଜଣ ସୁସ୍ଥ ହୋଇଥିବା ବେଳେ ୧,୦୯୦ ଜଣ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷରେ କରୋନାରେ ଜିଲାରୁ ଏ ପର୍ଯ୍ୟନ୍ତ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ଜିଲାରୁ ମୋଟ ୬୩,୭୬୩ ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ଏଥିମଧ୍ୟରୁ ୪,୩୦୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସୁସ୍ଥ ହାର ରହିଛି ୭୪.୨୯ ପ୍ରତିଶତ। ବର୍ତ୍ତମାନ ଜିଲାର ବିଭିନ୍ନ ସ୍ଥାନରେ ୪୫ଟି କଣ୍ଟେନମେଣ୍ଟ ଜୋନ୍ ବଳବତ୍ତର ରହିଛି।

## ଖୋର୍ଦ୍ଧା ଉପଖଣ୍ଡରେ ୩୯୧୩ ସଂକ୍ରମିତ

ଖୋର୍ଦ୍ଧା ଅଫିସ,୫।୯

ଖୋର୍ଦ୍ଧା ଉପଖଣ୍ଡରେ ଅଗଷ୍ଟ ୫ ସୁଦ୍ଧା ୩୯୧୩ଜଣ ଆକ୍ରାନ୍ତ ହୋଇଥିବା ବେଳେ ୨୯୫୯ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସୁସ୍ଥ ହାର ୭୫ପ୍ରତିଶତ ରହିଛି। ୨୬ଜଣଙ୍କ କରୋନାରେ ମୃତ୍ୟୁ ହୋଇଛି। ୯୨୮ ଆକ୍ଟିଭ କେସ୍ ରହିଛି। ସେଥିରୁ ୬୮୭ଜଣ ହୋମ୍ ଆଇସୋଲେଶନରେ ରହି ଚିକିତ୍ସିତ ହେଉଛନ୍ତି ବୋଲି ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ କରି ଜଣାଇଛନ୍ତି। ବାଣପୁରର ୪୫୨ସୁସ୍ଥ, ୭୩ ଆକ୍ଟିଭ କେସ୍ ଓ ୨ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଚିଲିକା ବ୍ଲକରେ ୫୦୨ ସୁସ୍ଥ, ୧୩୫ ସକ୍ରିୟ ଓ ୫ଜଣଙ୍କ ମୃତ୍ୟୁ ହୋଇଛି। ଟାଙ୍ଗୀ ବ୍ଲକରେ ୪୭୧ ସୁସ୍ଥ, ୧୩୫ ସକ୍ରିୟ, ୨ଜଣଙ୍କ ମୃତ୍ୟୁ ଘଟିଛି। ବୋଲଗଡ଼ ବ୍ଲକରେ ୪୩୭ ସୁସ୍ଥ, ୧୨୫ ସକ୍ରିୟ, ୪ଜଣଙ୍କ ମୃତ୍ୟୁ ହୋଇଛି। ବେଗୁନିଆ ବ୍ଲକରେ ୨୩୦ସୁସ୍ଥ, ୧୩୪ ସକ୍ରିୟ ଓ ୨ଜଣଙ୍କ ମୃତ୍ୟୁ ହୋଇଛି। ଖୋର୍ଦ୍ଧା ବ୍ଲକରେ୨୩୭ ସୁସ୍ଥ, ୧୫୩ ସକ୍ରିୟ ଓ ୨ଜଣଙ୍କ ମୃତ୍ୟୁ ଘଟିଛି। ବାଣପୁର ଏନ୍ଏସିରେ ୨୩୯ ସୁସ୍ଥ, ୪୨ଆକ୍ଟିଭ କେସ୍ ଓ ୩ଜଣଙ୍କ ମୃତ୍ୟୁ ଘଟିଛି। ବାଲୁଗାଁ ଏନ୍ଏସିରେ ୧୪୬ ସୁସ୍ଥ, ୫୬ ସକ୍ରିୟ ଓ ୪ଜଣଙ୍କ ମୃତ୍ୟୁ ହୋଇଛି। ଖୋର୍ଦ୍ଧା ପୌର ପରିଷଦ ଅଞ୍ଚଳରେ ୨୪୫ ସୁସ୍ଥ, ୧୧୯ ଆକ୍ଟିଭ କେସ୍ ରହିଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଶନିବାର ୨୧୩ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୭୭ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପଜିଟିଭ୍ଙ୍କ ମଧ୍ୟରେ ବାଲିଅନ୍ତାର ୧୬, ବାଲିପାଟଣା ୧, ଭୁବନେଶ୍ୱର ବ୍ଲକ ୧୩, ଜଟଣୀ ୨୩, ଖୋର୍ଦ୍ଧା ବ୍ଲକ ୪୪, ବେଗୁନିଆ ୧୫, ବୋଲଗଡ଼ ୪୯, ଟାଙ୍ଗୀ ୩, ଚିଲିକା ୧୯ ଏବଂ ବାଣପୁରର ୩୦ଜଣ ରହିଛନ୍ତି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ମୋଟ୍ ୫୬୩୭ଜଣ ସଂକ୍ରମିତ ହୋଇଥିବା ବେଳେ ୩୯୦୧ ସୁସ୍ଥ ହୋଇ ଫେରିଛନ୍ତି। ୧୭୦୭ ଆକ୍ଟିଭ କେସ୍ ରହିଥିବା ବେଳେ ୨୯ଜଣଙ୍କ ମୃତ୍ୟୁ ହୋଇଛି। ସଂକ୍ରମିତଙ୍କ ମଧ୍ୟରେ ବାଲିଅନ୍ତାର ୪୫୮, ବାଲିପାଟଣା ୩୪୦, ଭୁବନେଶ୍ୱର ବ୍ଲକ ୪୧୨, ଜଟଣୀ ୪୭୨, ଖୋର୍ଦ୍ଧା ବ୍ଲକ ୮୬୬, ବେଗୁନିଆ ୩୩୪, ବୋଲଗଡ଼ ୫୪୩, ଟାଙ୍ଗୀ ୫୮୦, ଚିଲିକା ୮୪୯ ଏବଂ ବାଣପୁରରୁ ୭୮୩ଜଣ ରହିଛନ୍ତି।

## ସଂକ୍ଷେପରେ

### ପୂର୍ବତନ ବିଧାୟକ ରବୀନ୍ଦ୍ରନାଥ ଭୋଇଙ୍କ ପରଲୋକ



ରବୀନ୍ଦ୍ରନାଥ ଭୋଇ

**ବିରିଡ଼ି/ବାଲିଆ,୫।୯(ଡି.ଏନ.ଏ.):** ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରବୀନ୍ଦ୍ରନାଥ ଭୋଇଙ୍କର ଶୁକ୍ରବାର ବିଳମ୍ବିତ ରାତ୍ରିରେ ପରଲୋକ ହୋଇଛି। ଶାରୀରିକ ଅସୁସ୍ଥତା କାରଣରୁ ସେ କିଛିଦିନ ତଳେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୫୪ ବର୍ଷ ବୟସ ହୋଇଥିଲା। ସେ ଛାତ୍ର ଜୀବନରୁ ବିଭିନ୍ନ ସଂଗଠନର ନେତୃତ୍ୱ ନେଉଥିବାବେଳେ ଜଗତ୍‌ସିଂହପୁର ଜିଲା ବିଜେଡିର ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ଘନିଷ୍ଠ ଥିଲେ। ବିଷ୍ଣୁ ତାଙ୍କୁ ରାଜନୀତିକୁ ଆଣିଥିଲେ। ୧୯୯୯ରେ ସେ ପ୍ରଥମେ ବିରିଡି ବ୍ଲକ ୨ ନଂ. ଜୋନ୍ ଜିଲା ପରିଷଦ ଉପନିର୍ବାଚନ ଜିତିଥିଲେ। ପରେ ୨୦୦୯-୨୦୧୪ରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ବିଧାନସଭା ଆସନରୁ ବିଜେଡି ବିଧାୟକ ପ୍ରାର୍ଥୀ ହୋଇ ପ୍ରାୟ ୩୪ ହଜାର ଭୋଟରେ ବିଜୟୀ ହୋଇଥିଲେ।

### ଆନନ୍ଦପୁର ବିଧାୟକଙ୍କୁ କରୋନା

**କେନ୍ଦୁଝର, ୫।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି।



ସେ ନିଜେ ଶନିବାର ଟ୍ୱିଟର ମାଧ୍ୟମରେ ସୂଚନା ଦେଇଛନ୍ତି। ଭାଗୀରଥି ଏବେ ହୋମ କ୍ୱାରାଣ୍ଟାଇନ୍‌ରେ ରହିବା ସହ ତାଙ୍କ ସଂସ୍ପର୍ଶରେ ଆସିଥିବା ବନ୍ଧୁ ତଥା ସମର୍ଥକମାନଙ୍କୁ କରୋନା ଟେଷ୍ଟ କରାଇବାକୁ ପରାମର୍ଶ ଦେଇଛନ୍ତି।

# ନୂଆ ବନ୍ଦର ଆଇନକୁ ବିରୋଧ କରିବ ଓଡ଼ିଶା

## ରାଜ୍ୟ ଅଧିକାର ଛଡ଼ାଇନେବାକୁ ଚକ୍ରାନ୍ତ

**ଭୁବନେଶ୍ୱର,୫।୯(ବ୍ୟୁରୋ)**

କେନ୍ଦ୍ର ସରକାର ଦୀର୍ଘବର୍ଷ ପରେ ପୁରାତନ ବନ୍ଦର ଆଇନକୁ ପରିବର୍ତ୍ତନ କରି ନୂତନ ଆଇନ-୨୦୨୦ ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଏ ନେଇ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକଠାରୁ ମତାମତ ଲୋଡ଼ାଯାଇଛି। ତେବେ ଏହି ନୂତନ ବନ୍ଦର ଆଇନରେ ରାଜ୍ୟଗୁଡ଼ିକର ଅଧିକାରକୁ ହଡପ କରିବାକୁ କେନ୍ଦ୍ର ସରକାର ଚକ୍ରାନ୍ତ କରିଛନ୍ତି। ଏହି ନୂତନ ଆଇନକୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ସରକାର କଡ଼ା ବିରୋଧ କରିଛନ୍ତି। ପୁରୁଣା ବନ୍ଦର ଆଇନ-୧୯୦୮ରେ ବୃହତ୍ ବନ୍ଦରଗୁଡ଼ିକ କେନ୍ଦ୍ର ସରକାରଙ୍କ ହାତରେ ରହିଥିବା ବେଳେ ରାଜ୍ୟଗୁଡ଼ିକୁ ଅଣବୃହତ୍ ଏବଂ କ୍ଷୁଦ୍ର ବନ୍ଦରଗୁଡ଼ିକର ସମସ୍ତ କ୍ଷମତା ଦିଆଯାଇଥିଲା। କ୍ଷୁଦ୍ର ଓ ଅଣବୃହତ୍ ବନ୍ଦର ଚିହ୍ନଟ କରିବା ସହ ସେଗୁଡ଼ିକର ପରିଚାଳନା, ବିକାଶ ଏପରି କି ମାଲିକାନା ମଧ୍ୟ ରାଜ୍ୟଗୁଡ଼ିକ ହାତରେ ରହିଛି। ତେବେ ନୂଆ ବନ୍ଦର ଆଇନ କାର୍ଯ୍ୟକାରୀ ହେଲେ ରାଜ୍ୟ ହାତରୁ ସେ ସମସ୍ତ କ୍ଷମତା କେନ୍ଦ୍ର ସରକାରଙ୍କ ନିକଟକୁ ଚାଲିଯିବ। ଏପରି କି କ୍ଷୁଦ୍ର ବନ୍ଦରଗୁଡ଼ିକ କର୍ପୋରେଟ୍ ସଂସ୍ଥା ନିୟନ୍ତ୍ରଣକୁ ଚାଲିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।



ନୂତନ ବନ୍ଦର ଆଇନରେ ଅଣବୃହତ୍ ଓ କ୍ଷୁଦ୍ର ବନ୍ଦର ସମସ୍ତ କ୍ଷମତା ମାରିଟାଇମ ରେଗୁଲେଟୋରି ଅଥରିଟିଙ୍କ ନିକଟକୁ ଚାଲିଯିବ। ଅଥରିଟିଙ୍କ ବିନାନୁମତିରେ ରାଜ୍ୟ ସରକାର କୌଣସି ବନ୍ଦର ପାଇଁ ଚୁକ୍ତି କରି ପାରିବେ ନାହିଁ। ବନ୍ଦରର ପରିସୀମା, ପଞ୍ଜୀକରଣ, ସମ୍ପ୍ରସାରଣ, ବିକାଶମୂଳକ କାର୍ଯ୍ୟ ଇତ୍ୟାଦି କ୍ଷମତା ଅଥରିଟିଙ୍କ ନିକଟରେ ରହିବ। ରାଜ୍ୟ ସରକାର ନୂତନ ବନ୍ଦର ପାଇଁ ଜମି, ଜଳ, ବିଦ୍ୟୁତ୍, ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବେ। କିନ୍ତୁ ବନ୍ଦର ଉପରେ ରାଜ୍ୟ ସରକାରଙ୍କର କୌଣସି କର୍ତ୍ତୃତ୍ୱ ରହିବ ନାହିଁ। ଏହାଦ୍ୱାରା ରାଜ୍ୟ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଓଡ଼ିଶା ସରକାର ଏହି ନୂତନ ଆଇନକୁ ବିରୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ପାରାଦୀପ ବନ୍ଦରକୁ ବାଦ୍ ଦେଲେ ରାଜ୍ୟରେ ୧୩ଟି ନୂତନ ବନ୍ଦର ଚିହ୍ନଟ କରାଯାଇଛି। ସେହି ବନ୍ଦରଗୁଡ଼ିକ ହେଲା ବାଲେଶ୍ୱର ଜିଲାର ବିଚିତ୍ରପୁର, ସୁବର୍ଣ୍ଣରେଖା ମୁହାଣ, ବାହବଳପୁର, ଚାନ୍ଦିପୁର, ଇଞ୍ଚୁଡି, ଭଦ୍ରକ ଜିଲାର ଚୂଡାମଣି, ଧାମରା, ଜଗତ୍‌ସିଂହପୁର ଜିଲାର ଜଟାଧାର ମୁହାଣ, ପୁରୀ ଜିଲାର ଅସ୍ତରଙ୍ଗ ଓ ବାଲି ହରିଚଣ୍ଡୀ, ଗଞ୍ଜାମ ଜିଲାର ଗୋପାଳପୁର, ବାହୁଦା ମୁହାଣ ଏବଂ କେନ୍ଦ୍ରାପଡ଼ା ଜିଲାର ମହାକାଳପଡା ବ୍ଲକରେ ମହାନଦୀ ମୁହାଣରେ ନଦୀଭିତ୍ତିକ ବନ୍ଦର। ପୁରୁଣା ଓ ପ୍ରସ୍ତାବିତ ନୂଆ ବନ୍ଦରଗୁଡ଼ିକର ବିକାଶ କରିବାକୁ ରାଜ୍ୟ ସରକାର ୨୦୦୪ରେ ବନ୍ଦର ନୀତି କାର୍ଯ୍ୟକାରୀ କରିଛନ୍ତି। ଜଳପଥ ପରିବହନଠାରୁ ଆରମ୍ଭ କରି ଶିଳ୍ପ, ନୂତନ ବନ୍ଦର ଚିହ୍ନଟ, ବନ୍ଦରଭିତ୍ତିକ ଭିତ୍ତିଭୂମି ବିକାଶ ପାଇଁ ଏଥିରେ ବ୍ୟବସ୍ଥା ରହିଛି। ଏହାଦ୍ୱାରା ରାଜ୍ୟର ରପ୍ତାନି, ଆମଦାନୀ, ଜାତୀୟ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ କାରବାର ବୃଦ୍ଧି ପାଇବ। ପରିବହନ ବ୍ୟବସ୍ଥାର ବିକାଶ କରିବା ପାଇଁ ବନ୍ଦରଗୁଡ଼ିକ ସହିତ ନଦୀକୁ ସଂଯୋଗ କରିବା ଲକ୍ଷ୍ୟରେ ବନ୍ଦର ନୀତି ସହାୟକ ହୋଇ ପାରିବ। କେନ୍ଦ୍ର ସରକାରଙ୍କ ନୂତନ ବନ୍ଦର ଆଇନ ରାଜ୍ୟ ସରକାରଙ୍କ ପ୍ରଚଳିତ ବନ୍ଦରନୀତିକୁ ଏକ ପ୍ରକାର ଅଚଳ କରିଦେବ। ଖୁବ୍‌ଶୀଘ୍ର ରାଜ୍ୟ ସରକାର ଏ ନେଇ କେନ୍ଦ୍ରକୁ ଅବଗତ କରାଇବେ ବୋଲି ବାଣିଜ୍ୟ ଓ ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



ପୁରୀ ସିଂହଦ୍ୱାର ସମ୍ମୁଖରୁ ଅସ୍ଥାୟୀ ଶେଡ୍ ଓ ବ୍ୟାରିକେଡ୍‌କୁ ରଥଯାତ୍ରା ପାଇଁ ଖୋଲାଯାଇଥିଲା। ରଥଯାତ୍ରା ସରିବା ପରେ ଏବେ ପୁଣି ଅସ୍ଥାୟୀ ଶେଡ୍ ଓ ବ୍ୟାରିକେଡ୍ ନିର୍ମାଣ ଚାଲିଛି।

## ୩ ଚାଇନା ନାଗରିକଙ୍କ ଜୀବନ ବଞ୍ଚାଇଲେ ଭାରତୀୟ ଯବାନ

**ନୂଆଦିଲ୍ଲୀ,୫।୯(ପି.ଟି.)**

ଭାରତ ଓ ଚାଇନା ମଧ୍ୟରେ ସୀମା ବିବାଦ ସତ୍ତ୍ୱେ ଭାରତୀୟ ଯବାନ ମାନବିକତା ପ୍ରଦର୍ଶନ କରି ୩ଜଣ ଚାଇନା ନାଗରିକଙ୍କ ଜୀବନ ବଞ୍ଚାଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଓ ୨ ପୁରୁଷ ଅଛନ୍ତି। ଉତ୍ତର ସିକିମ୍‌ର ୧୭,୫୦୦ଫୁଟ ଉଚ୍ଚତାରେ ଥିବା ପଠାର କ୍ଷେତ୍ରରେ ଫସି ରହିଥିବା ୩ ଚାଇନା ନାଗରିକ ରାସ୍ତା ଭୁଲି ଯାଇଥିଲେ। ଉକ୍ତ ଅଞ୍ଚଳରେ ଶୂନ ଡିଗ୍ରୀରୁ କମ୍ ତାପମାତ୍ରା ରହିଥିବା କାରଣରୁ ସେମାନେ ଅସ୍ୱାଭାବିକ ଅନୁଭବ କରିଥିଲେ। ଏହା ଜାଣି ଭାରତୀୟ ଯବାନ ସେଠାରେ ପହଞ୍ଚି ସେମାନଙ୍କୁ ଅକ୍ସିଜେନ, ଖାଦ୍ୟ ଏବଂ ଗରମ ପୋଷାକ ପ୍ରଦାନ କରିଥିଲେ।

## ପୋଲ ତଳକୁ ବାଇକ୍ ଖସି ୨ ମୃତ

**ପରଜଙ୍ଗ, ୫।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଭାଲୁମୁଣ୍ଡା-ଆଲୁଅଝରଣ ପୂର୍ତ୍ତ ବିଭାଗ ରାସ୍ତାର ପୋଲ ତଳକୁ ଏକ ବାଇକ୍ ଖସି ଶନିବାର ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଟରପଦା ଗ୍ରାମର ସରୋଜ ନାୟକ ଓ ବସନ୍ତପଡା ଗ୍ରାମର ସୁବ୍ରତ ସାହୁ। ପାଟରପଦା ଗ୍ରାମର ଦେବାଶିଷ ବିଶ୍ୱାଳ ଗୁରୁତର ହୋଇଛନ୍ତି। ଅପରାହ୍ନରେ ୬ ଜଣ ଯୁବକ ବଡ଼ଝୁରା ନିକଟରେ ଭୋଜି ସାରି ଦୁଇଟି ବାଇକ୍‌ରେ ଫେରୁଥିଲେ। ସରୋଜ ଓ ସୁବ୍ରତ ବସିଥିବା ବାଇକ୍ (ନଂ. ଓଆର ୧୯ ପି ୬୭୮୩) ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡିଥିଲା। ଘଟଣାସ୍ଥଳରେ ହିଁ ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା। ଦେବାଶିଷଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ପରଜଙ୍ଗ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପରଜଙ୍ଗ ଥାନା ଏଏସ୍‌ଆଇ ପଦ୍ମିନୀ ଦଳେଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ପୋଲର ସୁରକ୍ଷା ବାଡ଼ ନ ଥିବାରୁ ଦୁଇ ଜଣଙ୍କ ଜୀବନ ଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପୂର୍ତ୍ତ ବିଭାଗ ଯନ୍ତ୍ରୀ ନିବେଶ କୁମାର ମାଝି କହିଛନ୍ତି, ଖୁବଶୀଘ୍ର ସୁରକ୍ଷା ବାଡ଼ ନିର୍ମାଣ କରାଯିବ। ସେଠାରେ ଏକ ନୂତନ ବ୍ରିଜ୍ ହେବାକୁ ସ୍ଥିର ହୋଇଥିବା ସେ ସୂଚନା ଦେଇଛନ୍ତି।

## ଶିକାରୀ ବିଦ୍ୟୁତ୍ ତାର ଲାଗି ୨ ଭାଇଙ୍କ ଜୀବନ ଗଲା

**ହିଞ୍ଜିଳିକାଟୁ,୫।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ସିଙ୍ଗିପୁର ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଶିକାର କରିବା ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ଭାଇଙ୍କ ମୃତ୍ୟୁ ଘଟିଛି । ସେମାନେ ହେଲେ ସିଙ୍ଗିପୁର ଗ୍ରାମର ରମେଶ ମୁନି (୫୫) ଓ ମଙ୍ଗୁଲୁ ମୁନି (୫୦)। ପୋଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି।

ଶୁକ୍ରବାର ରାତିରେ ଦୁଇ ଭାଇ ରମେଶ ଓ ମଙ୍ଗୁଲୁ ଜମିରେ ପାଣି ମଡ଼ାଇବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ଶନିବାର ଅପରାହ୍ନରେ ଚାଷଜମି ନିକଟ ଲଟାବୁଦାରେ ଉଭୟଙ୍କ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ବନ୍ୟ ଜନ୍ତୁ ଶିକାର ପାଇଁ କେହି ବିଦ୍ୟୁତ ତାର ପକାଇଥିବାରୁ ସେଥିରେ ଲାଗି ୨ଭାଇଙ୍କ ମୃତ୍ୟୁ ଘଟିଥିବା ଆଲୋଚନା ହେଉଛି। ଏ ନେଇ ନଂ.୩୧୦/୨୦ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

## ସାଇବର ଠକେଇ: ଆକାଉଣ୍ଟରୁ ୫୦ହଜାର ଉଭାନ

**ଭୁବନେଶ୍ୱର,୫।୯(ବ୍ୟୁରୋ)**

ଏବେ ସାଇବର ଠକେଇ ର୍ୟାକେଟ ସକ୍ରିୟ ରହିଛି। ଶୁକ୍ରବାର ଭୁବନେଶ୍ୱରର ୩ଜଣ ବ୍ୟକ୍ତି ଠକେଇର ଶିକାର ହୋଇଥିବାବେଳେ ଶନିବାର ଏୟାରଫିଲ୍ଡ ଥାନା କପିଳପ୍ରସାଦର ସୋଭିତେନ୍ଦୁ କବି ୫୦ହଜାର ହରାଇଛନ୍ତି। ବିନା ଓଟିପି ଓ ବିନା ଫୋନ୍‌ରେ ସାଇବର ଠକମାନେ ତାଙ୍କ ଆକାଉଣ୍ଟରୁ ଏହି ଟଙ୍କା ଲୁଟି ନେଇଛନ୍ତି। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସୋଭିତେନ୍ଦୁଙ୍କର ସ୍ଥାନୀୟ ଏକ ଘରୋଇ ବ୍ୟାଙ୍କ୍‌ରେ ଆକାଉଣ୍ଟ ରହିଛି। ସେ ଦୁଇଦିନ ତଳେ ଟଙ୍କା ଉଠାଇବାକୁ ଏଟିଏମ୍‌କୁ ଯାଇଥିଲେ। ତାଙ୍କ ଆକାଉଣ୍ଟରୁ ୫୦ ହଜାର ଟଙ୍କା କଟିଯାଇଥିବା ମିନି ଷ୍ଟେଟ୍‌ମେଣ୍ଟରୁ ଜାଣିବାକୁ ପାଇଥିଲେ। ଏନେଇ ସେ ବ୍ୟାଙ୍କ୍‌କୁ ଯାଇ ବୁଝିବା ପରେ ଉକ୍ତ ଟଙ୍କା ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ ହୋଇଥିବା ଜଣାପଡିଥିଲା। କିନ୍ତୁ ସେ ଟଙ୍କା କାହାକୁ ପଠାଇ ନ ଥିବାବେଳେ ମୋବାଇଲ୍‌କୁ ମେସେଜ କି କୌଣସି କଲ୍ ଆସି ନ ଥିବାରୁ ଏଥିରେ ବ୍ୟାଙ୍କ କର୍ମଚାରୀ ସାମିଲ ଥିବା ସେ ଅଭିଯୋଗ କରିଛନ୍ତି।

## BUSINESS

# ବୁଲେଟ ଟ୍ରେନ୍ ପ୍ରକଳ୍ପ: ବିଳମ୍ବ ହେବ ୫ ବର୍ଷ



**ଅହମ୍ମଦାବାଦ, ୫।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହୁ ଆକାଂକ୍ଷିତ ବୁଲେଟ ଟ୍ରେନ୍ ପ୍ରକଳ୍ପ ଏବେ ବିଳମ୍ବରେ ଶେଷ ହେବ। କରୋନା ସଙ୍କଟ ଯୋଗୁ ଜମି ଅଧିଗ୍ରହଣରେ ସମସ୍ୟା ଏବଂ ଟେଣ୍ଡର ରଦ୍ଦ ଯୋଗୁ ସୃଷ୍ଟି ହୋଇଥିବା ଅସୁବିଧା ଲାଗି ଏହା ପୂର୍ବରୁ ଧାର୍ଯ୍ୟ ହୋଇଥିବା ସମୟରେ ଶେଷ ହୋଇପାରିବ ନାହିଁ ବୋଲି କୁହାଯାଉଛି। ଅହମ୍ମଦାବାଦରୁ ମୁମ୍ବାଇ ମଧ୍ୟରେ ଦେଶର ପ୍ରଥମ ବୁଲେଟ ଟ୍ରେନ୍ ଚଳାଚଳ କରିବା ଯୋଜନା ରହିଛି। ୨୦୨୩ରେ ଏହି ପ୍ରକଳ୍ପ ଶେଷ ହେବ ବୋଲି ସମୟ ଧାର୍ଯ୍ୟ ହୋଇଥିଲା। ଏବେ ଏହା ୨୦୨୮ରେ ଶେଷ ହେବା ସମ୍ଭାବନା ରହିଛି। ସେହିପରି ଜାପାନର କେତେକ କମ୍ପାନୀ ବୁଲେଟ ଟ୍ରେନ୍ ପ୍ରକଳ୍ପରେ ଆଗ୍ରହ ପ୍ରକାଶ କରୁ ନ ଥିବାରୁ ମଧ୍ୟ ବାଧା ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ ଅନ୍ତର୍ଗତ ୫୦୮ କି.ମି. ରେଳପଥ ମଧ୍ୟରୁ ମାଟି ତଳେ ସୁଡ଼ଙ୍ଗରେ ୨୧ କି.ମି.ର ରେଳଲାଇନ୍ ବିଛାଯିବ। ସେଥିମଧ୍ୟରେ ମୁମ୍ବାଇର ସମୁଦ୍ର ତଳେ ୭ କି.ମି.ର ସୁଡ଼ଙ୍ଗ ପଥ ବି ରହିଛି। ସୁଡ଼ଙ୍ଗରେ ରେଳଲାଇନ୍ ବିଛାଯିବା ପାଇଁ ୬୦ ମାସ ସମୟ ଲାଗିବ ବୋଲି କୁହାଯାଉଛି। ମହାରାଷ୍ଟ୍ରରେ ଏହିପରି ଯୋଜନା ପାଇଁ ୪୩୦ ହେକ୍ଟର ଜମି ଆବଶ୍ୟକ। ସେଥିମଧ୍ୟରୁ ସରକାର ୧୦୦ ହେକ୍ଟର ଜମି ଅଧିଗ୍ରହଣ କରି ସାରିଛନ୍ତି। ସେହିପରି ଗୁଜରାଟରେ ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି। ବର୍ଷ ଶେଷ ସୁଦ୍ଧା ୧୦୦୦ ହେକ୍ଟର ଜମି ଅଧିଗ୍ରହଣ ଶେଷ ହେବା ଆଶା ରହିଛି। ବର୍ତ୍ତମାନ ସୁଦ୍ଧା ଗୁଜରାଟ ସରକାର ୩୪୫ କି.ମି.ରେଳପଥ ପାଇଁ ଜମି ଅଧିଗ୍ରହଣ କରି ସାରିଛନ୍ତି। ଏହି ପ୍ରକଳ୍ପ ପାଇଁ ଜାପାନ ଇଣ୍ଟରନ୍ୟାଶନାଲ୍ କୋଅପରେଶନ୍ ଏଜେନ୍ସି (ଜାଇକା) ପକ୍ଷରୁ ମୋଟ ୧ ଲକ୍ଷ କୋଟି ବ୍ୟୟ ଅଟକଳର ୮୦ ପ୍ରତିଶତ ଟଙ୍କାର ଋଣ ୦.୧ ପ୍ରତିଶତ ସୁଧହାରରେ ଯୋଗାଇ ଦେଇଛି।

## 'ସମସ୍ତ ବୃହତ୍ ବନ୍ଦରରେ ଆତ୍ମନିର୍ଭର ଶିପିଂ ବ୍ୟବସ୍ଥା'

**ପାରାଦୀପ,୫।୯(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ସମେତ ଦେଶର ସମସ୍ତ ବୃହତ ବନ୍ଦରରେ ଶୁକ୍ରବାରଠାରୁ ଆତ୍ମନିର୍ଭର ଶିପିଂ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଶନିବାର ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଏହି ସୂଚନା ଦେଇଛନ୍ତି। ଆତ୍ମନିର୍ଭର ଭାରତ ଯୋଜନାରେ ଏହି ପଦକ୍ଷେପ ନିଆଯାଇଛି। ଏହି ବ୍ୟବସ୍ଥାରେ ବନ୍ଦରଗୁଡିକରେ ଥିବା ସମସ୍ତ ଟଗ୍ ବୋଟ ଓ ଜାହାଜ ନିର୍ମାଣ ଆଦି କାମ କରାଯିବ। ପୂର୍ବରୁ ଏଭଳି କାମ ବହୁଦେଶୀୟ କମ୍ପାନୀଗୁଡିକ ଜରିଆରେ କରାଯାଉଥିଲା। ଆତ୍ମନିର୍ଭର ଶିପିଂ କାମକୁ ଜାହାଜ ଚଳାଚଳ ମନ୍ତ୍ରୀ ମନଶୁଖ ଲାଲ ମାଣ୍ଡଭିୟେ ଶୁଭାରମ୍ଭ କରିଥିଲେ।

## ମାରୁତି ସୁଜୁକି ଇକୋର ୧୦ ବର୍ଷ ପୂର୍ତ୍ତି

**ନୂଆଦିଲ୍ଲୀ,୫।୯:** ମାରୁତି ସୁଜୁକିର ଭ୍ୟାନ 'ଇକୋ' ଭାରତ ବଜାରରେ ୧୦ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିଛି। ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ଏକ ସଫଳ ପରିଚାଳନା ସହିତ ଏହା ପ୍ରାୟ ୭ ଲକ୍ଷ ୟୁନିଟ ବିକ୍ରି ରେକର୍ଡ ମଧ୍ୟ ହାସଲ କରିଛି। କମ୍ପାନୀର ଏହି ଭ୍ୟାନ ସେଗ୍‌ମେଣ୍ଟରେ ୯୦% ବଜାର ଅଂଶ ସହ ଏକ ନିର୍ବିବାଦୀୟ ନେତୃତ୍ୱର ଅଧିକାରୀ ହୋଇପାରିଛି। କମ୍ପାନୀର ନିଜର ବାସ୍ତବ ଓ ସ୍ୱତନ୍ତ୍ର ଡିଜାଇନ ଏବଂ ଶକ୍ତିଶାଳୀ ପ୍ରଦର୍ଶନ ଯୋଗୁ ମାରୁତି ସୁଜୁକି ଇକୋ ଦେଶର ଏକ ପ୍ରମୁଖ ଭ୍ୟାନ ସେଗ୍‌ମେଣ୍ଟ ଉପରେ ପ୍ରାୟ ଗୋଟିଏ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ପ୍ରାଧାନ୍ୟ ବିସ୍ତାର କରିଆସିଛି। ଭାରତରେ ସର୍ବାଧିକ ବିକ୍ରି ହୋଇଥିବା ଏହି ମଲ୍ଟିପ୍ରପୋଜ ଭ୍ୟାନ ଭାବେ ପରିଚିତ ହେବା ସହ ପ୍ରାୟ ୩.୮ ଲକ୍ଷ ଟଙ୍କାରେ ଏଭଳି ଏକ ଭ୍ୟାନ ଗ୍ରାହକଙ୍କୁ ଭେଟି ଦେଇପାରିଛି। ଏହି ସ୍ୱଳ୍ପ ବଜେଟର ଆରାମ ଦାୟକ ଭ୍ରମଣର ସୁବିଧା ସାଙ୍ଗକୁ ବିଭିନ୍ନ ସେଗ୍‌ମେଣ୍ଟ ଓ ଫିଚର ସହ ସ୍ୱଳ୍ପ ଖର୍ଚ୍ଚରେ ସବୁ କିଛି ହୋଇପାରୁଥିଲା।

## କେବିଆର୍‌ସି ପରିସରରେ ଗୁରୁଦିବସ

**କଟକ,୫।୯**



କଳିଙ୍ଗ ଭାରତୀ ଆବାସିକ ମହାବିଦ୍ୟାଳୟ (କେବିଆର୍‌ସି) ପରିସରରେ ଗୁରୁଦିବସ ପାଳିତ ହୋଇଯାଇଛି। ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ ସହ ସାମାଜିକ ଦୂରତା ରକ୍ଷା କରି ଛାତ୍ରୀଛାତ୍ରମାନେ ଗୁରୁଦିବସକୁ ପାଳନ କରିଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନର ପରିଚାଳନା ନିର୍ଦ୍ଦେଶିକା ଲୁସି ମହାପାତ୍ରଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ତାଙ୍କ ଉଦ୍ଦେଶରେ ଶ୍ରଦ୍ଧାସୁମନ ପ୍ରଦାନ କରାଯାଇଥିଲା। ଏହା ସହ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଜାନକୀ ବଲ୍ଲଭ ପାଢୀଙ୍କ ସ୍ମୃତିଚାରଣ ମଧ୍ୟ କରାଯାଇଥିଲା। ଗୁରୁଦିବସର ମହତ୍ତ୍ୱ ସମ୍ପର୍କରେ ଏଠାରେ ମହାପାତ୍ର ଆଲୋକପାତ କରାଇଥିଲେ। ଏହି ଉତ୍ସବରେ ମହାବିଦ୍ୟାଳୟର +୩ ଓ +୨ର ଅଧକ୍ଷ ଏବଂ ଅନ୍ୟ ସହକର୍ମୀମାନେ ଉପସ୍ଥିତ ଥିଲେ।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ହରିକୃଷ୍ଣ ସାହୁ
ବଡ଼ଧୋବାସାହି, ଭଞ୍ଜନଗର, ଗଞ୍ଜାମ
ଆବିର୍ଭାବ: ୦୧।୦୫।୧୯୬୭
ତିରୋଧାନ: ୨୭।୦୮।୨୦୨୦
ହରି, ଚାହୁଁ ଚାହୁଁ ଦଶଦିନ ବିତିଗଲା। ଆମ ଗହଣରେ ଥିଲାପରି ଲାଗୁଛ। ଯେଉଁଠି ଥାଅ ଭଲରେ ଥାଅ। ତୁମେ ସଦା ଆମ ସାଙ୍ଗମାନଙ୍କ ଗହଣରେ ରହିଛ ଓ ରହିଆସୁଥିବ ମଧ୍ୟ। ଅମର ଆତ୍ମାର ସଦ୍‌ଗତି ପାଇଁ ଆମ୍ଭ ସାଙ୍ଗ ଓ ତୁମ ପରିବାର ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
-:ଶୋକସନ୍ତପ୍ତ:-
ବାପା ଓ ମାଆ, ସ୍ତ୍ରୀ: ସ୍ମରଣିକା, ଝିଅ: ଅନୁଷ୍କା, ଭାଇ: ରାମକୃଷ୍ଣ, ରାଧାକୃଷ୍ଣ, ବାଳକୃଷ୍ଣ, ଭଉଣୀ: ସୁଜ୍ଞାନୀ, ସୁକାନ୍ତି, ବନ୍ଧୁବର୍ଗ ଓ UBHS 83 X/XI batchର ସମସ୍ତ ସାଙ୍ଗମାନେ ।
ଧ-୬୬୬୪୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶଶୀରେଖା ମିଶ୍ର
ସ୍ୱାମୀ - ୰ ଖଲି ମିଶ୍ର
ଶ୍ରୀରାମ ନଗର, ବ୍ରହ୍ମପୁର, ଓଡିଶା
ଆବିର୍ଭାବ- ୦୪.୦୭.୧୯୩୦
ତିରୋଧାନ- ୧୮.୦୯.୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି-ନାତୁଣୀ ବୋହୂ, ନାତୁଣୀ-ନାତୁଣୀ ଜ୍ୱାଇଁ, ବନ୍ଧୁ ଏବଂ ପରିବାର ବର୍ଗ ।
ଧ-୬୯୭୪୦

ଏକାଦଶାହ ଉପଲକ୍ଷେ



୰ ରମାକାନ୍ତ ପାଢ଼ୀ
ଅବନ୍ତିକା, ଖଣ୍ଡୁଆଳ ବିହାର, ରଣସିଂହପୁର, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯
ଆବିର୍ଭାବ: ୨୧.୦୮.୧୯୩୯
ତିରୋଧାନ: ୨୭.୦୮.୨୦୨୦
(ଭାଦ୍ରବ ମାସ, ଶୁକ୍ଳପକ୍ଷ, ନବମୀ, ଗୁରୁବାର)
ଆପଣଙ୍କ ଅନାବିଳ ସ୍ନେହ, ତ୍ୟାଗ, ଆଦର୍ଶ ଓ ଭଲପାଇବା ଆମେ କେବେହେଲେ ଜୀବନରେ ଭୁଲିପାରିବୁ ନାହିଁ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଦିବ୍ୟଧାମରୁ ଆପଣ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥାନ୍ତୁ।
ଶୋକସନ୍ତପ୍ତ ପରିବାର
ସହଧର୍ମିଣୀ: ବିଦ୍ୟୁତଲତା ପାଢ଼ୀ
ପୁତ୍ର/ପୁତ୍ରବଧୂ: ବିଜନ-ଅନୁପମା, କିରନ୍-କାନ୍ତା
ଝିଅ/ଜ୍ୱାଇଁ: ରଞ୍ଜିତା-କୃଷ୍ଣ, ଅମିତା-ସୁବାସ
ନାତି ନାତୁଣୀ: ଚିକୁନ, ମୌଲୀ, ଶିଉଲୀ, ଶ୍ରାୟା, ରିୟା, ଶୋଭନ, ରୋଶନ ଓ ଜ୍ୟାକି
ଧ-୧୮୧୩୮

Shradhanjali



Late Basudev Pattnaik
D.O.B: 18 Aug 1949
Death: 29 Aug 2020
Throughout this period of ascendance of your soul to its heavenly abode, not a moment passed without remembering you for your unconditional love and affection that you showered on us all while you were in our midst. We humbly pray to Bhagwan, the supreme soul to grant eternal peace to your noble soul.
-:From:-
Happy, Sweet, Litty, Titul, Grandkids, Toy, Loy & Luv.
D-18157

ଅଣତିରିଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ସୁଧାଂଶୁ ମୋହନ ରାଉତରାୟ
କବି ତଥା ପ୍ରଶାସକ
ପ୍ଲଟ୍ ନଂ-୧୫୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ : ୧୪.୧୨.୧୯୩୨
ତିରୋଧାନ : ୨୯.୦୯.୧୯୯୧
'ପକ୍ଷହୀନ କପୋତ' ଟି ତୁମକୁ ଦେଲା ଅମୃତ ପରଶି
'ଫଚ୍ଚ ସକାଳ' ଘୋଷି ଜାଣ ବଞ୍ଚିଥିବ ଯଶରାଶି
'ତୁମ ପାଇଁ କବିତା' ର ଗାତି କେତେ ରଙ୍ଗ ବୁଣିଯେ ଦେଇଛି
ଲେଖିଗଲ ଶେଷ କଥା "ଶେଷ ବସନ୍ତ"ରେ ଶେଷ ସ୍ମୃତି
ଭଗବାନ ଆପଣଙ୍କ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ। ଏହାହିଁ ଆମର ପ୍ରାର୍ଥନା।
ଆପଣଙ୍କର ବନ୍ଧୁ ଓ ପରିବାରବର୍ଗ
ଧ-୬୯୯୧୩

ପଞ୍ଚମ ଶ୍ରାଦ୍ଧବାର୍ଷିକୀ



୰ଡା ଶ୍ୱେତପଦ୍ମା ମିଶ୍ର
ଆବିର୍ଭାବ : ୧୭.୧୦.୧୯୭୧
ତିରୋଧାନ : ୦୬.୦୯.୨୦୧୫
ଯାହାଙ୍କ ପ୍ରତି ଆମର ଶ୍ରଦ୍ଧା ଥାଏ, ସିଏ ଆମଠାରୁ ଦୂରେଇ ଯାଇନଥାନ୍ତି, ବରଂ ସବୁବେଳେ ଆମ ସାଙ୍ଗରେ ଥାଆନ୍ତି ଅଦୃଶ୍ୟଭାବେ ଓ ନୀରବରେ, ମାତ୍ର ଆହୁରି ଅଧିକ ପାଖରେ, ଅଧିକ ଶ୍ରଦ୍ଧାର ସହିତ। ଏବେବି ମନେ ପଡୁଛ, ଏବେବି ଅଛ ସେତିକି ପ୍ରିୟ ହୋଇ।
ବନ୍ଧୁ ଓ ପରିବାରବର୍ଗ
ଧ-୧୮୧୫୦

୧୨ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଦିଗମ୍ବର ନାୟକ
(ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ)
ମଠକରଗୋଳା, ଢେଙ୍କାନାଳ
ଆବିର୍ଭାବ: ୧୭।୦୬।୧୯୬୩
ତିରୋଧାନ: ୦୬।୦୯।୨୦୦୮
(ଭାଦ୍ରବ ଶୁକ୍ଳପକ୍ଷ ସପ୍ତମୀ)
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସତ୍ୟନିଷ୍ଠା, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ: ପ୍ରଜ୍ଞିଳା, ପୁତ୍ର: ଦିପୁନ, ଲିକୁନ, ପୁତ୍ରବଧୂ: ପ୍ରିୟଙ୍କା, ଶାଶୁ, ଶ୍ୱଶୁର, ଶଳୁ, ଦେଢଶାଶୁ, ଶାଳୀ, ପୁତୁରା, ଝିଆରୀ, ପରିବାରବର୍ଗ ଓ ବନ୍ଧୁ ପରିଜନ ।
ଧ-୬୬୮୭୭

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଫିଟ୍‌ନେସ୍ ପାଇଁ ହସ

ସାଙ୍ଗସାଥୀମାନେ କିଛି ସମୟ ଏକାଠି ହେଲେ ଖୋଲିଯାଏ ଗପର ପେଡ଼ି ଆଉ ଖେଳିଯାଏ ହସର ଲହରି। ଏହି କିଛି ସମୟର ମନଖୋଲା ହସ ଅଜାଣତରେ ସେମାନଙ୍କ ପାଇଁ ପାଲଟେ ଫିଟ୍‌ନେସ୍‌ର ସିକ୍ରେଟ୍। କାରଣ ଦୁଃଖ, କ୍ରୋଧ ଆଦି ମଣିଷ ସ୍ୱାସ୍ଥ୍ୟର ପରମ ଶତ୍ରୁ ଯାହାକୁ ଦୂର କରିବାରେ ହସ ହିଁ ବେଷ୍ଟ ମେଡିସିନ୍...





ହସ ମଣିଷର ସକାରାତ୍ମକ ମନୋଭାବର ଅଖଣ୍ଡ ପରିପ୍ରକାଶ। ଏହା ମଣିଷକୁ ବିଷାଦ, ମାନସିକ ଚିନ୍ତା, କ୍ରୋଧ ଆଦି ଠାରୁ ଦୂରେଇ ରଖିବାରେ ସାହାଯ୍ୟ କରେ ଏବଂ ମଣିଷକୁ ଫିଟ୍ ରଖିଥାଏ। ଯେଉଁମାନେ ହସଖୁସିରେ ରୁହନ୍ତି ତାହା ହୃତ୍‌ପିଣ୍ଡକୁ ମଧ୍ୟ ପ୍ରଫୁଲ୍ଲ ରଖେ। ହସିବା ଦ୍ୱାରା ହୃତ୍‌ପିଣ୍ଡକୁ ଉପଯୁକ୍ତ ପରିମାଣର ରକ୍ତ ସଂଚାଳନ ହୋଇଥାଏ। ଥରେ ହସିଲେ ହାରାହାରି ୩୫ ମିନିଟ୍ ଯାଏଁ ଦେହ ହାଲୁକା ହୋଇଯାଇଥାଏ। ଏହାଛଡ଼ା ମଣିଷର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ିଥାଏ। ହସିଲେ 'ଏଣ୍ଡୋର୍‌ଫିନ୍' ନାମକ ହର୍‌ମୋନ୍ ଶରୀରରୁ ନିର୍ଗତ କରାଇଥାଏ, ଯାହା ମଣିଷକୁ ଭଲ ମାନସିକ ସ୍ଥିତି ଆଡକୁ ନେଇଥାଏ, ଦେହର ମାନସିକ ଅବସାଦକୁ ଦୂରେଇ ଦେଇଥାଏ ଏବଂ ଷ୍ଟ୍ରେସ୍ ହରମୋନ୍ କମାଇଦିଏ। ଏହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ମାନସିକ ଚାପ ଏଣ୍ଡୋଥିଲିୟମ୍‌କୁ ନଷ୍ଟକରି ଦେଉଥିବାରୁ ହେଉଥିବା ସଂକ୍ରମଣଜନିତ ପ୍ରତିକ୍ରିୟା ରକ୍ତନଳୀ ଭିତରେ ଚର୍ବି ପରିମାଣ ଜମିଯିବାରେ ସାହାଯ୍ୟ କରିଥାଏ ଏବଂ ହୃଦ୍‌ଘାତ ହୋଇଥାଏ। ହେଲେ ହସ, ମସ୍ତିଷ୍କରେ ତିଆରି ହେଉଥିବା ମାନସିକ ଚାପର ହର୍‌ମୋନ (ଷ୍ଟ୍ରେସ୍ ହର୍‌ମୋନ୍)କୁ କମାଏ, ରକ୍ତଚାପ ମଧ୍ୟ କମାଇଦିଏ ଏବଂ ଏହା ହୃଦ୍‌ଘାତକୁ କମାଇଦିଏ। ଯେଉଁଥିପାଇଁ ବ୍ୟସ୍ତବହୁଳ ଜୀବନଶୈଳୀରେ ଛନ୍ଦି ହୋଇଯାଉଥିବା ଲୋକମାନେ କିଛି ସମୟ ହସିବା ଲାଗି ବିଭିନ୍ନ ସ୍ଥାନରେ ଲାଫିଙ୍ଗ୍ କ୍ଲବ୍‌ମାନ ବି ଗଠନ କରାଯାଇଛି। ପ୍ରତିଦିନ କିଛି ସମୟ ମନ ଖୋଲା ହସ କୌଣସି ବ୍ୟାୟାମଠାରୁ କମ୍ ନୁହେଁ। ତେଣୁ ଫିଟ୍‌ନେସ୍ ପାଇଁ ହସ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେବେ ଯୁବପିଢିଙ୍କ ଲାଗି ସାଙ୍ଗସାଥୀ ଏକାଠି ମଜାମସ୍ତି କରିବା ଦ୍ୱାରା ହସର ମାହୋଲ ସୃଷ୍ଟି ହୁଏ। ହେଲେ ବର୍ତ୍ତମାନ କରୋନା ଲାଗି ସ୍କୁଲ୍ କଲେଜ ଆଦି ବନ୍ଦ ଥିବାରୁ ଯୁବପିଢି ସାଙ୍ଗସାଥୀଙ୍କ ସହ ସମୟ କାଟିବା ବହୁମାତ୍ରାରେ କମିଯାଇଛି। ଫଳରେ ସେମାନେ ଘରେ ବୋର୍ ହେଉଛନ୍ତି। ଏମିତିରେ ସେମାନେ ହସିବା ଲାଗି ବିଭିନ୍ନ ଉପାୟ ଆପଣାଉ ଥିବା ଦେଖିବାକୁ ମିଳୁଛି...



**କମେଡି ଭିଡିଓ:** ବିଭିନ୍ନ କମେଡି ଫିଲ୍ମ ହେଉ କିମ୍ବା ୟୁଟ୍ୟୁବ୍‌ରୁ ବିଭିନ୍ନ କମେଡି ଭିଡିଓ ଦେଖିବା ବର୍ତ୍ତମାନ ଅନେକଙ୍କୁ ଭରପୂର ହସର ଖୋରାକ ଯୋଗାଉଛି। କିଛି ସମୟ ଏଭଳି ଭିଡିଓ ଦେଖିବା ଦ୍ୱାରା ମାନସିକ ଚାପ ଦୂର ହେଉଥିବା ଅନେକ ଯୁବତୀଯୁବକ ମତ ଦେଉଛନ୍ତି।

**ଗ୍ରୁପ୍ ଚାଟିଂ:** ହ୍ୱାଟ୍ସ ଆପ୍ କିମ୍ବା ଅନ୍ୟାନ୍ୟ ସୋସିଆଲ୍ ସାଇଟ୍‌ରେ ବର୍ତ୍ତମାନ ଗ୍ରୁପ୍ ଚାଟିଂ ଦ୍ୱାରା ଅନେକ ସାଙ୍ଗସାଥୀ ଏକାଠି କଥା ହେବା ଦ୍ୱାରା ବି ଘରେ ରହି ବୋର୍ ହେବା ବା ଏକୁଟିଆ ପଣ ଦୂର ହେବା ସହ କିଛି ସମୟ ହସିବାର ସୁଯୋଗ ମିଳୁଛି। ବିଶେଷ କରି ଗ୍ରୁପ୍ ଭିଡିଓ କଲିଂରେ ହସର ମାହୋଲ ବେଶ୍ ଜମୁଥିବା ଦେଖିବାକୁ ମିଳୁଛି।

**ପରିବାର ସହ କ୍ଲାସି ଟାଇମ୍:** ବର୍ତ୍ତମାନ ଅନେକ ଯୁବପିଢିଙ୍କୁ ଘରେ ରହି ପଢିବା କିମ୍ବା ଅଫିସ୍ ପାଇଁ ୱାର୍କ ଫ୍ରମ୍ ହୋମ ଆଦି କାମର ଚାପ ରହୁଥିଲେ ସୁଦ୍ଧା ପରିବାର ସହ କିଛି ସମୟ ହସ ଖୁସିରେ ବିତାଇବାକୁ ସମୟ ମିଳୁଛି, ଯାହା କି ସେମାନଙ୍କୁ ମାନସିକ ସ୍ତରରେ ଅଧିକ ଆକ୍ଟିଭ୍ ଏବଂ ଫ୍ରେସ୍ ରଖୁଛି।

## ଏ ସପ୍ତାହର ପ୍ରଶ୍ନ

୧– ଆମ ଦେଶରେ ତେଲୁଗୁ ଭାଷା ଦିବସ.......... ତାରିଖରେ ପାଳନ କରାଯାଏ ?
୨– ଲଣ୍ଡନରେ ମୋମୋରିଆଲ୍ ପ୍ଲାକ ପାଇଥିବା ପ୍ରଥମ ଭାରତୀୟ ବଂଶୋଦ୍ଭବ ମହିଳା....... ?
୩– ଡିଏସ୍‌ସିଆଇର ଫୁଲ୍‌ଫର୍ମ.................. ?
୪– ପୃଥିବୀର ସବୁଠୁ ଶକ୍ତିଶାଳୀ ଇଣ୍ଟେଲିଜେନ୍ସ ଏଜେନ୍ସି .......... ?
୫– ନ୍ୟାଶନାଲ ଟେଷ୍ଟିଙ୍ଗ୍ ଏଜେନ୍ସିର ପ୍ରଥମ ଡାଇରେକ୍ଟର ଜେନେରାଲ ................ ?

## ଗତ ଥରର ଉତ୍ତର

୧ ଆଫ୍ରିକା
୨ ଆରୋଗ୍ୟ ସେତୁ
୩ ସୁଇଜରଲାଣ୍ଡ
୪ ଗୁଡ୍ ଗଭର୍ନାନ୍ସ ଡେ'
୫ ନମିତା ଗୋଖିଲେ

## ଉତ୍ତରଦାତା



ବିନୟ ରଞ୍ଜନ ପରିଜା, ଖୋର୍ଦ୍ଧା



ଡଲି ପଣ୍ଡା, ବରଗଡ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସୌନ୍ଦର୍ଯ୍ୟମୟ ବେଳାଭୂମି



ଆନ୍ସେ ସୋର୍ସ ଡି'ଆର୍ଜେଣ୍ଟ

୧– ଆନ୍ସେ ସୋର୍ସ ଡି'ଆର୍ଜେଣ୍ଟ.................. ସେଚେଲେସ୍
୨– ପଲିହେଲ୍ ବିଚ୍.............................. ହାୱାଇ, ଆମେରିକା
୩– କ୍ୟାମ୍ପ୍ସ ବେ..............................କେପ୍ ଟାଉନ୍, ସାଉଥ୍ ଆଫ୍ରିକା
୪– ମାୟା ବେ ................................ କୋ ଫି ଫି, ଥାଇଲାଣ୍ଡ
୫– ଲଙ୍ଗ୍ ବିଚ୍ ...............................ଭାନ୍‌କୋଭର୍ ଆଇସଲାଣ୍ଡ, କାନାଡା
୬– ବାଇଆ ଡୁ ସାଞ୍ଚୋ........................ ଫର୍ନାଣ୍ଡୋ ଡ଼େ ନରୋନୋ, ବ୍ରାଜିଲ୍
୭– ହ୍ୱାଇଟ୍ ହେଭେନ୍ ବିଚ୍...................... କ୍ୱିନ୍ସଲାଣ୍ଡ, ଅଷ୍ଟ୍ରେଲିଆ
୮– ଗ୍ରେସ୍ ବେ................................ ଟର୍କ୍ସ ଆଣ୍ଡ କାଇକୋସ୍
୯– ନାଭାଜିଓ ବିଚ୍............................ ଜାକିନ୍ଥୋସ୍, ଗ୍ରୀସ୍
୧୦– ତୁଲୁମ୍.................................. ରିଭିଏରା ମାୟା, ମେକ୍ସିକୋ

# ଭର୍ଚୁଆଲ୍ ଇଣ୍ଟରଭ୍ୟୁ



କରୋନା ମହାମାରୀ ପାଇଁ କର୍ମକ୍ଷେତ୍ର ଉପରେ ଅନେକ ପ୍ରଭାବ ପଡ଼ିଛି। ତଥାପି ଧୀରେ ଧୀରେ ବର୍ତ୍ତମାନ କିଛି କମ୍ପାନୀରେ ନିଯୁକ୍ତି ଆରମ୍ଭ ହେଲାଣି। ହେଲେ ସତର୍କତା ଦୃଷ୍ଟିରୁ ଫିଜିକାଲ୍ ଇଣ୍ଟରଭ୍ୟୁ ବଦଳରେ ବିଭିନ୍ନ କମ୍ପାନୀ ଭର୍ଚୁଆଲ୍ ଇଣ୍ଟରଭ୍ୟୁ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଯଦି ଆପଣ ବି ଏଭଳି ଇଣ୍ଟରଭ୍ୟୁ ପାଇଁ ପ୍ରସ୍ତୁତ ହେଉଛନ୍ତି ତେବେ ଜାଣି ରଖନ୍ତୁ କେତୋଟି କଥା...

**ପ୍ରାକ୍ ପ୍ରସ୍ତୁତି ସାରନ୍ତୁ:** ଭର୍ଚୁଆଲ୍ ଇଣ୍ଟରଭ୍ୟୁ ସମୟରେ ନିଯୁକ୍ତିଦାତା ଆପଣଙ୍କ ଟେକ୍ନୋଲୋଜି କ୍ଷମତାକୁ ପରୀକ୍ଷା କରନ୍ତି। ତେଣୁ ଇଣ୍ଟରଭ୍ୟୁ ପୂର୍ବରୁ ଆପଣ ନିଜର ସମସ୍ତ ଇକ୍ୟୁପ୍‌ମେଣ୍ଟକୁ ଯାଞ୍ଚ କରିନିଅନ୍ତୁ। ଇଣ୍ଟରନେଟ୍ ସଂଯୋଗ, ଖରାପ ଅଡିଓ କିମ୍ବା ଅନ୍ୟ କୌଣସି ସମସ୍ୟା ଥିଲେ ପୂର୍ବରୁ ଠିକ୍ କରିନିଅନ୍ତୁ। ଏହା ସହିତ ନିଜର ବ୍ୟାକଗ୍ରାଉଣ୍ଡରେ କଳାକୃତି ଅବା ବହି କିମ୍ବା ଏଭଳି କିଛି ଜିନିଷ ରଖନ୍ତୁ ଯାହା ଆପଣଙ୍କ ପର୍ସନାଲିଟିକୁ ବୃଦ୍ଧି କରିବ। କେବଳ ଏତିକି ନୁହେଁ ବେଳେବେଳେ ଇଣ୍ଟରଭ୍ୟୁ ସମୟରେ ହିଁ ଜଣାପଡ଼େ କି କିଛି ପ୍ରୋଗ୍ରାମକୁ ଡାଉନ୍‌ଲୋଡ୍ କରିବାକୁ ହେବ। ଏହି ପ୍ରକ୍ରିୟାରେ ଇଣ୍ଟରଭ୍ୟୁ ବିଳମ୍ବ ହୋଇ ଯାଇଥାଏ; ଯାହା କି ଆପଣଙ୍କ ପର୍ସନାଲିଟି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ଇଣ୍ଟରଭ୍ୟୁ ପୂର୍ବରୁ ପ୍ରଥମେ ଏସମସ୍ତ କାର୍ଯ୍ୟ ସମାପ୍ତ କରି ଠିକ୍ ସମୟରେ ଇଣ୍ଟରଭ୍ୟୁ ଆରମ୍ଭ କରନ୍ତୁ।

**ଠିକ୍ ସ୍ଥାନ ବାଛନ୍ତୁ:** ଏଭଳି ଅନ୍‌ଲାଇନ୍‌ରେ ଇଣ୍ଟରଭ୍ୟୁ ଦେବା ପୂର୍ବରୁ ପ୍ରଥମେ ଏଭଳି ସ୍ଥାନ ଚୟନ କରନ୍ତୁ, ଯେଉଁଠାରେ ଇଣ୍ଟରନେଟ୍ ସଂଯୋଗ ଠିକ୍ ରହୁଥିବ ଏବଂ ଆଲୋକ ବ୍ୟବସ୍ଥା ବି ଠିକ୍ ରହିଥିବ। ଘରର କବାଟ, ଝରକାକୁ ବନ୍ଦ କରିଦିଅନ୍ତୁ ଏବଂ ଟିଭି ବନ୍ଦ କରିବା ସହିତ ମୋବାଇଲ୍ ମଧ୍ୟ ସାଇଲେଣ୍ଟ କରିଦିଅନ୍ତୁ।

**ପରିଚୟକୁ କରନ୍ତୁ ସହଜ ଓ ସରଳ:** ଡିଜିଟାଲ୍ ଦୁନିଆରେ ଆପଣଙ୍କ ଇମେଲ୍ ଆଡ୍ରେସ୍ ଏବଂ ୟୁଜର ନେମ୍ ଫାଷ୍ଟ ଇମ୍ପ୍ରେସନ୍ ଆଣିଥାଏ। ତେଣୁ ଏସବୁକୁ ସହଜ ଏବଂ ସରଳ କରିବା ସହ ନିଜ ପରିଚୟ ମଧ୍ୟ ଠିକ୍ ଲେଖିବାକୁ ଭୁଲନ୍ତୁ ନାହିଁ। ଯେପରି ଏସବୁକୁ ମନେ ରଖିବାରେ ଅସୁବିଧା ନ ହେବ।

**କମ୍ପାନୀ ବିଷୟରେ ଭଲଭାବେ ଜାଣନ୍ତୁ:** କମ୍ପାନୀ ବିଷୟରେ ଜାଣିବା ପାଇଁ ପ୍ରଥମେ କିଛି ଭିଡିଓ ଦେଖନ୍ତୁ ଏବଂ କମ୍ପାନୀର କର୍ମଚାରୀଙ୍କ ଇଣ୍ଟରଭ୍ୟୁ ଚେକ୍ କରନ୍ତୁ। ସୋସିଆଲ୍ ମିଡିଆରେ ମଧ୍ୟ ଚେକ୍ କରନ୍ତୁ। କମ୍ପାନୀ ସମ୍ପର୍କରେ ପୂର୍ବରୁ ଜାଣିଥିଲେ ଇଣ୍ଟରଭ୍ୟୁ ଦେବାକୁ ସୁବିଧା ହେବ।

**ବଡ଼ି ଲାଙ୍ଗୁଏଜ୍‌କୁ ଗୁରୁତ୍ୱ :** ଅନ୍‌ଲାଇନ୍ ଇଣ୍ଟରଭ୍ୟୁରେ ଲୋକେ ସାଧାରଣତଃ କମ୍ ଆଟେଣ୍ଟିଭ୍ ରହିଥାନ୍ତି। କିନ୍ତୁ ଏହି ଇଣ୍ଟରଭ୍ୟୁରେ ଆପଣଙ୍କ ହାବଭାବ ଓ ପ୍ରେଜେଣ୍ଟେସନ୍ ବହୁତ ପ୍ରଭାବ ପକାଏ। ତେଣୁ ଏଥିରେ ମଧ୍ୟ ଆପଣଙ୍କୁ ନିଜ ବଡିଲାଙ୍ଗୁଏଜ୍‌କୁ ନେଇ ସଜାଗ ରହିବାକୁ ହେବ।



## ଜାଣନ୍ତୁ ଦୁନିଆ



# ଟ୍ରେନ୍ ହର୍ନ

ଆପଣ ଜାଣନ୍ତି କି, ଟ୍ରେନ୍‌ରେ ଅନ୍ୟ ଗାଡ଼ି ଭଳି ମନ ଇଚ୍ଛା ହର୍ନ ବଜାଯାଇ ନ ଥାଏ। ଏଥିରେ ସ୍ଥାନ, ପରିସ୍ଥିତି ଏବଂ ସମୟ ଆଦିକୁ ଦେଖି କେତେକ ନିର୍ଦ୍ଦିଷ୍ଟ ପ୍ରକାରର ହର୍ନ ବ୍ୟବହାର କରାଯାଇଥାଏ। ଆସନ୍ତୁ ଜାଣିବା ଭାରତୀୟ ରେଳରେ ବ୍ୟବହାର ହେଉଥିବା ବିଭିନ୍ନ ହର୍ନ ଏବଂ ଏହାର ଅର୍ଥ ସମ୍ପର୍କରେ...

- ଗୋଟିଏ ଛୋଟ ହର୍ନ ବାଜିବାର ଅର୍ଥ ହେଉଛି ଟ୍ରେନ୍ ସଫା ହେବାଲାଗି ଯାଉଛି।
- ଟ୍ରେନ୍ ଷ୍ଟାର୍ଟ ହେବା ପୂର୍ବରୁ ଗାର୍ଡଙ୍କୁ ସିଗ୍‌ନାଲ୍ ଦେବା ଲାଗି ସୂଚାଇ ଦେବାକୁ ଚାଳକ ଦୁଇଟି ଛୋଟ ହର୍ନ ଦେଇଥାନ୍ତି।
- କୌଣସି କାରଣ ବଶତଃ ଟ୍ରେନ୍ ନିୟନ୍ତ୍ରଣ ହରାଇଲେ ଏହାକୁ ରୋକିବା କିମ୍ବା ବ୍ରେକ୍ କରିବାରେ ଗାର୍ଡଙ୍କ ସାହାଯ୍ୟ ଦରକାର ବୋଲି ସୂଚାଇ ଦେବାକୁ ଚାଳକ ତିନୋଟି ଛୋଟ ହର୍ନ ଦିଅନ୍ତି।
- ଯେତେବେଳେ ୪ଟି ଛୋଟ ହର୍ନ ଶୁଣିବାକୁ ମିଳେ, ଏଥିରୁ ସ୍ପଷ୍ଟ ଜଣାପଡେ ଯେ, ଦୁର୍ଘଟଣା, ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟ କୌଣସି କାରଣରୁ ଟ୍ରେନ୍ ଚଳାଚଳ ବନ୍ଦ କରାଯାଇଛି।
- ଷ୍ଟେଶନ୍‌ରୁ କ୍ଲିୟର ସିଗ୍‌ନାଲ ପାଇ ଟ୍ରେନ୍ ଛାଡିବା ପରେ ଚାଳକ ଗୋଟିଏ ଲମ୍ବା ହର୍ନ ଦେଇଥାନ୍ତି।
- ଯେତେବେଳେ ଟ୍ରେନ୍ ଷ୍ଟାର୍ଟ କରିବା ଲାଗି ଗାର୍ଡ ମେନ୍ ଲାଇନ୍ କ୍ଲିୟର ଅଛି କି ନାହିଁ ସୁନିଶ୍ଚିତ କରନ୍ତି ଏବଂ ବ୍ରେକ୍ ଛାଡିଦିଅନ୍ତି ଚାଳକ ଗୋଟିଏ ଲମ୍ବା ପରେ ଗୋଟିଏ ଛୋଟ ହର୍ନ ବଜାଇଥାନ୍ତି।
- ଗୋଟିଏ ଅଧିକ ଲମ୍ବା ହର୍ନ ଲେଭ୍ଲ୍ କ୍ରସିଂ ପାର କରିବା, ଟନେଲ୍ ମଧ୍ୟରେ ଯିବା କିମ୍ବା କୌଣସି ଷ୍ଟେଶନ୍‌ରେ ନ ଅଟକିବା ଆଦି ଭଳି କେତୋଟି ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ୟବହାର କରାଯାଇଥାଏ।
- ଟ୍ରେନ୍‌ର ଚେନ୍ ଟଣା ହେଲେ ତୁରନ୍ତ ଭାକ୍ୟୁମ୍ ବ୍ରେକ୍ ଲଗାଇବା ଲାଗି ଗାର୍ଡଙ୍କୁ ସୂଚନା ଦେବାକୁ ଚାଳକ ଗୋଟିଏ ଲମ୍ବା ହର୍ନ ପରେ ଦୁଇଟି ଛୋଟ ହର୍ନ ବଜାଇଥାନ୍ତି।
- ଆଉ ଯେତେବେଳେ ଚାଳକ କୌଣସି ଆଗାମୀ ବିପଦର ଆଶଙ୍କା କରନ୍ତି କିମ୍ବା ଭୁଲ ଟ୍ରାକ୍‌ରେ ଚାଲିଯାଆନ୍ତି ୬ଟି ଛୋଟ ହର୍ନ ବଜାଇଥାନ୍ତି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ସେପ୍ଟେମ୍ବର ୬/୨୦୨୦ Sunday, September 6/2020

**ସଂକ୍ଷେପରେ**

## ଚତୁର୍ଥ ରାଉଣ୍ଡରେ ଜୋକୋଭିଚ୍

**ନ୍ୟୁୟର୍କ, ୫।୯(ଏପି):** ୟୁଏସ୍ ଓପନ୍ ଟେନିସ ଟୁର୍ନାମେଣ୍ଟର ପୁରଷ ସିଙ୍ଗଲ୍ସ ଇଭେଣ୍ଟରେ ସିଡେଡ ଖେଳାଳିମାନେ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଟପ୍ ସିଡ୍ ସର୍ବିୟାର ନୋଭାକ ଜୋକୋଭିଚ୍ ତୃତୀୟ ରାଉଣ୍ଡରେ ଜର୍ମାନୀର ଜାନ-ଲେନାର୍ଡ ଷ୍ଟ୍ରଫଙ୍କୁ ୬-୩, ୬-୩, ୬-୧ ସିଧା ସଳଖ ସେଟ୍‌ରେ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୂର୍ବରୁ ୨୦୧୧, ୨୦୧୫ ଓ ୨୦୧୮ରେ ଜୋକୋଭିଚ୍ ୟୁଏସ୍ ଓପନ୍ ଟାଇଟଲ ହାସଲ କରିଥିଲେ ଓ ସେ ଏଥର ମଧ ଫେଭରାଇଟ୍ ବିବେଚିତ ହେଉଛନ୍ତି। ଏବେ ସେ ପରବର୍ତ୍ତୀ ପର୍ଯ୍ୟାୟରେ ୨୦ତମ ସିଡ୍ ଖେଳାଳି ସ୍ପେନ୍‌ର ପାବ୍ଲୋ କ୍ୟାରେନୋ ବୁଷ୍ଟାଙ୍କୁ ଭେଟିବେ।

## କର୍ବର, ଓସାକା, କ୍ୱିଟୋଭାଙ୍କ ଅଗ୍ରଗତି

**ନ୍ୟୁୟର୍କ,୫।୯(ଏପି):** ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ମଧ ସିଡେଡ ଖେଳାଳିମାନେ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୭ତମ ସିଡ ଖେଳାଳି ଜର୍ମାନୀର ଆଞ୍ଜେଲିକ କର୍ବର, ୨୮ତମ ସିଡ୍ ଆମେରିକାର ଜେନିଫର ବ୍ରାଡି, ୨୩ତମ ସିଡ କାଜାଖସ୍ଥାନ ଖେଳାଳି ୟୁଲିଆ ପୁଟିନଶେଭା, ଅଷ୍ଟମ ସିଡ୍ କ୍ରୋଏସିଆ ପେଟ୍ରା ମାଟ୍ରିକ୍, ଚତୁର୍ଥ ସିଡ ଜାପାନର ନାଓମି ଓସାକା, ଷଷ୍ଠ ପେଟ୍ରା କ୍ୱିଟୋଭା ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। କର୍ବର ୬-୩, ୬-୪ ସେଟ୍‌ରେ ଆମେରିକାର ଆନ୍ ଲିଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଚତୁର୍ଥ ରାଉଣ୍ଡରେ ସେ ବ୍ରାଡିଙ୍କୁ ଭେଟିବେ। ବ୍ରାଡି ତୃତୀୟ ରାଉଣ୍ଡରେ ଫ୍ରାନ୍ସର କାରୋଲିନ୍ ଗାର୍ସିଆଙ୍କୁ ୬-୩, ୬-୩ ସେଟ୍‌ରେ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ପୁଟିନସେଭା ଓ ମାଟ୍ରିକ ମୁହାଁମୁହିଁ ଏବେ ସ୍ଥିର ହୋଇଛି।

# ତୃଣମୂଳରୁ ଫୁଟ୍‌ବଲର ବିକାଶକୁ ପ୍ରାଧାନ୍ୟ

**ଭୁବନେଶ୍ୱର,୫।୯(ସ୍ପୋର୍ଟ୍ସ ବ୍ୟୁରୋ)**

ହକିରେ ଓଡ଼ିଶା ପୂର୍ବରୁ ତା'ର ଶକ୍ତି ଓ ସାମର୍ଥ୍ୟ ଦେଖାଇବାରେ ସଫଳ ହୋଇଛି। ଏବେ ଫୁଟବଲର ବିକାଶ ଉପରେ ଧ୍ୟାନ ଦିଆଯିବ। ତୃଣମୂଳରୁ ଶୀର୍ଷସ୍ତର ପର୍ଯ୍ୟନ୍ତ ଫୁଟବଲର ବିକାଶ ପାଇଁ ଏବେ ସରକାର ବଦ୍ଧପରିକର। ଏଥିପାଇଁ ସରକାର ଏକ ସକାରାତ୍ମକ ପରିବେଶ୍ ସୃଷ୍ଟି କରିବା ଉପରେ ଜୋର ଦେବେ ବୋଲି 'ଦି ଇଭୋଲ୍ୟୁଶନ ଅଫ୍ ଇଣ୍ଡିଆନ ଫୁଟବଲ' ନାମକ ଏକ ୱେବିନାରରେ ଯୋଗ ଦେଇ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଆର. ଭିନିଲ କ୍ରିଷ୍ଣା କହିଛନ୍ତି।

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ୍ ଆୟୋଜନ, ଫୁଟବଲ ହାଇ ପରଫର୍ମାନ୍ସ ସେଣ୍ଟର ସ୍ଥାପନ, ଓଡ଼ିଶା ଏଫ୍‌ସି ଲଞ୍ଚ୍ ହେବା ଓ ୨୦୨୧ରେ ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଆୟୋଜନ ଅଧିକାର ହାସଲ କରିବା ଫୁଟବଲର ବିକାଶ ନେଇ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି ବୋଲି ସେ କହିଛନ୍ତି।

୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ସୃଷ୍ଟି

**'ଦି ଇଭୋଲ୍ୟୁଶନ ଅଫ୍ ଇଣ୍ଡିଆନ ଫୁଟବଲ' ୱେବିନାର**

କରାଯାଉଛି। ପ୍ରତିଭାସମ୍ପନ୍ନ ଫୁଟବଲର ସୃଷ୍ଟି କରିବା ପାଇଁ ତୃଣମୂଳସ୍ତରରୁ ଓଡ଼ିଶା ପ୍ରୟାସ ଆରମ୍ଭ କରୁଛି। ବିଶ୍ୱରେ ମହିଳା ଫୁଟବଲକୁ ଏବେ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଓଡ଼ିଶାରେ ଅଧିକ ମହିଳା ଫୁଟବଲର ସୃଷ୍ଟି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ବୋଲି ସେ କହିଛନ୍ତି। ଅତୀତରେ ମଧ ଓଡ଼ିଶାରୁ ମହିଳା ଫୁଟବଲରମାନେ ଜାତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିବାର ଉଦାହରଣ ରହିଛି। ବର୍ତ୍ତମାନ ମଧ ଉଚ୍ଚକୋଟୀର ମହିଳା ଫୁଟବଲର ରାଜ୍ୟରେ ଅଛନ୍ତି। ଗୁଆହାଟୀରେ ଅନୁଷ୍ଠିତ ୨୧ ଓ ୧୭ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ରାଜ୍ୟ ମହିଳା ଫୁଟବଲ ଖେଳାଳିମାନେ ବ୍ରୋଞ୍ଜ୍ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ମହିଳା ଫୁଟବଲର ସାମଗ୍ରିକ ବିକାଶ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ କହିଛନ୍ତି।

ରାଜ୍ୟର ସ୍କୁଲ ଓ ପବ୍ଲିକ ପାର୍କରେ ଫୁଟବଲ କର୍ନର ସ୍ଥାପନ କରାଯିବ। ଫୁଟବଲ, ସରଞ୍ଜାମ ଓ କୋଚିଂର ସୁବିଧା ସୁଯୋଗ ମଧ ଯୋଗାଇ ଦିଆଯିବ। ଏଥିପାଇଁ ତୃଣମୂଳସ୍ତରରୁ ପ୍ରତିଭା ଚିହ୍ନଟ କରାଯିବ। ୧୩, ୧୫ ଓ ୧୮ ବର୍ଷରୁ କମ୍ ଯୁବ ଖେଳାଳିଙ୍କୁ ସୁବିଧାସୁଯୋଗ ପ୍ରଦାନ କରାଯିବ। ରାଜ୍ୟରେ ଗାଁ ଗହଳିରେ ଫୁଟବଲ ଖେଳାଯାଉଛି ଓ ଏହାର ଲୋକପ୍ରିୟତା ମଧ ରହିଛି। ରେସିଡେନ୍ସିଆଲ ସ୍ପୋର୍ଟ୍ସ ହଷ୍ଟେଲ କୋଚିଂ ପ୍ରୋଗ୍ରାମ୍‌କୁ ମଧ ପ୍ରାଧାନ୍ୟ ଦିଆଯିବ। ଫୁଟବଲର ହେବା ପାଇଁ ଲକ୍ଷ୍ୟ ରଖିଥିବା ପିଲାଙ୍କ ପାଇଁ ଓଡ଼ିଶା ଏଫ୍‌ସି ୟୁଥ୍ ପ୍ରୋଗ୍ରାମ କାମରେ ଆସିବେ ଓ ସେମାନେ ନିଜ ପ୍ରତିଭା ଓ ଦକ୍ଷତା ବଳରେ ଓଡ଼ିଶା ଏଫ୍‌ସି ତରଫରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମଧ ପାଇବେ। ଦେଶର ସର୍ବବୃହତ କ୍ଲବ ପ୍ରତିଯୋଗିତା ଇଣ୍ଡିଆନ ଓମ୍ୟାନ ଲିଗ୍‌ରେ ଓଡ଼ିଶା ଏଫ୍‌ସି ତା'ର ଏକ ଦଳ ସାମିଲ କରିବ। ଓଡ଼ିଶାକୁ ଫୁଟବଲର ଅନୁଚିଶାଳ କରିବା ଲକ୍ଷ୍ୟରେ ରହିଛୁ ବୋଲି କ୍ରିଷ୍ଣା କହିଛନ୍ତି।

# ବୋପାନ୍ନା-ଡେନିସ ୨ୟ ରାଉଣ୍ଡରେ



ମ୍ୟାଚ୍ ଜିତିବା ପରେ ଡେନିସ ଶାପୋଭାଲୋଭ ଓ ରୋହନ ବୋପାନ୍ନା।

**ନ୍ୟୁୟର୍କ, ୫।୯(ପି.ଟି.)**

କାନାଡ଼ିଆନ ପାର୍ଟନର ଡେନିସ ଶାପୋଭାଲୋଭଙ୍କୁ ସାଥୀକରି ଭାରତର ରୋହନ ବୋପାନ୍ନା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୋପାନ୍ନା-ଶାପୋଭାଲୋଭ ପ୍ରଥମ ରାଉଣ୍ଡରେ ଆମେରିକୀୟ ପ୍ରତିଦ୍ୱନ୍ଦ୍ୱୀ ଏର୍ନେଷ୍ଟୋ ଏସ୍କୋବେଡୋ ଓ ନୋଆ ରୁବିନ ଯୋଡ଼ିଙ୍କୁ ୬-୨, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ମ୍ୟାଚଟି ୧ ଘଣ୍ଟା ୨୨ ମିନିଟଧରି ଚାଲିଥିଲା। ଏହି ଭାରତ-କାନାଡ଼ା ଯୋଡ଼ି ତୃତୀୟ ରାଉଣ୍ଡରେ କେଭିନ କ୍ରାୱିଜ୍ ଓ ଆନ୍ଦ୍ରିଆସ ମିଏସଙ୍କୁ ଭେଟିବେ। ସୁମିତ ନାଗାଲ ଓ ଡିଭିଜ ଶରନ ହାରିଯାଇଥିବାରୁ ଏକମାତ୍ର ଭାରତୀୟଭାବେ ବୋପାନ୍ନା ପ୍ରତିଯୋଗିତାରେ ଟିକ୍ସି ରହିଛନ୍ତି।

# ପେରେସଙ୍କ ବିଶ୍ୱ ରେକର୍ଡ

**ପ୍ରେଗ୍, ୫।୯(ଏପି)**

କେନିଆର ପେରେସ ଜେପ୍‌ଚିର୍‌ଚିର ଏଠାରେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଏକମାତ୍ର ହାଫ୍ ମାରାଥନରେ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ସେ ୧ ଘଣ୍ଟା ୫ ମିନିଟ ୩୪ ସେକେଣ୍ଡ ନେଇ ଏହି

**ମହିଳା ହାଫ୍ ମାରାଥନ**

ସଫଳତା ପାଇଛନ୍ତି। ପ୍ରତିଯୋଗିତାରେ ଅଳ୍ପ ସଂଖ୍ୟକ ରନର ଭାଗ ନେଇଥିବାବେଳେ ଚେକ୍ ରାଜଧାନୀର ଲେଟ୍‌ନା ପାର୍କରେ ଆୟୋଜିତ ରେସ୍‌ରେ ୨୬ ବର୍ଷୀୟା ପେରେସ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ପୂର୍ବରୁ ବିଶ୍ୱ ରେକର୍ଡ ଟାଇମିଂ ଥିଲା ୧:୦୬.୧୧ ସେକେଣ୍ଡ। ସ୍ପେନର ଭଲେନ୍ସିଆରେ ୨୦୧୮ରେ ଅନୁଷ୍ଠିତ




ପେରେସ ଜେପ୍‌ଚିର୍‌ଚିର

ୱାର୍ଲ୍ଡ ହାଫ୍ ମାରାଥନ ଚାମ୍ପିୟନଶିପ୍‌ରେ ଇଥିଓପିଆର ନେଟସାନେଟ ଗୁଡେଟା ଏହି ସମୟ ନେଇ ଏପର୍ଯ୍ୟନ୍ତ ରେକର୍ଡର ଅଧିକାରିଣୀ ଥିଲେ। ''ମୁଁ ୧:୦୪.୫୦ ସେକେଣ୍ଡରେ ରେସ୍ ଶେଷ କରିବାକୁ ଯୋଜନା କରିଥିଲି। ତେବେ ମୋ ପ୍ରଦର୍ଶନରେ ଖୁସି'' ବୋଲି ଜେପ୍‌ଚିର୍‌ଚିର ପ୍ରକାଶ କରିଛନ୍ତି।

# ସରୋଜ ମହାସୁଆର ପୁରସ୍କାର ସ୍ଥଗିତ

**ଭୁବନେଶ୍ୱର, ୫।୯(ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ବର୍ଷର 'ସରୋଜ ମହାସୁଆର ସ୍ମୃତି ସମ୍ମାନ' ପ୍ରଦାନ କାର୍ଯ୍ୟକ୍ରମକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖାଯାଇ ଏପରି ନିଷ୍ପତ୍ତି ନିଆଯାଇଛି। ପରିସ୍ଥିତିରେ ସୁଧାର ଆସିଲେ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସ୍ମୃତି କମିଟିର ଆବାହକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି। ଦୀର୍ଘ ୧୭ ବର୍ଷ ଧରି କ୍ରମାଗତଭାବେ ଏହି ସମ୍ମାନ ବର୍ଷର ଶ୍ରେଷ୍ଠ ଯୁବ କ୍ରିକେଟର୍ ଏବଂ ଶ୍ରେଷ୍ଠ ଅମ୍ପାୟରଙ୍କୁ ପ୍ରଦାନ କରାଯାଇ ଆସୁଛି। ସୂଚନାଯୋଗ୍ୟ, ଜଣାଶୁଣା ଅମ୍ପାୟର ସରୋଜ ମହାସୁଆର ୨୦୦୨ରେ କଟକରେ ଆନ୍ତଃଜିଲା କ୍ରିକେଟ ପ୍ରତିଯୋଗିତାର ଏକ ମ୍ୟାଚ୍ ପରିଚାଳନା କରି ଭୁବନେଶ୍ୱର ଫେରୁଥିବାବେଳେ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

# ଶେଷ ବଲରେ ଜିତିଲା ଇଂଲଣ୍ଡ

**ସାଉଥାମ୍ପଟନ,୫।୯(ଏପି)**

ପ୍ରଥମ ଟି୨୦ ମ୍ୟାଚ୍‌ରେ ଘରୋଇ ଇଂଲଣ୍ଡ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆକୁ ଶେଷ ବଲରେ ମାତ୍ର ୨ ରନରେ ପରାସ୍ତ କରିଛି। ସ୍ଥାନୀୟ ରୋଜ ବାଓଲ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ଏହି ରୋମାଞ୍ଚକ ମୁକାବିଲାରେ ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୬ ଉଇକେଟ ହରାଇ ୧୬୦ ରନରେ ସୀମିତ ରହି ପରାସ୍ତ ହୋଇଛି। ଏଥିସହ ୩ ମ୍ୟାଚବିଶିଷ୍ଟ ଏହି ସିରିଜରେ ଇଂଲଣ୍ଡ ୧-୦ରେ ଅଗ୍ରଣୀ ହାସଲ କରିଛି। ୪୩ ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୩ ଛକା ସହ ୬୬ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଇଂଲଣ୍ଡର ଡେଭିଡ ମଲାନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

୧୬୩ ରନ ଟାର୍ଗେଟ୍‌ର ପିଛା କରି ଅଷ୍ଟ୍ରେଲିଆ ଭଲ ଆରମ୍ଭ କରିଥିଲେ ମଧ ଏହାର ଫାଇଦା ଉଠାଇପାରି ନ ଥିଲା। ପ୍ରଥମ ଉଇକେଟରେ ଅଧିନାୟକ ଆରୋନ ଫିଞ୍ଚ୍ ଓ ଓପନର ଡେଭିଡ୍ ୱାର୍ନର ୬୬ ବଲରୁ ୯୮ ରନ ସଂଗ୍ରହ କରିଥିଲେ। ଫିଞ୍ଚ୍ ୪୬ ରନ କରି ଆଉଟ ହେବା ପରେ ଷ୍ଟିଭେନ୍ ସ୍ମିଥ୍ ୧୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ୱାର୍ନର ୪୭ ବଲରୁ ୪ ଚୌକା ସହ ୫୮ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅଷ୍ଟ୍ରେଲିଆ ୧୪ ବଲରୁ ୯ ରନରେ ୪ ଉଇକେଟ ହରାଇବା ପରେ ବିଜୟ ପାଇଁ ଶେଷ ୩ ଓଭରରେ ୨୬ ରନ ଆବଶ୍ୟକ କରୁଥିଲା। ତେବେ ଶେଷରେ ଦଳ ବିଜୟଠାରୁ ୩ ରନ ଦୂରରେ ରହିଯାଇଥିଲା। ବୋଲିଂରେ ଇଂଲଣ୍ଡ ତରଫରୁ ଜୋଫ୍ରା ଆର୍ଚର ଓ ଆଦିଲ ରସିଦ ୨ଟି ଲେଖାଏ, ମାର୍କ ଉଡ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ତରଫରୁ ଓପନର ଜୋଶ ବଟଲର ୨୯ ବଲରୁ ୫ ଚୌକା ଓ ୨ ଛକା ସହ ୪୪, ମଲାନ ୬୬ ରନକରି ଆଉଟ ହୋଇଥିବା ବେଳେ କ୍ରିସ ଜୋର୍ଡାନ ୧୪ ରନ କରି ଅପରାଜିତ ରହିଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ